

ରାଜନୀତି ଓ ପରିବାର ସହ ସମ୍ପର୍କ ତୁଟାଇଲେ ରୋହିଣୀ
ପୃଷ୍ଠା ୫

ସଞ୍ଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 233 | ଭାଗ ୩୩ | ସଂଖ୍ୟା ୨୩୩ | Sunday 16 November 2025 | Page 8 Rs. 5.00 | ● ଭୁବନେଶ୍ୱର ରବିବାର ୧୬ ନଭେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

ସରକାର ଗଠନ ନେଇ ଅଙ୍କକଷା ଆରମ୍ଭ

ବିହାର ଦେଖିବ ପ୍ରଥମ ବିଜେପି ମୁଖ୍ୟମନ୍ତ୍ରୀ!

- ଅବସର ନେଇପାରନ୍ତି ନୀତୀଶ
- ଜେଡିୟୁକୁ ମିଳିପାରେ ଉପମୁଖ୍ୟମନ୍ତ୍ରୀ ପଦ
- ତୃତୀୟ ଥର ପାଇଁ ବିଜେପି ସବୁଠାରୁ ବଡ଼ ଦଳ



ପାଟନା,୧୫।୧୧: ଗତକାଲି ବିହାର ନିର୍ବାଚନ ଫଳାଫଳ ବାହାରିବା ପରେ ଏନ୍‌ଡିଏକୁ ୨୦୦ରୁ ଊର୍ଦ୍ଧ୍ୱ ଆସନ ମିଳିଛି। ବିହାରବାସୀ ମହାମେଣ୍ଟକୁ ଝଟ୍‌କା ଦେବା ସହ ବିଜେପି ଓ ଜେଡି(ୟୁ) ପରି ପ୍ରମୁଖ ଦଳମାନଙ୍କୁ ନେଇ ଗଠିତ ଏନ୍‌ଡିଏକୁ ସ୍ପଷ୍ଟ ବହୁମତ ଦେଇଛନ୍ତି। ତେବେ ଫଳାଫଳ ସାମ୍ନାକୁ ଆସିବା ପରେ ଏନ୍‌ଡିଏର ଦଳମାନଙ୍କ ମଧ୍ୟରୁ ସରକାରରେ କିଏ କେଉଁ ପଦ ନେବ, ତାକୁ ନେଇ ଅଙ୍କକଷା ଆରମ୍ଭ ହୋଇଯାଇଛି। ବିଶେଷକରି ବିହାର ନିର୍ବାଚନ ପୂର୍ବରୁ ଜେଡି(ୟୁ) ମୁଖ୍ୟ ନୀତୀଶ କୁମାରଙ୍କୁ ମୁଖ୍ୟମନ୍ତ୍ରୀ କରାଯିବ ବୋଲି ଘୋଷଣା ହୋଇଥିଲେ ହେଁ ପୃଷ୍ଠା-୬

ଜନଜାତି ବିକାଶକୁ ମୋହନ ସରକାରଙ୍କ ଗୁରୁତ୍ୱ

ସୁନ୍ଦରଗଡ଼କୁ ୧୯୫୪ କୋଟିର ପ୍ରକଳ୍ପ ଭେଟି

- ୧୩୪୫ କୋଟିର ପ୍ରକଳ୍ପ ଉଦ୍‌ଘାଟିତ, ୬୦୯ କୋଟିର ଶିଳାନ୍ୟାସ
- ବିର୍ସା ମୁଣ୍ଡାଙ୍କ ନାମରେ ରାସ୍ତା ନାମିତ



ଭୁବନେଶ୍ୱର,୧୫।୧୧(ସଂଚାର ବ୍ୟୁରୋ): ରାଜ୍ୟର ଜନଜାତି ସମ୍ପ୍ରଦାୟଙ୍କ ସର୍ବାଙ୍ଗୀନ ବିକାଶ ସହ ସେମାନଙ୍କୁ ସଶକ୍ତ କରିବା ଲାଗି ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ଜଙ୍ଗଲ ଜମି ଅଧିକାର ଓ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ୍ ମାଧ୍ୟମରେ ଜନଜାତି ପରିବାରକୁ ଜୀବନ ଜୀବିକାରେ ସହାୟତା ପ୍ରଦାନ ପୂର୍ବକ ସେମାନଙ୍କୁ ସଶକ୍ତ କରାଯାଉଛି। ଜନଜାତି ଛାତ୍ରଛାତ୍ରୀଙ୍କ ସ୍କୁଲ ଡ୍ରପଆଉଟ୍ ହାର ରୋକିବା ପାଇଁ ଶହୀଦ ମାଧୋ ସିଂ ହାତଖର୍ଚ୍ଚ ଯୋଜନାରେ ଆର୍ଥିକ ସହାୟତା ଦିଆଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଜନଜାତି ସଶକ୍ତିକରଣର ସବୁଠାରୁ ବଡ଼ ଉଦାହରଣ ହେଉଛନ୍ତି ଦେଶର ମହାମହିମ ରାଷ୍ଟ୍ରପତି ଓ ସେ ନିଜେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଆଜି ରାଉରକେଲାଠାରେ ଆୟୋଜିତ ସହିଦ ବିର୍ସା ମୁଣ୍ଡାଙ୍କ ରାଜ୍ୟସ୍ତରୀୟ ୧୫୧ତମ ଜୟନ୍ତୀ 'ଜନଜାତୀୟ ଗୌରବ ଦିବସ' କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ମୁଖ୍ୟମନ୍ତ୍ରୀ ଉପରୋକ୍ତ ମତ ବ୍ୟକ୍ତ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆଜି ରାଉରକେଲାଠାରେ ସୁନ୍ଦରଗଡ ଜିଲ୍ଲା ପାଇଁ ମୋଟ ୧୯୫୪ କୋଟି ଟଙ୍କାର ପ୍ରକଳ୍ପ ଭେଟି ଦେଇଛନ୍ତି। ଏଥିରେ ୧୩୪୫ କୋଟି ମୂଲ୍ୟର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ୬୦୯ କୋଟି ଟଙ୍କା ମୂଲ୍ୟର ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ରହିଛି। ଏଥିସହ ମୁଖ୍ୟମନ୍ତ୍ରୀ ରାଉରକେଲା ସହରର ହନୁମାନ ବାଟିକା ଛକରୁ ପାୱାର ହାଉସ୍ ଛକ ପର୍ଯ୍ୟନ୍ତ ରାସ୍ତାକୁ ଭଗବାନ ବିର୍ସା ମୁଣ୍ଡାଙ୍କ ନାମରେ ମଧ୍ୟ ନାମିତ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଭଗବାନ ବିର୍ସା ମୁଣ୍ଡାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ସେ ଜଣେ ଦେଶପ୍ରେମୀ ସଂଗ୍ରାମୀ ଭାବେ ଭାରତ ଇତିହାସରେ ସବୁଦିନ ପାଇଁ ଅମର ହୋଇ ରହିବେ ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଇଂରେଜ ଶାସନ ସମୟରେ ବିର୍ସା ଅନ୍ୟାୟ, ଅତ୍ୟାଚାରକୁ ବିରୋଧ କରି ବିହାର, ଝାଡଖଣ୍ଡ ଅଞ୍ଚଳର ସଂଗ୍ରାମୀମାନଙ୍କୁ ଏକାଠି ଏକ ବଡ଼ ପୃଷ୍ଠା-୬

ବିଜେପି ରାଜ୍ୟ କାର୍ଯ୍ୟାଳୟରେ ବିଜୟ ସମ୍ବର୍ଦ୍ଧନା ଉତ୍ସବ

ଜୟ ହେବେ ନୂଆପଡ଼ା ବିକାଶର ସାରଥି

- ବେଇମାନ କହିବାର ଫଳ ଭୋଗିଛି ବିଜେଡି
- ନୂଆପଡ଼ାବାସୀ ଡବଲ ଇଞ୍ଜିନକୁ ଆପଣେଇଛନ୍ତି
- ୨୪ ବର୍ଷ ଧରି ବିକାଶଠାରୁ ଦୂରେଇଯାଇଥିଲା ନୂଆପଡ଼ା
- ପୂର୍ବ ସରକାରରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିପାରୁନଥିଲେ ନେତା



ଭୁବନେଶ୍ୱର,୧୫।୧୧(ସଂଚାର ବ୍ୟୁରୋ): ନୂଆପଡ଼ା ବିଜୟ ପରେ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ବିଜୟ ଉତ୍ସବ। ଜୟ ଢୋଲକିଆଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କୁ ସ୍ୱାଗତ କରିବା ସହ ବିଜୟ ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ଜୟ ତାଙ୍କ ମା'ଙ୍କ ସହ ରାଜ୍ୟ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ସଭାପତି ମନମୋହନ ସାମଲ ଓ ଅନ୍ୟ ବିଧାୟକ ଏବଂ ବରିଷ୍ଠ ନେତାମାନେ ତାଙ୍କୁ ସ୍ୱାଗତ କରିଥିଲେ। ସମ୍ବର୍ଦ୍ଧନା ସଭା ମଞ୍ଚରୁ ପୁଣି ଥରେ ମୁଖ୍ୟମନ୍ତ୍ରୀ ବିରୋଧୀ ଦଳ ନେତାଙ୍କୁ ଟାର୍ଗେଟ କରିଛନ୍ତି। ଜୟ ଢୋଲକିଆଙ୍କୁ ବେଇମାନ କହିବାର ପରିଣାମ ବିଜେଡି ଭୋଗିଛି ବୋଲି ସେ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ନୂଆପଡ଼ାରେ ଆମର ଅଭୂତପୂର୍ବ ବିଜୟ ହୋଇଛି। ଆଜି ବିଜେପିର ଯେଉଁ ବିଜୟ ହୋଇଛି, ସେଥିପାଇଁ ମୁଁ ନୂଆପଡ଼ାବାସୀଙ୍କ ଧନ୍ୟବାଦ ଦେବି। ୬ ମାସ ପୂର୍ବରୁ ନୂଆପଡ଼ା ଯାଇଥିଲି ନୂଆପଡ଼ାବାସୀ ଆମ ସରକାରଙ୍କ ପ୍ରତି ଯେଉଁ ଭଲ ପାଇବା ଦେଇଥିଲେ ତାହା ଆଜି ପ୍ରମାଣିତ ହୋଇଛି।

୨୪ ବର୍ଷ ଧରି ଅବହେଳାର ଶିକାର ହୋଇଥିଲା ନୂଆପଡ଼ା। ନୂଆପଡ଼ାବାସୀ ଆଶା ବାନ୍ଧି ବସିଥିଲେ କି ସରକାର ପରିବର୍ତ୍ତନ ହୋଇଛି, ସେମାନଙ୍କ ବିକାଶ ହେବ। ତାହା ଆଜି ପୃଷ୍ଠା-୬

୪୪୩୩ ନୂଆ ନର୍ସିଂ ଅଫିସର ପଦ ସୃଷ୍ଟି

- ବିଏଲ୍‌ଓ ଭାବେ କାର୍ଯ୍ୟ କରିବେ
- ଅର୍ଥ ବିଭାଗ ଦେଇସାରିଛି ଅନୁମତି



ଭୁବନେଶ୍ୱର,୧୫।୧୧ (ସଂଚାର ବ୍ୟୁରୋ): ରାଜ୍ୟ ସରକାର ସ୍ୱାସ୍ଥ୍ୟ ସେବାକୁ ଅଧିକ ସରଳ, ଶୃଙ୍ଖଳିତ ଏବଂ ଲୋକାଭିମୁଖୀ କରିବା ପାଇଁ ୪୪୩୩ଟି ନୂତନ 'ନର୍ସିଂ ଅଫିସର' ପଦ ସୃଷ୍ଟି କରିଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ଅନୁମୋଦନ ପରେ ଓଡ଼ିଶା ନର୍ସିଂ ସେବା କ୍ୟାଡରର ଏହି ପଦଗୁଡ଼ିକ ସୃଷ୍ଟି କରାଯାଇଛି। ଏହି ପଦଗୁଡ଼ିକ ସୃଷ୍ଟି ହେବା ଫଳରେ ସେମାନେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଉପସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ (ବିଏଲ୍‌ଓ) ଭାବେ କାର୍ଯ୍ୟ କରିବେ। ସରକାରଙ୍କ ଏହି ସିଦ୍ଧାନ୍ତ ଫଳରେ ରୋଗୀସେବା ଓ ନର୍ସିଂ ପରିଚାଳନାରେ ଶୃଙ୍ଖଳାବଦ୍ଧତା ବୃଦ୍ଧି ପାଇବ। ହସ୍ପିଟାଲ ପ୍ରତିଷ୍ଠାନ ରେ ନର୍ସିଂସେବାର ମାନ ବୃଦ୍ଧି ପାଇବ ବୋଲି ମନ୍ତ୍ରୀ ଡ. ମହାଲିଙ୍ଗ ଆଶା ପ୍ରକାଶ କରିଛନ୍ତି। ସେହିପରି ଏହି ପଦକ୍ଷେପ ରାଜ୍ୟର ସ୍ୱାସ୍ଥ୍ୟ ପରିବେଶକୁ ଆଗାମୀ ଦିନରେ ଅଧିକ ଦକ୍ଷ ଓ ପ୍ରତିବଦ୍ଧ କରିବାରେ ସହାୟକ ହେବ ବୋଲି ସେ ମଧ୍ୟ ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ମିଳିଥିବା ସୂଚନାନୁସାରେ, ଏହି ପଦବୀଗୁଡ଼ିକୁ ଅର୍ଥ ବିଭାଗ ସହମତି ଦେଇଛି। ଏହାର ଆଗାମୀ ନିୟମାବଳୀ ଯଥା ପରୀକ୍ଷା, ପ୍ରଶିକ୍ଷଣ, ପୋଷ୍ଟିଂ ଆଦି ନେଇ ବିଭାଗ ପକ୍ଷରୁ ଖୁବଶୀଘ୍ର ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଜଣାପଡ଼ିଛି।

ବିସ୍ଫୋରଣରେ ଥାନା ଛିନ୍ନଛତ୍ର: ୯ ମୃତ, ୨୯ ଆହତ



- ଆତଙ୍କବାଦୀଙ୍କଠାରୁ ଜବତ ହୋଇଥିଲା ବିସ୍ଫୋରକ
- ଯାଞ୍ଚ ବେଳେ ଘଟିଲା ଅଘଟଣ

ଶ୍ରୀନଗର,୧୫।୧୧: ଜମ୍ମୁ-କଶ୍ମୀରର ଶ୍ରୀନଗରରେ ଭୟଙ୍କର ବିସ୍ଫୋରଣ ହୋଇଛି। ଆତଙ୍କବାଦୀଙ୍କଠାରୁ ଜବତ ହୋଇଥିବା ବିସ୍ଫୋରକ ଥାନାରେ ଘଟାଇଛି ବିସ୍ଫୋରଣ। ଏଥିଯୋଗୁ ଛିନ୍ନଛତ୍ର ହୋଇଯାଇଛି ଶ୍ରୀନଗରୀର ନୌଗାମ ଥାନା ଓ ଏହାର ଆଖପାଖ ଅଞ୍ଚଳ। ବିସ୍ଫୋରଣର ଶବ୍ଦରେ ପୂରା ଅଞ୍ଚଳରେ ଖେଳି ଯାଇଥିଲା ଆତଙ୍କ। ଏଥିରେ ୯ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୯ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଅଧିକାଂଶ ପୁଲିସ୍ କର୍ମଚାରୀ ଓ ଫରେନ୍ସିକ ଟିମର ସଦସ୍ୟ ରହିଛନ୍ତି। ଜବତ ବିସ୍ଫୋରକକୁ ସେମାନେ ଯାଞ୍ଚ କରୁଥିବା ବେଳେ ଏପରି ବିସ୍ଫୋରଣ ହୋଇଛି। ପରିଚାଳନାଗତ ତ୍ରୁଟି ଯୋଗୁଁ ଏଭଳି ଘଟିଛି ବୋଲି ଜମ୍ମୁ- ପୃଷ୍ଠା-୬

ଭକ୍ତଙ୍କୁ ଦିଶୁନି ନିଜ କାଛୁ

- ଦ୍ୱିତୀୟ ସ୍ଥାନ ପାଇ ବହପ ଦେଖାଉଛନ୍ତି
- ସଭାପତିଙ୍କୁ ଘେରିଲେଣି ବିଦ୍ରୋହୀ ନେତା



ଭୁବନେଶ୍ୱର,୧୫।୧୧(ସଂଚାର ବ୍ୟୁରୋ): ପିସିସି ସଭାପତି ଭକ୍ତ ଦାସଙ୍କ ପାଇଁ ନୂଆପଡ଼ା ଉପନିର୍ବାଚନ ପ୍ରଥମ ଏସିଡ୍ ଟେଷ୍ଟ ଥିଲା। ଆଉ ସେଥିରେ ସେ ଫେଲ ହୋଇଛନ୍ତି। ହେଲେ ନିଜ ପଛରେ ହୋଇଥିବା କାଣ୍ଡୁ ପିସିସି ସଭାପତିଙ୍କୁ ଦିଶୁନି। ବରଂ ସେ ବିଜେଡି ତୃତୀୟ ସ୍ଥାନକୁ ଯାଇଥିବାରୁ ବହପ ଦେଖାଉଛନ୍ତି। ନୂଆପଡ଼ା ବିଫଳତା ପରେ ଆତ୍ମସମୀକ୍ଷା ପରିବର୍ତ୍ତେ ରାଜ୍ୟରେ କଂଗ୍ରେସ ବିକଳ୍ପ ବିରୋଧୀ ଦଳ ହେବ ବୋଲି ଦାବି କରୁଛନ୍ତି।


ବିହାର ଫଳାଫଳ ପରେ କଂଗ୍ରେସ ଯେ ଜାତୀୟ ରାଜନୀତିରେ ପୁଣି ଥରେ ନିଜ ସ୍ଥିତି ଜାହିର କରିପାରିବ, ସେନେଇ ଯଥେଷ୍ଟ ସନ୍ଦେହ ସୃଷ୍ଟି ହୋଇଛି। ନୂଆପଡ଼ାରେ ମଧ୍ୟ କଂଗ୍ରେସଠାରୁ ଯାହା ଆଶା କରାଯାଉଥିଲା ତାହା ଫଳପ୍ରଦ ହୋଇନାହିଁ। ଘାସିରାମ ମାଝୀ ସ୍ୱାଧୀନ ଭାବେ ଛିଡ଼ା ହୋଇ ଗତ ବର୍ଷର ସାଧାରଣ ନିର୍ବାଚନରେ ୨୦୨୪ରେ ୫୦ ହଜାରରୁ ଅଧିକ ଭୋଟ୍ ପାଇଥିଲା। ୨୦୨୪ରେ ପୂର୍ବତନ ପିସିସି ସଭାପତି ଶରତ ପଟ୍ଟନାୟକ ନୂଆପଡ଼ାରୁ ଦଳୀୟ ପ୍ରାର୍ଥୀ ହୋଇ ପ୍ରାୟ ୧୪ ହଜାର ଭୋଟ ପାଇଥିଲେ। ତେଣୁ କଂଗ୍ରେସ ଓ ଘାସିରାମଙ୍କ ନିଜ ଭୋଟକୁ ମିଶାଇଲେ ୬୪ ହଜାର ଭୋଟ ଥିଲା। ଉପନିର୍ବାଚନରେ ସେତିକି ଭୋଟକୁ କାହିଁକି କଂଗ୍ରେସ ନିଜ ପାଖରେ ରଖିପାରିଲା ନାହିଁ, ତାକୁ ନେଇ ଦଳ ମଧ୍ୟରେ ବରିଷ୍ଠ ନେତାମାନେ ପ୍ରଶ୍ନ ଉଠାଉଛନ୍ତି। ଏପରିକି ଭକ୍ତଙ୍କ ଏକପାଖିଆ ନିଷ୍ପତ୍ତି ଓ କ୍ୟାମ୍ପେନ୍ ଘାସିରାମଙ୍କ ପାଇଁ ବୁମେରାଂ ହୋଇଛି ବୋଲି କିଛି ବରିଷ୍ଠ ନେତା ପରୋକ୍ଷରେ ଅଭିଯୋଗ କରୁଛନ୍ତି।

ପିସିସି ସଭାପତି ନିଜେ ଏହି ଉପନିର୍ବାଚନ ପ୍ରଚାରର ମଙ୍ଗ ଧରିଥିଲେ, ଏଥିରେ ତାଙ୍କର ଯେତିକି ପ୍ରଚାର ହେଉଥିଲା ପୃଷ୍ଠା-୬

ଦିଲ୍ଲୀ ବିସ୍ଫୋରଣର ସାଇଡ୍ ଇଫେକ୍ଟ

ଭୁବନେଶ୍ୱରରେ ଚାରିଚକିଆଙ୍କୁ ନେଇ ଛନକା

- କଳାକାଚ ଓ ଦଳୀୟ ପତାକା ଲଗାଇ ବୁଲୁଛନ୍ତି
- ଅନ୍ୟ ରାଜ୍ୟର ନମ୍ବର ଥିବା ଗାଡ଼ି ମାଳ ମାଳ



ଭୁବନେଶ୍ୱର,୧୫।୧୧(ସଂଚାର ବ୍ୟୁରୋ): ନୂଆଦିଲ୍ଲୀରେ କାର୍ ବିସ୍ଫୋରଣ ସାରା ଦେଶରେ ଭୟର ବାତାବରଣ ସୃଷ୍ଟି କରିଥିବା ବେଳେ ରାଜ୍ୟ ରାଜଧାନୀରେ ମାଳ ମାଳ ସନ୍ଦିଗ୍ଧ ଗାଡ଼ିକୁ ନେଇ ଲୋକେ ଛାନିଆ ହେବାରେ ଲାଗିଛନ୍ତି। ବିଶେଷକରି ଆଇନ୍‌କୁ ଆଖିଠାର ମାରି କଳାକାଚ ଲାଗିଥିବା ଗାଡ଼ି ଏବଂ ବିଭିନ୍ନ ଦଳୀୟ ପତାକା ମାରି ବୁଲୁଥିବା ଗାଡ଼ିକୁ ନେଇ ଲୋକେ ଚିନ୍ତିତ।

ରାଜଧାନୀର ରାସ୍ତା ଓ ଏହାର ଆଖପାଖ ଅଳରେ କଳକାଚ, ଘସରା ନମ୍ବର ପ୍ଲେଟ ଓ ବିଭିନ୍ନ ରାଜନୈତିକ ଦଳର ପତାକା ମାରି ଏକାଧିକ ଗାଡ଼ି ଚକ୍କର କାଟୁଛନ୍ତି। ରାସ୍ତାଘାଟରେ ପୁଲିସ୍‌ର ଚେକିଂ ନ ଥିବାରୁ ଏମାନଙ୍କର ଆଉ କାହାରିକୁ ପ୍ରାୟତଃ ଭୟ ନାହିଁ। ବିଶେଷକରି ଦଳୀୟ ପତାକା ମାରି ବୁଲୁଥିବା ଗାଡ଼ି ପୁଲିସ୍‌କୁ ବି ଖାତିର କରୁନାହାନ୍ତି କି ପୁଲିସ୍ ବଧ୍ୟ ଏଭଳି ଗାଡ଼ିକୁ ଅଟକାଇ ଯାଞ୍ଚ କରୁନାହିଁ। ଇତି ମଧ୍ୟରେ ରାଜଧାନୀରେ ଦିନକୁ ଦିନ ଅନ୍ୟ ରାଜ୍ୟର ଏକାଧିକ ଗାଡ଼ି ଚଲାଚଳ କରୁଥିବା ଦେଖିବାକୁ ମିଳୁଛି। ଏଭଳି ଗାଡ଼ିରେ କିଏ କେଉଁ କାମରେ କୁଆଡ଼େ ଯାଉଛି, ତାହାକୁ ଯାଞ୍ଚ କରିବା ଦାୟିତ୍ୱ ହେଉଛି ପୁଲିସ୍ ଓ ପରିବହନ ବିଭାଗର। ହେଲେ ଏହି ଦୁଇ ବିଭାଗ ନିକଟରେ ଉଭୟ ମାନବ ସମ୍ବଳ ଓ ସମୟର ଅଭାବ ରହିଛି। ଏହାକୁ ଆଳ କରି ଏବେ ରାଜ୍ୟ ରାଜଧାନୀରେ ଯେଭଳି ଗାଡ଼ିମୋଟର ଯାଞ୍ଚ ହେବା କଥା ତାହା ହେଉନାହିଁ।

ଇତି ମଧ୍ୟରେ ଦିଲ୍ଲୀ ବିସ୍ଫୋରଣ ସହ ଓଡିଶା ଲିଙ୍କ୍ ଖବର ପଦାକୁ ପୃଷ୍ଠା-୬

ବିଜେଡିର ନୂଆପଡ଼ା ପୋଷ୍ଟମର୍ଟମ କେବେ ?

- ପରାଜୟ କାରଣ ଖୋଜୁଛନ୍ତି କର୍ମୀ
- ମାମଲତକାରଙ୍କ ମୁଣ୍ଡରେ ଚଡ଼କ




ଭୁବନେଶ୍ୱର, ୧୫।୧୧ (ସଂଚାର ବ୍ୟୁରୋ): ନୂଆପଡ଼ା ଉପନିର୍ବାଚନରେ ଅତ୍ୟନ୍ତ ଲଜ୍ଜାଜନକ ପରାଜୟ ପରେ ବିଜେଡି କେବେ ଏହାର ପୋଷ୍ଟମର୍ଟମ କରିବ ତାହାକୁ ଏବେ ଦଳୀୟ କର୍ମୀମାନେ ଅପେକ୍ଷା କଲେଣି। କାରଣ ନବୀନ ପଟ୍ଟନାୟକ ଦୁଇ ଦୁଇ ଥର ନୂଆପଡ଼ା ଯିବା ଓ ଦଳର ପ୍ରାୟ ସବୁ ମାମଲତକାର ସେଠାରେ ଡେରା ପକାଇଥିଲେ ମଧ୍ୟ ବିଜେଡି କଂଗ୍ରେସ ପଛକୁ ଖସି ତୃତୀୟ ସ୍ଥାନରେ ରହିଲା। ଏହା ଏବେ କର୍ମୀଙ୍କୁ କେବଳ ଆଘାତ ଦେଇନାହିଁ, ନିଜର ଭବିଷ୍ୟତ ସଂକ୍ରାନ୍ତରେ ଚିନ୍ତା କରିବାକୁ ବି ଖୋରାକ ଯୋଗାଇଲାଣି।

କିଛି କର୍ମୀଙ୍କ କହିବାକଥା ଯେ ସାଧାରଣ ନିର୍ବାଚନରେ ପରାଜୟ ପରେ ହାରିବାର କାରଣ ଖୋଜିବାକୁ ସବୁ ସ୍ତରରୁ ଦାବି ହୋଇଥିଲା। ହେଲେ ଦଳର ମାମଲତକାରମାନେ ଏହାକୁ କୌଣସି ପ୍ରକାରେ ଏଡାଇ ଯାଇଥିଲେ। ହେଲେ ପ୍ରବଳ ତାପ ଓ ସମାଲୋଚନା ପରେ ବିଭିନ୍ନ ଜିଲ୍ଲାର ନେତାମାନେ ଦଳ ଦଳ ହୋଇ ଶଙ୍ଖଭବନରେ ହାରିବା ସଂକ୍ରାନ୍ତରେ ଆଲୋଚନା କରିଥିଲେ। ଏହାର ଫଳ ଏଇଆ ହୋଇଥିଲା ଯେ ହାରିବାର ମୂଳ କାରଣକୁ ଯିବା ବଦଳରେ ନେତାମାନେ ପରସ୍ପର ପ୍ରତି ଆକ୍ଷେପ କରିବା ସହିତ ହାତାହାତି ପର୍ଯ୍ୟନ୍ତ କଥା ଯାଇଥିଲା। ଯେଉଁଥିପାଇଁ କିଛି ପୁରୁଣା ନେତା ଦଳଠାରୁ ଦୂରେଇବା ଆରମ୍ଭ କରିଥିଲେ। ବିଜେଡି କାହିଁକି ହାରିଲା ତାହାର ପୋଷ୍ଟମର୍ଟମ ଶଙ୍ଖଭବନ ଚାରିକାନ୍ଥ ଭିତରେ ରହିଗଲା।

ଏବେ କିନ୍ତୁ ନୂଆପଡ଼ାରେ ହାରି ତୃତୀୟ ସ୍ଥାନରେ ରହିବାକୁ କର୍ମୀମାନେ ସହଜରେ ଗ୍ରହଣ କରିପାରୁ ନାହିଁ। ବୈଠକ ଡାକି ନୂଆପଡ଼ାର ପୋଷ୍ଟମର୍ଟମ କରିବାକୁ ସେମାନେ ଦାବି କଲେଣି। ଏହା କରାଗଲେ କାହାପାଇଁ ଦଳର ଏଭଳି ବିପର୍ଯ୍ୟୟ ହେଲା ତାହା ଜଣାପଡିବା ସହିତ ଭବିଷ୍ୟତ ପାଇଁ କାର୍ଯ୍ୟପନ୍ଥା ସ୍ଥିର ହୋଇପାରିବ।

କର୍ମୀଙ୍କ ମତରେ ବିଜେଡିରୁ ଟିକଟ ପାଇବା ନେଇ ଜୟ ଢୋଲକିଆ ଗଣମାଧ୍ୟମକୁ କହିଥିବାବେଳେ କ'ଣ ପାଇଁ ଶେଷ ମୁହୂର୍ତ୍ତରେ ବିଜେପି ଶିବିରକୁ ପଳାଇଲେ ତାହାର କାରଣ ପ୍ରଥମେ ଖୋଜାଯିବା ଦରକାର। କାରଣ ଏହିଠାରୁ ହିଁ ବିଜେଡିର ବିପର୍ଯ୍ୟୟ ଆରମ୍ଭ ହୋଇଥିଲା। ଜୟଙ୍କୁ ରୋକିବାରେ କେଉଁ କେଉଁ ନେତା କାହିଁକି ବିଫଳ ହେଲେ ଆଲୋଚନା ହେଲେ ତାହା ପଦାକୁ ଆସିବ। ସେହିଭଳି ବିଜେଡି ପ୍ରାର୍ଥୀ ଚୟନରେ କେଉଁ ପଦ୍ଧତି ଅବଲମ୍ବନ କରାଗଲା ଓ ନୂଆପଡ଼ାରେ କେଉଁମାନଙ୍କୁ କି ଦାୟିତ୍ୱ ଦିଆଯାଇଥିଲା ଓ ସେମାନେ କିଭଳି ତୁଲାଇଛନ୍ତି ତାହାର ବି ହିସାବ ହେବା ଦରକାର।

ନୂଆପଡ଼ାରେ ମାଳ ମାଳ ମାମଲତକାର ଡେରା ପକାଇଥିବାବେଳେ ୪୦ରୁ ଅଧିକ ସ୍ଥାନରେ ମତଦାନ କିଭଳି ୯୦ ପ୍ରତିଶତ ଅତିକ୍ରମ ପୃଷ୍ଠା-୬



କାନ ଡେରିଥା

ହାରିଗଲ ବୋଲି
ଏମିତି କାହିଁକି
ଶଙ୍ଖ ଭବନକୁ କଲ
ଲାଇଟ୍ ଜଳୁନି କୁକୁର
ଶୋଇଛି
ଅଲକ୍ଷଣା କାହିଁ ହେଲ
ସେଇତ ତମ ମହଲ ?
ଯେଉଁ ମହଲରେ
ରାତିଦିନ ବସି
ସବୁ କେଳି କରୁଥିଲ ।

■ ଦେବାଶିଷ

ଦଳ ପାଇଁ ସୁଯୋଗ: ନବୀନଙ୍କୁ ଅପେକ୍ଷା

ନୂଆପଡ଼ା ଉପନିର୍ବାଚନରେ ତୃତୀୟ ସ୍ଥାନକୁ ଖସିଥିବା ବିଜେଡି ପାଇଁ ଏବେ ବି ସୁଯୋଗ ରହିଛି। ଆଗକୁ ମଇଦାନରେ ଦୁଇ ଜାତୀୟଦଳ ବିଜେପି ଓ କଂଗ୍ରେସ ମଧ୍ୟରେ ଲଢେଇ ହେବା ଜଳ ଜଳ ଦିଶୁଥିବାରୁ ସଶକ୍ତ ଆଞ୍ଚଳିକଦଳ ହିସାବରେ ବିଜେଡି ଉଭା ହେବ। ଅନ୍ୟ ରାଜ୍ୟ ବିଶେଷକରି ବିହାର ଓ ତାମିଲନାଡୁ ଭଳି ଜାତୀୟ ଦଳ ବିଜେପି ମଧ୍ୟ କଂଗ୍ରେସକୁ ଚେକ୍ ଦେବାପାଇଁ ବିଜେଡିକୁ ସାଙ୍ଗରେ ନେଇପାରେ। ତେବେ ସବୁକିଛି ନିର୍ଭର କରୁଛି ନବୀନଙ୍କ ଉପରେ।

ନୂଆପଡ଼ା ପରାଜୟର ସମୀକ୍ଷା ସହିତ ବିଜେଡିକୁ ସଞ୍ଜିବନୀ ଦେବାପାଇଁ ନବୀନ କ'ଣ ରଣନୀତି ଆପଣେଉଛନ୍ତି ତାହା ଉପରେ ସମସ୍ତଙ୍କ ଦୃଷ୍ଟି ନିବଦ୍ଧ

କେନ୍ଦ୍ରାପଡ଼ା ବିଜେପିର ବିଜୟ ଶୋଭାଯାତ୍ରା



କେନ୍ଦ୍ରାପଡା,୧୫।୧୧(ସଂଚାର ବ୍ୟୁରୋ): ଓଡିଶାର ନୂଆପଡା ବିଧାନସଭା ଆସନ ଓ ବିହାରର ବିଧାନସଭା ପାଇଁ ହୋଇଥିବା ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ଏନଡିଏ ବିପୁଳ ବହୁ ମତରେ ବିଜୟ ଲାଭ କରିଥିବାରୁ କେନ୍ଦ୍ରାପଡା ବିଜେପି ସଙ୍ଗଠନରେ ଖୁସିର ଲହରୀ ଖେଳି ଯାଇଛି। ଉତ୍ସାହିତ ବିଜେପିର ନେତୃବୃନ୍ଦ ଓ କର୍ମୀମାନେ ଆଜି ଏକ ବିରାଟ ବିଜୟ ଶୋଭାଯାତ୍ରା ରେ ବାହାରି ସହର ପରିକ୍ରମା କରିଥିଲେ । କେନ୍ଦ୍ରାପଡା ବ୍ଲକ ନିକଟରୁ ବାହାରିଥିବା ଏହି ଶୋଭାଯାତ୍ରା ରେ ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠାଙ୍କ ସମେତ ବିଧାନସଭା ନେତ୍ରୀ ଗୀତାଞ୍ଜଳୀ ସେଠୀ, ପୂର୍ବତନ ସଭାପତି କିଶୋର କୁମାର ପଣ୍ଡା, ବୈଦନାଥ ଚାଟାର୍ଜୀ, ଉପୀନ ରାଉତ, ଅଭିମନ୍ୟୁ ଗୋଛାୟତ, ଶ୍ରୀଧର ପ୍ରଧାନ, ଅମିତାଭ ସୁଆର, ପ୍ରତାପ ଚନ୍ଦ୍ର ଦାସ, ଦୁର୍ଯ୍ୟୋଧନ ସାହୁ, ସଲିମ ଖାନ, ନେହେରୁ ସାହୁ, ବିନୋଦ ବେହେରା, ଶାନ୍ତି ସ୍ୱରୂପ ଭୂୟାଁ, ମନିନ୍ଦ୍ର ରାଉତ, ପୂର୍ଣ୍ଣ ତ୍ରିପାଠୀ, ପ୍ରଭାତ ପାଣି, ଝିଲ୍ଲୀ ଦାଶ, ପ୍ରିୟଦର୍ଶିନୀ ନନ୍ଦ, ମାନନୀ ଷଡଙ୍ଗୀ, ଜଇରାମ ବେହେରା ପ୍ରମୁଖ ବହୁ କର୍ମୀ, ମହିଳା କର୍ମୀ ଶୋଭାଯାତ୍ରାରେ ସାମିଲ ଥିଲେ ।

ପଟ୍ଟାମୁଣ୍ଡାଇ ବିଜେପିର ବିଜୟ ଶୋଭାଯାତ୍ରା



ପଟ୍ଟାମୁଣ୍ଡାଇ,୧୫।୧୧(ସଂଚାର ବ୍ୟୁରୋ): ସଦ୍ୟ ସମାପ୍ତ ବିହାର ବିଧାନସଭା ଓ ଓଡିଶାର ନୂଆପଡା ଉପନିର୍ବାଚନ ରେ ବିଜେପିର ବିପୁଳ ବିଜୟ ଖବର ମିଳିବା ପରେ ପଟ୍ଟାମୁଣ୍ଡାଇ ବିଜେପି ପକ୍ଷରୁ ଗତକାଲି ରାତିରେ ବିଜୟ ଶୋଭାଯାତ୍ରା କରାଯାଇଥିଲା । ବିଜେପି ନେତା ଓ କର୍ମକର୍ତ୍ତାମାନେ ପଟ୍ଟାମୁଣ୍ଡାଇ ରାମ ମନ୍ଦିର ଠାରୁ ବିଜୟ ଶୋଭାଯାତ୍ରାରେ ବାହାରି ପଟ୍ଟାମୁଣ୍ଡାଇ ବଜାର ପରିକ୍ରମା କରିବା ପରେ ଡାକବଙ୍ଗଳା ଛକ, ଆମ୍ବେଦକର ଛକ ଓ ବାଇପାସ ଠାରେ ବାଣ ଫୁଟାଇବା ସହିତ ମିଷ୍ଟାନ୍ନ ବଣ୍ଟନ କରି ବିଜୟ ଉତ୍ସବ ପାଳନ କରିଥିଲେ । ଏହି ବିଜୟ ଶୋଭାଯାତ୍ରାରେ ଜିଲ୍ଲା ବିଜେପି ଉପସଭାପତି ଆଡ଼ଭୋକେଟ ସଞ୍ଜୟ ସାହୁ, ପୂର୍ବତନ କାଉନ ସିଲର ଆଡ଼ଭୋକେଟ ଭାରତ ଭୂଷଣ ଦାସ (ବାବୁ), କାଉନସିଲର ବିଦ୍ୟାଧର ସେଠୀ, ଯୁବନେତା ମିଟୁ ମନୋଜ ନାୟକ, ଆଡ଼ଭୋକେଟ ପ୍ରମୋଦ ସାହୁ ପାରେଶ୍ୱର ପାତ୍ର, ଯୁବନେତା ପରେଶ ସାହୁ,ଅମୂଲ୍ୟ ପରିଡା,ଉପେନ୍ଦ୍ର ନାୟକ ଶଶିକାନ୍ତ ସ୍ୱାଇଁ, ସମୀର ପାତ୍ର ଜ୍ୟୋତି ପ୍ରକାଶ ପ୍ରଧାନ,ଜିଲ୍ଲା ଏସ ସି ସଭାପତି ଅକର୍ତ୍ତ୍ୟାମୀ ମଲିକ ନଗର ସଭାପତି ଅଶୋକ ସାହୁ, ସୁଧାଂଶୁ ଜେନା, ବିଦ୍ୟାଧର ମଲିକ, ରବୀନ୍ଦ୍ର ବିଶ୍ୱାଳ ୧୭ନଂ ଜୋନ ସଭାପତି ସ୍ୱାଗତ ଦାସ, ଦୀପକ ମଲିକ ଚନ୍ଦନ ପାତ୍ର, ଦେବାଶିଷ ମଲିକ, ଅଭୟ ପାତ୍ର, ପ୍ରସନ୍ନ ତ୍ରିପାଠୀ,ଉତ୍ତମ ମଲିକ, ସୁଶାନ୍ତ ଦାସ, ସଞ୍ଜୟ ସ୍ୱାଇଁ, ପ୍ରତାପ ଜେନା, କ୍ଷୀରୋଦ ରାଉତ, ଅମୂଲ୍ୟ ଦାସ, ଅଶୋକ ନାୟକ ପ୍ରମୁଖ ସାମିଲ ହୋଇ ବିଜୟ ଉତ୍ସବ ପାଳନ କରିଥିଲେ ।

ସାଲେପୁର ବିଜେପି ପକ୍ଷରୁ ବିଜୟ ଉତ୍ସବ ପାଳନ



ସାଲେପୁର,୧୫।୧୧(ସଂଚାର ବ୍ୟୁରୋ): ନୂଆପଡ଼ା ଓ ବିହାରରେ ବିଜେପିର ଅଭୂତପୂର୍ବ ବିଜୟ ନେଇ ସାଲେପୁରରେ ବିଜେପି ପକ୍ଷରୁ ବିଜୟ ଉତ୍ସବ ପାଳିତ ହୋଇଯାଇଛି। ସାଲେପୁର ବିଜେପି ନେତା ତଥା ପୂର୍ବତନ ବିଜେପି ବିଧାୟକ ପ୍ରାର୍ଥୀ ଅରିନ୍ଦମ ରାୟଙ୍କ ନେତୃତ୍ୱରେ ବହୁ ନେତା ନୂଆପଡ଼ା ଯାଇ ବିଜେପିର ପ୍ରଚାରରେ ଭାଗନେଇଥିବାବେଳେ ଏହି ବିଜୟ ପାଇଁ ଅରିନ୍ଦମ ରାୟ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱକୁ ସ୍ୱାଗତ ଜଣାଇଛନ୍ତି। ଏହି ଅବସରରେ ତାଙ୍କ ନିର୍ଦେଶ କ୍ରମେ ସାଲେପୁରରେ ଆଜି ବିଜେପି ପକ୍ଷରୁ ବିଜୟ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ଶତାଧିକ ବିଜେପି କର୍ମୀ ସାଲେପୁର ତହସିଲ ଗେଟ୍ ପାଖରୁ ଏକ ଶୋଭାଯାତ୍ରାରେ ବାହାରି ସାଲେପୁର ବଜାର ପରିକ୍ରମା କରି ସାଲେପୁର କୁଆଁପାଳ ଛକରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ବିଜୟ ଉତ୍ସବ ପାଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ କଟକ ଜିଲ୍ଲା ବିଜେପିର ପୂର୍ବତନ ସଭାପତି ଚୌଧୁରୀ ହେମନ୍ତ କୁମାର ସାହୁ, ରାଜ୍ୟ ବିଜେପି କୃଷକ ମୋର୍ଚ୍ଚା ଉପସଭାପତି ସତ୍ୟବାଦୀ ଚଇନି, ଆଡ୍‌ଭୋକେଟ୍ ବିକ୍ରମ ବଳ, ନାରୀନେତ୍ରୀ ଅମିତା ସାହାଣୀ, ରେଣୁବାଳା ବାରିକ, ଅତନ୍ଦିତା ମିଶ୍ର, ସଙ୍ଗୀତା ଜେନା, ଯଶୋବନ୍ତ ରାଉତ, ଦିଲ୍ଲୀପ ରାଉତ, ପ୍ରଭାତ ସ୍ୱାଇଁ, ଅସିତ୍ ପ୍ରଧାନ, ଶିବ ଜେନା, ସତ୍ୟଶିବ ସୁନ୍ଦର କର, ମୁନା ଜେନା, ଲକ୍ଷ୍ମଣ ସାହୁ, ରମେଶ ନାୟକ, ଆକାଶ ପାତ୍ର, ପ୍ରିୟରଞ୍ଜନ ମହାପାତ୍ର, ହରେକୃଷ୍ଣ ରାଉତରାୟ, ବେଣୁଧର ପ୍ରଧାନ, ଯଶୋବନ୍ତ ଦଳାଇ ପ୍ରମୁଖ ଶତାଧିକ କର୍ମୀ ବାଜା ଓ ବାଣ ଫୁଟାଇ ସାଲେପୁର ବଜାର ପରିକ୍ରମା କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କ ସପକ୍ଷରେ ନାରାବାଜି କରି ବିଜୟ ଉତ୍ସବ ପାଳନ କରିଥିଲେ।

ଗର୍ଜିଲା ବନ୍ଧୁକ, ଭୟ ଦେଖାଇଲେ ଗୋରୁ ମାଫିଆ।

ଗୁଳିମାଡ଼ରେ ଯୁବକ ଗୁରୁତର



କେନ୍ଦ୍ରାପଡା,୧୫।୧୧(ସଂଚାର ବ୍ୟୁରୋ): ଦୀର୍ଘ ଦିନ ପରେ ପୁନର୍ବାର କେନ୍ଦ୍ରାପଡା ଜିଲ୍ଲାରେ ଗୁଳି ମାଡ଼ ହୋଇଥିବା ଦେଖିବାକୁ ମିଳିଛି। ଗୋରୁ ମାଫିଆଙ୍କ ଗୁଳି ମାଡରେ ଗୁରୁତର ହୋଇଛନ୍ତି ନରଣପୁର ଗାଁର ଅକ୍ଷୟ ଦାସ। ଗଞ୍ଜାକିଆ ଆଡୁ କେନ୍ଦ୍ରାପଡା ଅଭିମୁଖେ ଗୋରୁ ବୋଝେଇ ଗାଡ଼ିଟି ଯାଉଥିବା ସମୟରେ ନରଣପୁର ଗାଁର କିଛି ପିଲା ଗାଡ଼ିଟିକୁ ଅଟକାଇ ଥିଲେ। ଗୋରୁଗାଡି ପଛେ ପଛେ ଆସୁଥିବା ଗୋରୁମାଫିଆମାନେ ଗାଡ଼ି ଅଟକି ଥିବା ଦେଖି ଅନତି ଦୂରରେ ଠିଆ ହୋଇଥିବା ନରଣପୁର ଗାଁର ଅକ୍ଷୟ ଦାସଙ୍କୁ ଗୁଳିମାଡ କରିଥିଲେ।

ସୁଚନା ଥାଉକି ନରଣପୁର ଗାଁର କିଛି ଯୁବକ ଗୋରୁବୋଝେଇ ଗାଡିକୁ ଅଟକାଇ ରଖିଥିଲେ। କ୍ଲବ୍ ଘରେ ଶୋଇ ଥିବା ଅକ୍ଷୟ ଦାସ ପାଟିଶୁଣି ଘଟଣା କ'ଣ ଜାଣିବା ପାଇଁ ବାହାରକୁ ଉଠି ଆସିବା ବେଳେ ସେହି ସମୟରେ ଗୋରୁମାଫିଆ ସେଠାରେ ପହଞ୍ଚି ଯାଇଥିଲେ। ଅକ୍ଷୟଙ୍କୁ ଗାଡ଼ି ଅଟକାଇ ଥିବା ଭାବି ଗୁଳିମାଡ କରିଥିଲେ। ଅକ୍ଷୟଙ୍କ ଜଂଘରେ ଲାଗଛି ଗୁଳି। ଗୁଳିମାଡ ପରେ ଅକ୍ଷୟ ଗୁରୁତର ଅବସ୍ଥାରେ ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି ପରେ ଅବସ୍ଥା ଗୁରୁତର ଦେଖି ବିଭାଗୀୟ ଡାକ୍ତର ଅଧିକ ଚିକିତ୍ସା ପାଇଁ କଟକ ବଡ଼ମେଡିକାଲ ସ୍ଥାନାନ୍ତର କରିଛନ୍ତି। ଅକ୍ଷୟଙ୍କ ଜଂଘରେ ଏବେବି ଗୁଳି ରହିଛି।

ଘଟଣାସ୍ଥଳରେ ଉତ୍ତେଜନା ସୃଷ୍ଟି ହୋଇଛି। ଗୁଳିମାଡ ପରେ ଅଞ୍ଚଳରେ ଆତଙ୍କ ଖେଳି ଯାଇଛି। ଭୟରେ ଅଞ୍ଚଳର ଲୋକେ। ସଦର ପୋଲିସ ପହଞ୍ଚି ଘଟଣା ସମ୍ପର୍କରେ ଛାନଭିନ୍ କରୁଛି।

ଗହୀରମଥାରୁ ୨ଟି ଟ୍ରଲର ଜବତ, ୧୯ ମତ୍ସ୍ୟଜୀବୀ ଗିରଫ



ରାଜନଗର,୧୫।୧୧(ସଂଚାର ବ୍ୟୁରୋ): ଗହୀରମଥା ସାମୁଦ୍ରିକ ନିଷିଦ୍ଧ ଅଞ୍ଚଳରେ ବେଆଇନ ଭାବେ ମାଛ ମାରୁଥିବା ବେଳେ ବନ ବିଭାଗର ପାଟ୍ରୋଲିଂ ଟିମ ୨ଟି ଟ୍ରଲର ଜବତ କରିବା ସହ ଏଥିରେ ଥିବା ୧୯ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି। ଗହୀରମଥା ଦାଇତ୍ୱରେ ଥିବା ଏସିଏଫ ମାନସ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ଡ଼େପୁଟି ରେଞ୍ଜର କପିଳେନ୍ଦ୍ର ପ୍ରଧାନ, ଫରେଷ୍ଟର ମହନ୍ତ କୁମାର ମଲ୍ଲିକ, ସଞ୍ଜୀବ କୁମାର ଦାଶଙ୍କ ନେତୃତ୍ୱରେ ବନ ବିଭାଗର ପାଟ୍ରୋଲିଂ ଟିମ ଗହୀରମଥାର ବରୁଣେଇ ଓ ଏକକୁଳା ନିକଟରେ ଏଫବି ଦେବୀ ଚାମୁଣ୍ଡା ଓ ମାସୁଡ-୧ ନାମକ ୨ ଟିଟ୍ରଲରକୁ ଜବତ କରିଥିଲେ। ଜବତ ୨ଟି ଟ୍ରଲରରୁ ୬ କୁଇଣ୍ଟାଲ ୫ କେଜି ମାଛ, ୨ଟି ଜି ପି ଏସ, ୩ଟି ଭି ଏଚ ଏଫ, ୨ଟି ଫିସଫାଇଣ୍ଡର, ଟ୍ରଲିଙ୍ଗ ନେଟ ୧୮ ଟି ଜବତ କରାଯାଇଛି। ଟ୍ରଲରରେ ଥିବା ମତ୍ସ୍ୟଜୀବୀ ମାନେ ହେଲେ ଭରତ ସିଂ, ପୂର୍ଣ୍ଣ ଚନ୍ଦ୍ର ସିଂ, ସଜାବତ ଅଲ୍ଲୀ ସାହା, ଶେଖ ଲାଲୁ, ଶେଖ ସଲମାନ, ବିଶ୍ୱଜିତ ମାଇତି, ବାବି ସିଂ, ଚନ୍ଦନ ସିଂ, ସଞ୍ଜୀବ ପାଲ, ବିଶ୍ୱନାଥ ଦାସ, ସୁବ୍ରତ ବାର, ଖୋକନ ବାର, ଚନ୍ଦନ ପାଣିଗ୍ରାହୀ ପ୍ରମୁଖ ୧୯ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇ ବନ୍ୟ ପ୍ରାଣୀ ଆଇନି ୧୯୭୨ ରେ ମୋକଦମା ରୁଜୁ କରି କୋର୍ଟ ଚାଲାଣ କରାଯାଇଥିବା ନେଇ ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗିରଫ ମତ୍ସ୍ୟଜୀବ ମାନେ ପୂର୍ବ ମେଦିନାପୁର ଓ ବାଲେଶ୍ୱର ଜିଲ୍ଲାର ବୋଲି ଜଣାପଡ଼ିଛି।

ରାଜ୍ୟସ୍ତରୀୟ 'ସୁରଭି'ରେ ବିନୀତ ପ୍ରଥମ

କେନ୍ଦ୍ରାପଡ଼ା,୧୫।୧୧(ସଂଚାର ବ୍ୟୁରୋ): ରାଜ୍ୟ ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'ର କୁଇଜ୍ ପ୍ରତିଯୋଗିତାରେ କେନ୍ଦ୍ରାପଡାର ବିନୀତ କୁମାର ଷଡଙ୍ଗୀ ପ୍ରଥମ ହୋଇ ପୁରସ୍କୃତ ହୋଇଛନ୍ତି । କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭରତପୁର ଗ୍ରାମପାୟତ ମେହେନ୍ଦିପୁର ସ୍ଥିତ ଲାଲବାହାଦୂର ସରକାରୀ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ବିନୀତ ରାଜ୍ୟ ସ୍ତରୀୟ ଶିଶୁ ମହୋତ୍ସବ ସୁରଭିର ବରିଷ୍ଠ ବିଭାଗର କୁଇଜ୍ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି କେନ୍ଦ୍ରାପଡା ଜିଲ୍ଲା ତଥା ବିଦ୍ୟାଳୟ ପାଇଁ ଗୌରବ ଆଣିଦେଇଛନ୍ତି ।



ତ୍ରିଦିବସୀୟ ଏହି ଶିଶୁ ମହୋତ୍ସବର ଉଦଯାପନୀ ଦିବସରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଞ୍ଚ ଓ ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସଙ୍କ ଠାରୁ ବିନୀତ ପୁରସ୍କାର ଗ୍ରହଣ କରିଛନ୍ତି । ପୂର୍ବରୁ ବ୍ଲକ ଓ ଜିଲ୍ଲା ସ୍ତରୀୟ ସୁରଭିରେ ପ୍ରଥମ ହୋଇଥିବା ବିନୀତ ଜଣେ ମେଧାବୀ ଛାତ୍ର ଭାବରେ ତୃତୀୟ ଓ ପମ ଶ୍ରେଣୀ ବୃ ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ଏଥିସହିତ ଜାତୀୟ ଗ୍ରାମାଞ୍ଚଳ ମେଧାବୃତୀ ଏବଂ ପଠାଣିସାମନ୍ତ ଗଣିତ ମେଧାବୃତି ପରିକ୍ଷାରେ ଯୋଗ୍ୟତା ଅର୍ଜ୍ଜନ କରି ସମଗ୍ର ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ବିନୀତଙ୍କ ପିତା ସୁଧାଂଶୁ ଶେଖର ଷଡଙ୍ଗୀ ବୃତ୍ତୀରେ ଜଣେ ଶିକ୍ଷକ ଏବଂ ମାତା ମନୋରମା ପଣ୍ଡା ଜଣେ ସୁଗୃହିଣୀ । ନିଜ ମାତାପିତା ତଥା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ଦାସଙ୍କୁ ସେ ଏହି ସଫଳତାର ଶ୍ରେୟ ଦେଇଛନ୍ତି ।

ଏବିଭିପିର ନଗର ସମ୍ମିଳନୀ

ମାର୍ଶାଘାଇ, ୧୫।୧୧ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ନଗର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଶାଖାର ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ ପୂର୍ବ ପ୍ରାନ୍ତ ର ରାଜ୍ୟ ଉପସଭାପତି ବୈଲୋଚନ ଦାସ, ମୁଖ୍ୟବକ୍ତା ବିଭାଗ ସଂଗଠନ ସମ୍ପାଦକ ଦେବାଶିଷ ଦାଶ ଯୋଗଦେଇ ଏବିଭିପି ଏବଂ ଭଗବାନ ବିର୍ସା ମୁଣ୍ଡା ଙ୍କ ବିଷୟରେ ଆଲୋକପାତ କରିଥିଲେ। କେନ୍ଦ୍ରାପଡ଼ା ଜିଲ୍ଲା ସଂଯୋଜକ ଚିନ୍ମୟ ପ୍ରସାଦ ବାହାଲିଆ ସଂଗଠନର ଲକ୍ଷ୍ୟ, ଆଦର୍ଶ, ଏବଂ ପରିସରର କାର୍ଯ୍ୟ ବିଷୟରେ ଆଲୋକପାତ କରିବା ସହ ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ନଗର ୟୁନିଟ ଏବଂ ମାର୍ଶାଘାଇ ମହାବିଦ୍ୟାଳୟ ଏବଂ ତାରିଣୀ ମହାବିଦ୍ୟାଳୟର କ୍ୟାମ୍ପସ ୟୁନିଟ ଆଦି ଘୋଷଣା କରିଥିଲେ।



ଶିଶୁ ମହୋତ୍ସବ ଉଦ୍‌ଯାପିତ



ସାଲେପୁର,୧୫।୧୧(ସଂଚାର ବ୍ୟୁରୋ): ସାଲେପୁର ପଞ୍ଚାୟତ ସମିତି ଆନୁକୂଲ୍ୟରେ ଦୁଇଦିନ ଧରି ମଣ୍ଡଳ ସ୍ତରୀୟ ଶିଶୁ ମହୋତ୍ସବ ଶନିବାର ଦିନ ଉଦ୍‌ଯାପିତ ହୋଇଯାଇଛି। ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ମୁଖ୍ୟଅତିଥି ରୂପେ ଯୋଗଦେଇ ଶିଶୁ ମହୋତ୍ସବ ଆମ ସମସ୍ତଙ୍କୁ ପ୍ରେରଣା ଯୋଗାଇଛି ବୋଲି କହିବା ସହ ଏହି ଅବସରରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ସାଲେପୁର ବ୍ଲକ ଅଧକ୍ଷ ରାମଚନ୍ଦ୍ର ଭୋଇଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ସାଲେପୁର ବ୍ଲକ ଶିକ୍ଷାଧିକାରୀ ଲକ୍ଷେହୀରା ଲାବଣ୍ୟବତୀ ବେହେରା ଅତିଥି ରୂପେ ଯୋଗଦେଇ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କର ଭୂମିକାକୁ ପ୍ରଶଂସା କରିଥିଲେ। ପୂର୍ବତନ ବ୍ଲକ ଶିକ୍ଷାଧିକାରୀ ଜଗବନ୍ଧୁ ଶତପଥି, ପୂର୍ବତନ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ରଜନୀକାନ୍ତ ଦାଶ, ସାଲେପୁର ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ରଞ୍ଜନ କୁମାର ସାମଲ, ଫିରୋଜ ଅହେମ୍ମଦ ଖାଁ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଶେଷରେ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

ଶ୍ରୀଜଗନ୍ନାଥ ଟ୍ରଷ୍ଟ ପକ୍ଷରୁ ରାମଗିରିରେ ବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ



କେନ୍ଦ୍ରାପଡ଼ା, ୧୫।୧୧ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ସାମାଜିକ ସଙ୍ଗଠନ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପ୍ରତି ବର୍ଷ ଶୀତଦିନେ ବିଭିନ୍ନ ବିଭିନ୍ନ ସ୍ଥାନରେ ଆବଶ୍ୟକ ଅନୁସାରେ ବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ ହାତକୁ ନିଅନ୍ତି। ଚଳିତବର୍ଷ ମଧ୍ୟ ଟ୍ରଷ୍ଟ ପକ୍ଷରୁ ଗଜପତି ଜିଲ୍ଲାର ଉଦୟଗିରି ବ୍ଲକ ଅନ୍ତର୍ଗତ ରାମଗିରି ପଞ୍ଚାୟତର ଗୌଡ଼ ସାହିରେ ବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଗ୍ରାମର ଥିବା ଆବାଳ ବୃଦ୍ଧ ସମସ୍ତେ ନିଜନିଜ ଆବଶ୍ୟକ ଅନୁଯାୟୀ ପୋଷାକ ସଂଗ୍ରହ କରିଥିଲେ। ଆଜିର କାର୍ଯ୍ୟକ୍ରମକୁ ସେହି ଗ୍ରାମର ବୟସ୍କ ବ୍ୟକ୍ତି ରଙ୍କନିଧି ଗୌଡ଼ଙ୍କ ଦ୍ୱାରା ଶୁଭାରମ୍ଭ କରାଯଇଥିଲା ।

ରାଜ୍ୟସ୍ତରୀୟ 'ସୁରଭି 'ତର୍କରେ ସୌମ୍ୟ ପ୍ରଥମ



ରାଜନଗର, ୧୫।୧୧ (ସଂଚାର ବ୍ୟୁରୋ): ପବିତ୍ର ଶିଶୁ ଦିବସ ପାଳନ ଅବସରରେ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'-୨୦୨୫ ଉଦଯାପନୀ ଉତ୍ସବରେ ଆମ କେନ୍ଦ୍ରାପଡ଼ା ଜିଲ୍ଲା ତରଫରୁ ରାଜନଗର ବ୍ଲକ ଅନ୍ତର୍ଗତ ଓସ୍ତିଆ ବନ୍ଧପଟଣା ନୋଡାଲ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ର ସୌମ୍ୟ ରଞ୍ଜନ ପ୍ରଧାନ ବରିଷ୍ଠ ବର୍ଗର ତର୍କ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ସେହିପରି ଶ୍ରୀଶ୍ରୀଜଗନ୍ନାଥ ମହାବିଦ୍ୟାଳୟ, ରାଜନଗରର ଛାତ୍ରୀ ଗାୟତ୍ରୀ ନାୟକ ସୁପର ବରିଷ୍ଠ ବର୍ଗର ପ୍ରବନ୍ଧ ଲିଖନରେ ଦ୍ୱିତୀୟ ଓ ସି.ଡବ୍ଲୁ.ଏସ.ଏନ ସୁପର ବରିଷ୍ଠ ବର୍ଗର ସଂଗୀତ ବିଭାଗରେ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟ, ରାଜନଗରର ଛାତ୍ରୀ ଶୁଭଶ୍ରୀ ବେହେରା ଦ୍ୱିତୀୟ ସ୍ଥାନ ଅଧିକାର କରି ରାଜ୍ୟସ୍ତରରେ କୃତୀ ଅର୍ଜନ କରିଥିବାରୁ ରାଜନଗର ବିଧାୟକ ଧ୍ରୁବ ସାହୁ, ମଣ୍ଡଳ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀ, ବି.ଆର.ସି. ସି ଭକ୍ତିଲତା ବାରିକ, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଚିତ୍ତରଞ୍ଜନ ଜେନା, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଶିବ ପ୍ରସାଦ ବେହେରା, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସେଠୀ, ପଞ୍ଚସଖା ଶିକ୍ଷା ସେତୁ ସଂଗଠନ ସଭାପତି ବୈବ୍ରତ ନାରାୟଣ ବିଶ୍ୱାଳ, ଶିକ୍ଷକ ନେତା ହେମନ୍ତ ବାରିକ, ପ୍ରଶାନ୍ତ କୁମାର ଜେନା ସହିତ ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଓ ରାଜନଗର ଅଞ୍ଚଳର ବହୁ ଶିକ୍ଷାବିତ, ବୁଦ୍ଧିଜୀବୀ କୃତୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

ଜିଲ୍ଲାସ୍ତରୀୟ ପାଲା ଗାୟକ ପରିଷଦ ସମ୍ମିଳନୀ

କେନ୍ଦ୍ରାପଡ଼ା,୧୫।୧୧(ସଂଚାର ବ୍ୟୁରୋ): ଶ୍ରୀ ନିଳାଚଳ ନିଖିଳୋତ୍କଳ ପାଲା ଗାୟକ ପରିଷଦ ଆନୁକୂଲ୍ୟରେ ତଥା ଓଡିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ଗରାପୁରସ୍ଥିତ ଶିବାନନ୍ଦ ଆଶ୍ରମ ପରିସରରେ ଗାୟକରତ୍ନ ହରେକୃଷ୍ଣ ନାଥଶର୍ମାଙ୍କ ୧୧୫ତମ ଜୟନ୍ତୀ ଓ ଜିଲ୍ଲା ସ୍ତରୀୟ ପାଲା ଗାୟକ ପରିଷଦର ସମ୍ମିଳନୀ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଶିବାନନ୍ଦ

ସହିଦ ବିର୍ସା ମୁଣ୍ଡା ଜୟନ୍ତୀ ପାଳିତ

■ ରାଜ୍ୟ ଆଦିବାସୀ କଂଗ୍ରେସ



ଭୁବନେଶ୍ୱର,୧୫।୧୧(ସଂଚାର ବ୍ୟୁରୋ): ଆଜି ବିଶିଷ୍ଟ ଆଦିବାସୀ ସ୍ୱାଧୀନତା ସଂଗ୍ରାମୀ ସହିଦ ବିର୍ସା ମୁଣ୍ଡାଙ୍କ ୧୫ଠତମ ଜୟନ୍ତୀ ରାଜ୍ୟ କଂଗ୍ରେସ ଭବନଠାରେ ଆଦିବାସୀ କଂଗ୍ରେସ ସଭାପତି ଯଶୋବନ୍ତ ସିଂ ଲାଗୁରିଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଛି। ରାଜ୍ୟ କଂଗ୍ରେସ ଭବନଠାରେ ସର୍ବପ୍ରଥମେ ସହିଦ ବିର୍ସା ମୁଣ୍ଡାଙ୍କ ଫଟୋଚିତ୍ରରେ ପୁଷ୍ପାଞ୍ଜଳି ପ୍ରଦାନ କରାଯିବା ସହ ଏକ ସ୍ମୃତି ସଭା ଆୟୋଜିତ ହୋଇଥିଲା। ଏହି ସ୍ମୃତି ସଭାରେ ରାଜ୍ୟ ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ଆଇନଜୀବୀ ମାନସ କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସଭାପତି ତଥା ରାଜ୍ୟ ଆଦିବାସୀ କଂଗ୍ରେସ ସଭାପତି ପୂର୍ବତନ ସାଂସଦ ଯଶୋବନ୍ତ ସିଂ ଲାଗୁରି ସହିଦ ବିର୍ସା ମୁଣ୍ଡାଙ୍କ ସ୍ମୃତିଚାରଣ କରି କହିଛନ୍ତି ଯେ ସ୍ୱଳ୍প ଜୀବନକାଳ ମଧ୍ୟରେ ସହିଦ ବିର୍ସା ମୁଣ୍ଡା ଯେଉଁ ଛାପ ଛାଡ଼ିଯାଇଛନ୍ତି, ତା' ଆଗାମୀ ପିଢ଼ିକୁ ଅନ୍ୟାୟ ବିରୁଦ୍ଧରେ ଲଢ଼ିବା ପାଇଁ ପ୍ରେରଣା ଯୋଗାଇବ। ଏହି ସ୍ମୃତି ଚାରଣ ସଭାରେ ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ, ପୂର୍ବତନ ବିଧାୟକ ପ୍ରହଲ୍ଲାଦ ପୂର୍ତ୍ତି, ପିସିସି ସଂଖ୍ୟାଦିକା ଅନିମା ମିଞ୍ଜ, ପିସିସି ସଂଖ୍ୟାଦକ ମୋହନ ହେମ୍ବ୍ରମ ଯୋଗଦେଇଥିଲେ। ଶେଷରେ ଅବସରପ୍ରାପ୍ତ ପ୍ରଶାସକ କୋଟରାଜ ଡୁଙ୍ଗଡୁଙ୍ଗ ଧନ୍ୟବାଦ ଦେଇଥିଲେ।


■ ବିଜେପି ରାଜ୍ୟ କାର୍ଯ୍ୟାଳୟ



ଜନଜାତି ସମ୍ପ୍ରଦାୟଙ୍କଠାରୁ ଭଗବାନର ଆଖ୍ୟା ପାଇଥିବା ସହିଦ ବିର୍ସା ମୁଣ୍ଡା ୨୫ ବର୍ଷ ବୟସରେ ହିଁ ଭାରତର ସ୍ୱାଧୀନତା ସଂଗ୍ରାମରେ ନୂଆ ଫର୍ଦ୍ଦ ଯୋଡ଼ିଥିଲେ। ୧୮୯୭ରୁ ୧୯୦୦ ମଧ୍ୟରେ ଶ୍ରୀ ମୁଣ୍ଡା ବ୍ରିଟିଶ ସହ ଲଢ଼େଇ କରିଥିଲେ ବୋଲି ଆଜି ରାଜ୍ୟ କାର୍ଯ୍ୟାଳୟରେ ବିର୍ସା ମୁଣ୍ଡାଙ୍କ ପୁଣ୍ୟତିଥି ଉପଲକ୍ଷେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ରାଜ୍ୟ ଉପସଭାପତି ଡ. ଯତୀନ ମହାନ୍ତି କହିଛନ୍ତି। ସେ କହିଛନ୍ତି ଯେ ୧୮୯୪ରେ ଶ୍ରୀ ମୁଣ୍ଡା ଦୁର୍ଭିକ୍ଷ ଓ ମହାମାରୀ ପରେ ଜନତାଙ୍କ ଉପରୁ କର ଛାଡ଼ ପାଇଁ ବ୍ରିଟିଶ୍ ସରକାରଙ୍କ ବିରୋଧରେ ଆନ୍ଦୋଳନ କରିଥିଲେ। ଉନ୍ନବିଂଶ ଶତାବ୍ଦୀରେ ଦେଶରେ ଇଂରେଜ ଶାସନ କାଳରେ ବିର୍ସା ମୁଣ୍ଡା ଝାଡ଼ଖଣ୍ଡର ସ୍ୱାଧୀନତା ସଂଗ୍ରାମୀଙ୍କୁ ଏକାଠି କରି ବିପ୍ଳବ ଆରମ୍ଭ କରିଥିଲେ। ଆଜିର ଦିନରେ ତାଙ୍କର ଏହି ସ୍ମୃତିକୁ ମନେ ପକାଇ ଦେଶ ପାଇଁ ନିଜକୁ ଉତ୍ସର୍ଗ କରିବାକୁ ଡ. ମହାନ୍ତି ଆହ୍ୱାନ ଦେଇଛନ୍ତି। ଏହି ଶ୍ରଦ୍ଧାଞ୍ଜଳି ସଭାରେ ରାଜ୍ୟ ଉପସଭାନେତ୍ରୀ ସିପ୍ରା ବାଜପେୟୀ, ରାଜ୍ୟ ସାଧାରଣ ସଂଖ୍ୟାଦକ ଶାରଦା ପ୍ରସାଦ ଶତପଥୀ, ରାଜ୍ୟ ସଂଖ୍ୟାଦିକା ପିଙ୍କି ପ୍ରଧାନଙ୍କ ସମେତ କାର୍ଯ୍ୟକର୍ତ୍ତା ଯୋଗଦେଇ ବିର୍ସା ମୁଣ୍ଡାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

ଆଜିଠୁ ପାଳନ ହେବ ଶୂନ ମୃତାହତ ପକ୍ଷ

ବ୍ୟାପକ ଜନସଚେତନତା ସୃଷ୍ଟି କରାଯିବ: ମନ୍ତ୍ରୀ



ଭୁବନେଶ୍ୱର,୧୫।୧୧(ସଂଚାର ବ୍ୟୁରୋ): ସଡ଼କ ଦୁର୍ଘଟଣା ଓ ତଜ୍ଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ପାଇଁ ରାଜ୍ୟ ସରକାର ନିରନ୍ତର ପ୍ରୟାସ ଜାରି ରଖିଥିବା ଏ ଦିଗରେ ବ୍ୟାପକ ଜନସଚେତନତା ମୁଖ୍ୟ ଆୟୁଧ ସାବ୍ୟସ୍ତ ହେବ ବୋଲି ଅନୁଭବ କରିଛନ୍ତି। ଏଥିପାଇଁ ଆସନ୍ତାକାଲିଠାରୁ ଶୂନ ମୃତାହତ ପକ୍ଷ ପାଳନ ଆରମ୍ଭ ହେବ, ଯାହାକି ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଏନେଇ ସାରା ରାଜ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ସମୟରେ ଚାରିଟି 'ଇ' ଯଥା- ଏନଫୋର୍ସମେଣ୍ଟ, ଇଞ୍ଜିନିୟରିଂ, ଏଜୁକେସନ ଓ ଏମର୍ଜେନ୍ସି କେୟାରକୁ ପ୍ରାଧାନ୍ୟ ଦିଆଯିବ ବୋଲି ଇସ୍ପାତ ଓ ଖଣି ଏବଂ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା କହିଛନ୍ତି। ଆଜି ଏ ସମ୍ପର୍କରେ ଅନୁଷ୍ଠିତ ବୈଠକରେ ମନ୍ତ୍ରୀ ଶ୍ରୀ ଜେନା ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଓ ପରିବହନ କମିଶନର ଅମିତାଭ ଠାକୁରଙ୍କ ସହ ଆଲୋଚନା କରିବା ସହ ଶୂନ ମୃତାହତ ପକ୍ଷ ପାଳନକୁ ସଫଳ କରିବା ନେଇ ବିଭିନ୍ନ ପରାମର୍ଶ ଦେଇଥିଲେ।

ସଡ଼କ ଦୁର୍ଘଟଣାଜନିତ ଶୂନ ମୃତାହତ ପାଳନ ସମୟରେ ସଡ଼କ ନିୟମ ଉଲ୍ଲଙ୍ଘକାରୀଙ୍କ ବିରୋଧରେ ଶୂନ ସହନଶୀଳତା ନୀତି ଅବଲମ୍ବନ କରାଯିବ। ସାରା ରାଜ୍ୟରେ ଯାଞ୍ଚ ପ୍ରକ୍ରିୟାକୁ କଡ଼ାକଡ଼ି କରାଯିବ। ଏଥିପାଇଁ ସମସ୍ତ ଜିଲ୍ଲା ପ୍ରଶାସନକୁ ବିଭାଗ ପକ୍ଷରୁ ଏକ ମାର୍ଗଦର୍ଶିକା ପ୍ରଦାନ କରାଯାଇଛି। ଜିଲ୍ଲା ପ୍ରଶାସନ, ପୁଲିସ ପ୍ରଶାସନ ଓ ଅନ୍ୟ ବିଭାଗ ସହ ମିଳିତ ଭାବେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଏନଫୋର୍ସମେଣ୍ଟ କାର୍ଯ୍ୟକ୍ରମକୁ ବ୍ୟାପକ କରାଯିବ। ବିଶେଷକରି ଜନଗହଳି ସ୍ଥାନ, ଟ୍ରାଫିକ ପଏଣ୍ଟ, ଶିକ୍ଷାନୁଷ୍ଠାନ, ବଡ଼ ବଡ଼ ମଲ୍ ଓ ବଜାର ଆଦି ସ୍ଥାନରେ ଟିମ୍ ମୁତୟନ ରହିବେ। ସଡ଼କରେ ବେପରୁଆ ଗାଡ଼ି ଚଳାଇ ନିଜ ସହ ଅନ୍ୟମାନଙ୍କ ପାଇଁ ବିପଦ ସୃଷ୍ଟି କରୁଥିବା ଓ ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ ମୋଟର ଯାନ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସେହିଭଳି ଚିହ୍ନଟ ହୋଇଥିବା ଦୁର୍ଘଟଣାପ୍ରବଣ ରାସ୍ତା ଉପରେ ମଧ୍ୟ ବିଶେଷ ନଜର ରହିବ ଓ ସେସବୁ ଅଞ୍ଚଳରେ ଦୁର୍ଘଟଣାକୁ ହ୍ରାସ କରାଯିବା ଉପରେ ଗୁରୁତ୍ୱ ଦିଆଯିବା ନେଇ ବିଭାଗ ପକ୍ଷରୁ ଜିଲ୍ଲା ପ୍ରଶାସନକୁ କୁହାଯାଇଛି। ତ୍ରୁଟିଗୁଡ଼ିକୁ ସଂଶୋଧନ କରିବା, ରାସ୍ତାରେ ସାଇନେଜ୍ ଲଗାଇବା ଭଳି ବିଷୟକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଜନସାଧାରଣଙ୍କୁ ସଡ଼କ ସୁରକ୍ଷା ନିୟମ ପ୍ରତି ଅବଗତ କରିବା ଓ ସେମାନଙ୍କ ଜୀବନ ରକ୍ଷା ପାଇଁ ଏହାର ପାଳନର ଅନିବାର୍ଯ୍ୟତା ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରାଯିବ। ଏଥିପାଇଁ ଉଭୟ ସରକାରୀ ଓ ବେସରକାରୀ ସଂସ୍ଥା ସହଭାଗିତାରେ ଉଦ୍ୟମ ହେବ। ଆହୁରି ସଡ଼କ ଦୁର୍ଘଟଣାଗ୍ରସ୍ତଙ୍କୁ ତ୍ୱରିତ ସହାୟତା ପହଞ୍ଚାଇ ଜୀବନ ରକ୍ଷା ପାଇଁ ମଧ୍ୟ ଜନସାଧାରଣଙ୍କୁ ଉତ୍ସାହିତ କରାଯିବ। ବିଗତ ବର୍ଷଗୁଡ଼ିକରେ ଶୂନ ମୃତାହତ ସପ୍ତାହ ପାଳନ ମାଧ୍ୟମରେ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ଉଲ୍ଲେଖନୀୟ ଭାବେ ହ୍ରାସ ପାଇଥିଲା। ଏହାକୁ ଦୃଷ୍ଟିରେ ବିଭାଗ ଚଳିତ ଥର ଏହି କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବା ସକାଶେ ଶୂନ ମୃତାହତ ପକ୍ଷ ପାଳନ ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ସଡ଼କ ଦୁର୍ଘଟଣା ଓ ତଜ୍ଜନିତ ମୃତ୍ୟୁ ସଂଖ୍ୟା ହ୍ରାସ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ତେଣୁ ପ୍ରତିଟି ଜୀବନ ରକ୍ଷା ପାଇଁ ସଡ଼କ ସୁରକ୍ଷାକୁ ଏକ ସାମୂହିକ ଦାୟିତ୍ୱ ଭାବେ ଗ୍ରହଣ କରିବାକୁ ମନ୍ତ୍ରୀ ଶ୍ରୀ ଜେନା ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

ଭଙ୍ଗାଗଲା ଶତାଧିକ ଦୋକାନ ଘର

ଭଦ୍ରକ, ୧୫।୧୧ (ସଂଚାର ବ୍ୟୁରୋ): ମେତା ବଜାରରେ ଗ୍ରାଫିକ ସମସ୍ୟାର ସୁଧାର ଲାଗି ଲାଗି ତହସିଲ ପକ୍ଷରୁ ରାସ୍ତା ପାର୍ଶ୍ୱ ବ୍ୟବସାୟୀଙ୍କୁ ଉଚ୍ଛେଦ କରାଯାଇଛି। ପ୍ରଶାସନ ଦ୍ୱିତୀୟ ଦିନରେ ଶତାଧିକ ଦୋକାନ ଘର ଭାଙ୍ଗିଛି। ଆଜି ସକାଳ ପର୍ଯ୍ୟାପ୍ତ ପୁଲିସ କର୍ମଚାରୀଙ୍କ ଉପସ୍ଥିତିରେ ଦୋକାନ ଘରଗୁଡ଼ିକୁ ବୁଲଡୋଜର ସାହାର୍ଯ୍ୟରେ ଭାଙ୍ଗିବା ଆରମ୍ଭ କରାଯାଇଥିଲା। ମାସକ ତଳୁ ତହସିଲ ପକ୍ଷରୁ ସୀମା ଚିହ୍ନଟ କରାଯାଇଥିଲା। ଉକ୍ତ ସୀମାକୁ ଆଧାର କରି ଉଚ୍ଛେଦ ଆରମ୍ଭ କରାଯାଇଥିବା କେତେକ ଦୋକାନ ଘରର ଚିହ୍ନଟ ସୀମାରୁ ଅଧିକ ଭଙ୍ଗାଯିବା ଯୋଗୁଁ ସାମୟିକ ଉତ୍ତେଜନା ପ୍ରକାଶ ପାଇଥିଲା। କହିବାରୁ ଉତ୍ତେଜନା ଥମିଥିଲା।

■ ପ୍ରକାଶ ପାଇଲା ସ୍ପେଶାଲ୍ ଓଟିଇଟି-୨୦୨୫ ଫଳ

ପାସ୍ ହାର ୬୬.୫୦ ପ୍ରତିଶତ

ଭୁବନେଶ୍ୱର,୧୫।୧୧(ସଂଚାର ବ୍ୟୁରୋ): ଆଜି ପ୍ରକାଶ ପାଇଛି ସ୍ପେଶାଲ୍ ଓଟିଇଟି-୨୦୨୫ ପରୀକ୍ଷାଫଳ। ଗତ ସେପ୍ଟେମ୍ବର ୨୭ ତାରିଖରେ ଏହି ପରୀକ୍ଷା ହୋଇଥିବା ବେଳେ ଏଥିରେ ମୋଟ ୭୨ ହଜାର ୪୧୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୪୮ ହଜାର ୧୫୩ ଜଣ କୃତକାର୍ଯ୍ୟ ହୋଇଥିବା ବେଳେ ମୋଟ ପାସ୍ ହାର ୬୬.୫୦ ପ୍ରତିଶତ ରହିଛି। ପରୀକ୍ଷାରେ ପେପର-୧ରେ ପରୀକ୍ଷା ଲାଗି ୨୯ ହଜାର ୪ ଜଣ ଆବେଦନକାରୀଙ୍କ ମଧ୍ୟରୁ ୨୭ ହଜାର ୫୩୩ ଜଣ ପରୀକ୍ଷା ଦେଇଥିଲେ। ଏଥିରୁ ୧୨ ହଜାର ୯୯୮ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି, ଯାହାକି ମୋଟ୍ ପରୀକ୍ଷାର୍ଥୀଙ୍କ ୪୭.୧୭ ପ୍ରତିଶତ। ସେହିପରି ପେପର-୨ରେ ଆବେଦନ କରିଥିବା ୪୬ ହଜାର ୩୩୯ ଜଣ ଶିକ୍ଷକଙ୍କ ମଧ୍ୟରୁ ୪୪ ହଜାର ୮୮୦ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୭୮.୩୫ ପ୍ରତିଶତ ଅର୍ଥାତ୍ ୩୫ ହଜାର ୧୬୫ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ପରୀକ୍ଷା ଦେଇଥିବା ପ୍ରାର୍ଥୀମାନେ ବୋର୍ଡ ଓ୍ୱେବସାଇଟରୁ ସେମାନଙ୍କ ପରୀକ୍ଷା ଫଳ ସମ୍ପର୍କିତ ସବିଶେଷ ତଥ୍ୟ ପାଇପାରିବେ ବୋଲି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ କହିଛନ୍ତି। ସେହିପରି ଉତ୍ତୀର୍ଣ୍ଣ ହୋଇଥିବା ଶିକ୍ଷକମାନେ ଆଜିଠାରୁ ଆସନ୍ତା ବର୍ଷ ଜାନୁଆରୀ ୧୫ତାରିଖ ପର୍ଯ୍ୟନ୍ତ ବୋର୍ଡ ଓ୍ୱେବସାଇଟରୁ ସେମାନଙ୍କ ସାର୍ଟିଫିକେଟ୍ ଡାଉନଲୋଡ କରିପାରିବେ ବୋଲି ଶ୍ରୀ ତରାଇ କହିଛନ୍ତି।

ପ୍ରତି ପୌରାଞ୍ଚଳରେ ହେବ ଅତ୍ୟାଧୁନିକ ସମ୍ମିଳନୀ କକ୍ଷ

ଭୁବନେଶ୍ୱର,୧୫।୧୧(ସଂଚାର ବ୍ୟୁରୋ): ରାଜ୍ୟର ପ୍ରତ୍ୟେକ ପୌରାଞ୍ଚଳରେ ପ୍ରତିଷ୍ଠା ହେବ ଅତ୍ୟାଧୁନିକ ଡିଜିଟାଲ ସମ୍ମିଳନୀ କକ୍ଷ। ଗୃହ ଓ ନଗର ଉନ୍ନୟନ ବିଭାଗ ସହିତ ସିଧାସଳଖ ଭାବେ ଏହି ସମ୍ମିଳନୀ କକ୍ଷ ସଂଯୋଗ ହେବ ଏବଂ ରାଜଧାନୀରୁ ଅଧିକାରୀମାନେ ପୌରସଂସ୍ଥା ସହ ଯୋଗାଯୋଗରେ ରହିବେ।

ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏଭଳି ସମ୍ମିଳନୀ କକ୍ଷ ନିର୍ମାଣପାଇଁ ଆଜି ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେଶନ ସେଣ୍ଟର (ଓକାକ୍)ର ମୁଖ୍ୟ ନିର୍ବାହୀ ଅଧିକାରୀଙ୍କୁ ପତ୍ର ଲେଖାଯାଇଛି। ଏଥିରେ ଦର୍ଶାଯାଇଛି ଯେ ପ୍ରଶାସନିକ ବ୍ୟବସ୍ଥାରେ ଉନ୍ନତି ଆଣିବାପାଇଁ ବିଭାଗ ପକ୍ଷରୁ ଡିଜିଟାଲ ଜ୍ଞାନକୌଶଳ ବ୍ୟବସ୍ଥାକୁ ଆପଣାଯାଉଛି। ତଦନୁଯାୟୀ ପୌରସଂସ୍ଥାଗୁଡିକର ଦକ୍ଷତା ବିଭାଗ ପାଇଁ ସେଠାରେ ଓସ୍ୱାନ୍ ସମ୍ମିଳନୀ କକ୍ଷର ନିର୍ମାଣ ହେବ। ଏଥିରେ ଅତ୍ୟାଧୁନିକ ଶବ୍ଦ-ଦୃଶ୍ୟ ବ୍ୟବସ୍ଥା ସହିତ ଆଇଟି ଭିତ୍ତିଭୂମି ରହିବ।

ଏହି ସମ୍ମିଳନୀକକ୍ଷଗୁଡିକ ଅନ୍‌ଲାଇନ୍ ବୈଠକ, ତାଲିମ ଏବଂ ଭର୍ଚୁଆଲ ସମୀକ୍ଷା ପାଇଁ ବ୍ୟବହୃତ ହେବ। ଓଡ଼ିଶା ଷ୍ଟେଟ୍ ୱାଇଡ୍ ନେଟୱାର୍କ (ଓସ୍ୱାନ) ଜରିଆରେ ଏହା କାର୍ଯ୍ୟକାରୀ ହେବ। ଏଥିରେ ଦ୍ରୁତଗାମୀ ନେଟୱାର୍କ ସଂଯୋଗ, ଡିସପ୍ଲେ ବୋର୍ଡ, ଭିଡିଓ କନଫରେନ୍ସିଂ ୟୁନିଟ୍, ଅଡିଓ ସିଷ୍ଟମ, ୟୁପିଏମ୍ ବ୍ୟାକ୍‌ଅପ୍ ଏବଂ ଅନ୍ୟାନ୍ୟ ଆବଶ୍ୟକ ସାଜସରଞ୍ଜାମ ରହିଛି। ଏ ସଂକ୍ରାନ୍ତରେ ଓକାକ୍ ତୃତୀୟ ନିଷ୍ପତ୍ତି ନେବ। ଉପରେକ୍ତ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଓକାକ୍ ପଦକ୍ଷେପ ଗ୍ରହଣ ସହ ବୈଷୟିକ ଢାଞ୍ଚା ପ୍ରସ୍ତୁତ ଲାଗି ବିଭାଗ ପକ୍ଷରୁ କୁହାଯାଇଛି। ଏଥିପାଇଁ ଓକାକ୍‌ର ବୈଷୟିକ ଟିମ୍ ପୌରାଞ୍ଚଳଗୁଡିକୁ ଗସ୍ତ କରିବାକୁ ବି ଏଥିରେ ପରାମର୍ଶ ଦିଆଯାଇଛି।

ଉଲ୍ଲେଖନୀୟ ଯେ ପୌରାଞ୍ଚଳରେ ଅତ୍ୟାଧୁନିକ ସମ୍ମିଳନୀକକ୍ଷଟିଏ ନଥିବାରୁ କୌଣସି ଉଚ୍ଚସ୍ତରୀୟ ବୈଠକ ହେଉ କିମ୍ବା ତାଲିମ, ଜିଲ୍ଲା ସ୍ତରର ଏକାଧିକ ଅଧିକାରୀ ଓ କର୍ମଚାରୀ ବାରମ୍ବାର ରାଜଧାନୀକୁ ଆସିଥାନ୍ତି। ରାଜଧାନୀରେ ହୋଟେଲରେ ବୈଠକ ଓ ରହଣୀ ଆଦି ବାବଦକୁ ବିପୁଳ ଅର୍ଥ ବ୍ୟୟ ସହିତ ଯିବା ଆସିବାରେ ବ୍ୟାପକ ସମୟ ଅପଚୟ ହୋଇଥାଏ। ଏହାଦ୍ୱାରା ପୌରାଞ୍ଚଳରେ ବିକାଶ କାର୍ଯ୍ୟ ମଧ୍ୟ ପ୍ରଭାବିତ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ପ୍ରତ୍ୟେକ ପୌରାଞ୍ଚଳରେ ଗୋଟିଏ ଗୋଟିଏ ଓସ୍ୱାନ ସମ୍ମିଳନୀକକ୍ଷ ନିର୍ମାଣ ପାଇଁ ଯୋଜନା ହୋଇଛି। ଏହା କାର୍ଯ୍ୟକାରୀ ହେଲେ କେବଳ ଅର୍ଥ ବଞ୍ଚିବ ନାହିଁ, ସମୟ ଓ ମାନବ ସମ୍ବଳର ଅପଚୟକୁ ମଧ୍ୟ ରୋକାଯାଇପାରିବ।

ପରିତ୍ୟକ୍ତ କୂଅରୁ ହାତୀଛୁଆ ଉଦ୍ଧାର

ବଲାଙ୍ଗିର, ୧୫।୧୧ (ସଂଚାର ବ୍ୟୁରୋ): ପରିତ୍ୟକ୍ତ କୂଅରେ ପଡ଼ିଥିବା ହାତୀ ଛୁଆ ଠାବ ହୋଇଛି। ମୁରିବହାଲ ରେଞ୍ଜର ଘୁଡ଼ିଘାଟ ପଞ୍ଚାୟତ ଅନ୍ତର୍ଗତ ଲତାସହଡ଼ା ଗ୍ରାମରେ ଏକ ହାତୀ ଛୁଆ ପରିତ୍ୟକ୍ତ କୂଅରେ ପଡ଼ିଥିବା ଦେଖି ଗ୍ରାମବାସୀ ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ, ପୁଲିସ ଓ ଦମକଳ ବାହିନୀ ଘଟଣାସ୍ଥଳରେ ପହଂଚି ଜେସିବି ସାହାଯ୍ୟରେ ମାଟି ଖୋଳି ହାତୀ ଛୁଆଟିକୁ ପରିତ୍ୟକ୍ତ କୂଅ ମଧ୍ୟରୁ ଉଦ୍ଧାର କରିଛନ୍ତି। ଏଠାରେ

ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳନ ପାଇଁ ପ୍ରସ୍ତୁତି



ଭୁବନେଶ୍ୱର,୧୫।୧୧ (ସଂଚାର ବ୍ୟୁରୋ): ରାଜ୍ୟସ୍ତରୀୟ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ୨୦୨୫ ପାଳନ ନେଇ ଆଜି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ନିର୍ଦ୍ଦେଶିକା ପାରୁଲ ପଟାୱାରୀଙ୍କ ଅଧ୍ୟକ୍ଷତାରେ ଆଜି ଏଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ସ୍ଥାନୀୟ କ୍ୟାପିଟାଲ ହସ୍ପିଟାଲସ୍ଥିତ ରାଜ୍ୟ ଭିନ୍ନକ୍ଷମ ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ ନିର୍ଦ୍ଦେଶିକା ସୁଶ୍ରୀ ପଟାୱାରୀ ଆୟୋଜନକୁ ସଫଳ କରିବା ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବିଗତ ବର୍ଷର ଅଭିଜ୍ଞତାକୁ ଆଧାର କରି ଚଳିତ ବର୍ଷର ଆୟୋଜନକୁ ଅଧିକ ଶୃଙ୍ଖଳିତ ଓ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ନିମନ୍ତେ ଅନୁକୂଳ କରିବା ସକାଶେ ସେ ଉପସ୍ଥିତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମର ସଫଳ ଆୟୋଜନ ନିମନ୍ତେ ବିଭିନ୍ନ ବିଭାଗ ପାଇଁ ସ୍ୱତନ୍ତ୍ର ଅଧିକାରୀଙ୍କୁ ମୁତୟନ କରିବା ଉପରେ ଗୁରୁତ୍ୱ ଦେଇ ନିର୍ଦ୍ଦେଶିକା ସମସ୍ତଙ୍କୁ ନିଜ ନିଜ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ କହିଛନ୍ତି। ଏଥିସହ ବିଭାଗୀୟ ଅଧିକାରୀମାନେ ସୋଆ ବିଶ୍ୱବିଦ୍ୟାଳୟ ଗସ୍ତ କରି ଏହି ଉତ୍ସବର ସଫଳ କାର୍ଯ୍ୟକାରିତା ନିମନ୍ତେ ଦାୟିତ୍ୱରେ ଥିବା ବିଶ୍ୱବିଦ୍ୟାଳୟ ଅଧିକାରୀଙ୍କ ସହ ଏକ ସମନ୍ୱୟ ବୈଠକ କରିଥିଲେ।

ଏହି ବୈଠକରୁ ଜଣାପଡ଼ିଛି ଯେ ସୋଆ ବିଶ୍ୱବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଚଳିତ ବର୍ଷର ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ଆସନ୍ତା ୧ରୁ ୩ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ। ଏଠାରେ ଥିବା ପ୍ରେକ୍ଷାଳୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ସୋଆସ୍ଥିତ ଖେଳପଡ଼ିଆରେ ଦୃଷ୍ଟିବାଧିତ ମହିଳାଙ୍କ ମଧ୍ୟରେ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବ। ଏହି ଅବସରରେ ଭିନ୍ନକ୍ଷମ ବ୍ୟକ୍ତି, ସ୍ୱୟଂ ସହାୟକ ଗୋଷ୍ଠୀ ଓ ଅନୁଷ୍ଠାନ ତରଫରୁ ବିଭିନ୍ନ ଷ୍ଟଲ ଖୋଲିବ। ଷ୍ଟଲ ରେଜିଷ୍ଟ୍ରେସନ୍ ପାଇଁ ବିଭାଗୀୟ ଓ୍ୱେବ୍‌ସାଇଟ୍‌ରେ ଏକ ଆପ୍‌ର ବ୍ୟବସ୍ଥା କରାଯାଇଛି। ଜିଲ୍ଲାସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବା ସକାଶେ ଯୋଗ୍ୟତା ଅର୍ଜନ କରିବେ। ବୈଠକରେ ଅତିରିକ୍ତ ଶାସନ ସଚିବ ଦୀପକ ରାଉତରାୟ, ଭାସ୍କର ରଇତୋ ଓ ସୋନିଆ ବେହେରାଙ୍କ ସମେତ ସୋଆ ବିଶ୍ୱବିଦ୍ୟାଳୟ କର୍ମକର୍ତ୍ତା, ପ୍ରତିନିଧି ଓ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ।

କାର୍ବାଇନ୍ ସହ ୫ ମାଉଜର ଜବତ: ୨ ଗିରଫ

ଭୁବନେଶ୍ୱର, ୧୫।୧୧ (ସଂଚାର ବ୍ୟୁରୋ) : ଗ୍ରାହକ ସାଜି ଗଲେ, ବେପାରୀକୁ ମାଡ଼ିବସିଲେ। ବନ୍ଧୁକ କିଣିବାକୁ ଯାଇ ବନ୍ଧୁକ ବେପାରୀଙ୍କୁ ଧରିବାରେ ସଫଳ ହୋ

sanchar.live

ସମ୍ପାଦକୀୟ

SANCHAR
ସଞ୍ଚାର

୪

ରବିବାର ୧୬ ନଭେମ୍ବର ୨୦୨୫, ଭୁବନେଶ୍ୱର

Sunday 16 November 2025, Bhubaneswar

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

ରାଜନୀତିରେ ନାଁ ନୁହେଁ କାମ ଦରକାର

ବିହାର ରାଜନୀତିରେ ତେଜସ୍ୱୀ ଯାଦବ ଏକ ଉଜ୍ଜ୍ୱଳ ନକ୍ଷତ୍ର ଭାବେ ଉଦୟ ହୋଇଥିଲେ। ଲାଲୁ ପ୍ରସାଦ ଯାଦବଙ୍କ ପୁଅ ଭାବେ ତାଙ୍କର ରାଜନୈତିକ ଉତ୍ତରାଧିକାରୀ ହେବାର ସମସ୍ତ ସୁଯୋଗ ଥିଲା। ୨୦୨୦ ବିଧାନସଭା ନିର୍ବାଚନରେ ଆରଜେଡି ସର୍ବାଧିକ ଆସନ (୭୫) ଜିତି ମହାଗଠବନ୍ଧନର ନେତା ଭାବେ ତେଜସ୍ୱୀ ଉପ-ମୁଖ୍ୟମନ୍ତ୍ରୀ ହୋଇଥିଲେ। କିନ୍ତୁ ୨୦୨୫ ନିର୍ବାଚନରେ ଏନଡିଏର ବିପୁଳ ବିଜୟ (୨୧୫+ ଆସନ) ଏବଂ ଆରଜେଡିର ମାତ୍ର ୨୦ ଆସନରେ ସୀମିତ ହେବା ତେଜସ୍ୱୀଙ୍କ ରାଜନୈତିକ କ୍ୟାରିଅରକୁ ଏକ ବଡ଼ ଆଘାତ ଦେଇଛି। ବିହାରର ଭୋଟରମାନେ ତାଙ୍କୁ କାହିଁକି ପ୍ରତ୍ୟାଖ୍ୟାନ କଲେ? ଏହାର କାରଣଗୁଡ଼ିକ ଗଭୀର ଏବଂ ବିବିଧ।

ପାରିବାରିକ ରାଜନୀତି ଏବଂ ପ୍ରିୟାପ୍ରିତିର ଛାୟା ତେଜସ୍ୱୀଙ୍କ ସମ୍ଭାବନାକୁ ବଡ ଧକ୍କା ହୋଇଛି । ତେଜସ୍ୱୀ ଯାଦବ ଲାଲୁଙ୍କ ପୁଅ ଭାବେ ରାଜନୀତିକୁ ଆସିଥିଲେ। ଆରଜେଡିର ଅଧିକାଂଶ ନେତା ଯାଦବ ପରିବାରର ସଦସ୍ୟ କିମ୍ବା ନିକଟବର୍ତ୍ତୀ। ମିଶା ଭାରତୀ, ରୋହିଣୀ ଆଚାର୍ଯ୍ୟ ଆଦି ପରିବାର ସଦସ୍ୟମାନଙ୍କୁ ଟିକେଟ ଦିଆଯାଇଥିଲା। ବିହାରର ଯୁବ ଭୋଟରମାନେ ଏହି ପାରିବାରିକ ଆଧିପତ୍ୟକୁ ଅସହ୍ୟ କରିଛନ୍ତି। ଏନଡିଏ ଏହି ବିଷୟକୁ ପ୍ରଚାରରେ ବ୍ୟବହାର କରି କହିଛି ଯେ ଆରଜେଡି ଏକ ପରିବାରର ଦଳ ନୁହେଁ, ବିହାରର ଦଳ। ଫଳରେ ଅଣ-ଯାଦବ ଭୋଟରମାନେ ଏନଡିଏ ଆଡ଼କୁ ଢଳୁଛନ୍ତି।

ବେକାରୀ ଏବଂ ରୋଜଗାର ପ୍ରତିଶ୍ରୁତିର ବିଫଳତା ମଧ୍ୟ ତେଜସ୍ୱୀଙ୍କ ପାଇଁ ଆଉ ଏକ ବଫଳତାର କାରଣ। ୨୦୨୦ରେ ତେଜସ୍ୱୀ ଯାଦବ ୧୦ ଲକ୍ଷ ସରକାରୀ ଚାକିରି ଏବଂ ଆଉ ୯ ଲକ୍ଷ ରୋଜଗାରର ପ୍ରତିଶ୍ରୁତି ଦେଇଥିଲେ। ଏହା ଯୁବକମାନଙ୍କୁ ଆକର୍ଷିତ କରିଥିଲା। କିନ୍ତୁ ମହାଗଠବନ୍ଧନ ସରକାର ଗଢ଼ିବା ପରେ ନୀତୀଶ କୁମାର ଏନଡିଏକୁ ଯୋଗ ଦେଇ ସରକାର ଗଢ଼ିଥିଲେ। ତେଣୁ ତେଜସ୍ୱୀଙ୍କ ପ୍ରତିଶ୍ରୁତି କାଗଜରେ ରହିଗଲା। ୨୦୨୫ରେ ସେ ପୁଣି ୨୫ ଲକ୍ଷ ଚାକିରିର ପ୍ରତିଶ୍ରୁତି ଦେଇଥିଲେ, କିନ୍ତୁ ଭୋଟରମାନେ ଏହାକୁ ବିଶ୍ୱାସ କରିନଥିଲେ। ଏନଡିଏ ସରକାର ଗତ ୧୭ ବର୍ଷରେ ୫ ଲକ୍ଷରୁ ଅଧିକ ଚାକିରି ଦେଇଥିବା ଦାବି କରି ପ୍ରଚାର କରିଛି। ବିହାରର ବେକାରୀ ହାର



୧୪%ରୁ ଅଧିକ ଥିବା ବେଳେ ତେଜସ୍ୱୀଙ୍କ ପ୍ରତିଶ୍ରୁତି ଖାଲି ଶବ୍ଦ ଭାବେ ଲାଗିଥିଲା।

ତୃତୀୟତଃ, ଜାତିଗତ ସମୀକରଣର ଭାଙ୍ଗିଯିବା। ଆରଜେଡି ମୁସଲମାନ-ଯାଦବ (ଏମ୍-ୱାଇ) ସମୀକରଣ ଉପରେ ନିର୍ଭର କରୁଥିଲା। ଏହା ବିହାରର ମୋଟ ଭୋଟରର ୩୨% ହୋଇଥିବା ବେଳେ ଅବଶିଷ୍ଟ ୬୮% ଅଣ-ଏମ୍ଓ୍ୱାଇ ଭୋଟରମାନେ ଏନଡିଏକୁ ସମର୍ଥନ ଦେଇଛନ୍ତି। ନୀତୀଶ କୁମାରଙ୍କ କୁର୍ମି ସମାଜ, ମୋଦୀଙ୍କ ଓବିସି ଏବଂ ମହିଳା ଭୋଟ, ସମ୍ରାଟ ଚୌଧରୀଙ୍କ କୋଏରୀ ସମର୍ଥନ ଏବଂ ଚିରାଗ ପାସୱାନଙ୍କ ଦୁସାଧ୍ୟ ଭୋଟ ଏନଡିଏକୁ ମଜବୁତ କରିଛି। ଆରଜେଡିର ଅଣ-ଯାଦବ ନେତାମାନଙ୍କୁ ଅବହେଳା କରିବା ଏହି ସମୀକରଣକୁ ଦୁର୍ବଳ କରିଛି।

ଏଥିସହିତ ଅପରାଧ ଏବଂ ଜଙ୍ଗଲରାଜର ଭୟ ଯୋଗୁଁ ମଧ୍ୟ ବିହାରବାସୀ ତେଜସ୍ୱୀଙ୍କ ଠାରୁ ମୁହଁ ଫେରାଇଛନ୍ତି। ଲାଲୁ ଯୁଗର ଜଙ୍ଗଲରାଜର ସ୍ମୃତି ବିହାରୀଙ୍କ ମନରେ ରହିଛି। ଏନଡିଏ ପ୍ରଚାରରେ କହିଛି ଯେ ଆରଜେଡି କ୍ଷମତାକୁ ଆସିଲେ ଅପରାଧ ବଢ଼ିବ। ବିହାରରେ ହତ୍ୟା, ଅପହରଣ ଆଦି ଘଟଣା କମିଥିବା ଦାବି ଏନଡିଏ କରିଛି। ତେଜସ୍ୱୀ ଏହାକୁ ଖଣ୍ଡନ କରିବାରେ ବିଫଳ ହୋଇଛନ୍ତି। ସେହିଭଳି ନୀତୀଶ କୁମାରଙ୍କ ବିକାଶ ମଡେଲ ଆଗରେ ଫେଲ ମାରିଛି ତେଜସ୍ୱୀଙ୍କ ରଣନୀତି। ନୀତୀଶଙ୍କ ସରକାର ରାସ୍ତା, ବିଦ୍ୟୁତ୍, ସ୍କୁଲ ଆଦିରେ ବିକାଶ କରିଛି। ମହିଳାଙ୍କ ପାଇଁ ସାଇକେଲ ଯୋଜନା, ସଂରକ୍ଷଣ ଆଦି ଲୋକପ୍ରିୟ। ମୋଦୀଙ୍କ କେନ୍ଦ୍ରୀୟ ଯୋଜନା ଯେମିତି ଆୟୁଷ୍ମାନ ଭାରତ, ଉଜ୍ଜ୍ୱଳା ଏବଂ ପିଏମ କିସାନ ସମ୍ମାନ ନିଧି ବିହାରରେ ପହଞ୍ଚିଛି। ତେଜସ୍ୱୀଙ୍କ ପାଖରେ ଏହାର ବିକଳ୍ প ନଥିଲା।

ଶେଷରେ, ତେଜସ୍ୱୀଙ୍କ ଅପରିପକ୍ୱତା ଏବଂ ନେତୃତ୍ୱର ଅଭାବ ତାଙ୍କ ବିଫଳତାର ଅନ୍ୟତମ କାରମ। ସେ ଯୁବ ନେତା ହେଲେ ମଧ୍ୟ ଦଳୀୟ କଳହ ନିୟନ୍ତ୍ରଣ କରିପାରିନଥିଲେ। କଂଗ୍ରେସ ସହ ଗଠବନ୍ଧନ ଦୁର୍ବଳ ଥିଲା। ପ୍ରଚାରରେ ମୋଦୀ-ନୀତୀଶଙ୍କ ଯୋଡ଼ି ଅପ୍ରତିଦ୍ୱନ୍ଦ୍ୱୀ ଥିଲେ। ବିହାରର ଭୋଟରମାନେ ବିକାଶ, ସୁରକ୍ଷା ଏବଂ ସ୍ଥିରତାକୁ ବାଛିଛନ୍ତି। ତେଜସ୍ୱୀ ଯାଦବଙ୍କ ପ୍ରତିଶ୍ରୁତି ଏବଂ ପାରିବାରିକ ରାଜନୀତିକୁ ପ୍ରତ୍ୟାଖ୍ୟାନ କରି ଏନଡିଏକୁ ବିଶ୍ୱାସ କରିଛନ୍ତି। ଏହା ତେଜସ୍ୱୀଙ୍କ ପାଇଁ ଏକ ଶିକ୍ଷା - ରାଜନୀତିରେ କେବଳ ନାମ ନୁହେଁ, କାମ ଦରକାର।

ମୋ ଲୁହ ତୋତେ ଲାଗିଲା



ଦୀପ୍ତିମୟୀ ନାୟକ

ଏ ଦୁନିଆରେ କେହି ସୁଖି ନାହିଁ। ଯିଏ ସୁଖି ବୋଲି କହୁଛି ତା' ହୃଦୟ ଭିତରେ କେତେ ଯନ୍ତ୍ରଣା ସାଇତି ରଖିଛି ତା'ର ହିସାବ କେବଳ ତା' ହୃଦୟ ରଖିଛି। ସେଥିପାଇଁ ସେ କେତେବେଳେ ଗୁମୁରି ଗୁମୁରି କାନ୍ଦେ ଆଉ କେତେବେଳେ ନିଜ ଭାଗ୍ୟକୁ ଦୋଷ ଦେଇ କୁହେ ହେ ଭଗବାନ ମୋ ଲୁହ ତୋତେ ଲାଗିଲା। ସତ କହିବାକୁ ଗଲେ କିଛି ଲୋକଙ୍କ ସରଳତା ଅନ୍ୟ ମାନଙ୍କ ପାଇଁ ସୁଯୋଗ ହୋଇଥାଏ। ଯେପର୍ଯ୍ୟନ୍ତ ସରଳ ଲୋକଗୁଡ଼ା ଅନ୍ୟ ଲୋକଙ୍କୁ କହିବାକୁ ସୁଯୋଗ ଦେଓ୍ୱ ସେତେବେଳେ ସେମାନେ ନିଜର ହେବାର ତ କହିଦେବେ କିନ୍ତୁ ନିଜକୁ ମହାନ ସଜେଇବା ପାଇଁ ଅନ୍ୟକୁ ସମୟ ସୁବିଧା ଦେଖି ବଳୀ ପକେଇଦେବେ। ଆପଣ ଯଦି ଭାବୁଛନ୍ତି ଆପଣ ମଧ୍ୟ କେଉଁଠି ବଳୀ ପଡିଗଲେଣି ତେବେ ଦୁଃଖ କରନ୍ତୁନି। ଏଠି ସ୍ୱାର୍ଥ ଥିଲେ ସମସ୍ତେ ନିଜର ସ୍ୱାର୍ଥ ସରିଲେ କେହି ନୁହେଁ କାହାର।

ତେବେ ସେ ଯାହାହେଉ ନିଜର କହୁଥିବା ଲୋକଗୁଡ଼ା ଯେତେବେଳେ ଗୋଛି କାଟନ୍ତି। ତୁମ ଆଗରେ ତୁମର ପ୍ରଶଂସା କରି ତୁମ ପଛରେ ଯାଡୁସିଆଡୁ ଗପନ୍ତି। ଅନ୍ୟକୁ ଫସେଇବା ପାଇଁ ହୁଏତ ସେମାନଙ୍କର ଏଟା ଗୋଟେ ସହଜ କଳା ହୋଇଥାଇପାରେ କିନ୍ତୁ ହୃଦୟର ସେହି ଯନ୍ତ୍ରଣା ନିଜ ଓଠ ତଳେ ଘୋଡ଼େଇରଖିଥିବା ଅନ୍ୟ ମାନଙ୍କର ଦୋଷ ଆପଣଙ୍କ ପାଇଁ ଦୁର୍ବଳତା ହୋଇଥାଏ। ଯେଉଁ ଦୁର୍ବଳତା ଆପଣଙ୍କ ପାଇଁ ସମୟକ୍ରମେ ଅଭିଶାପରେ ପରିଣତ ହୋଇଥାଏ। ଏହି ଅଭିଶାପରୁ ମୁକ୍ତି ପାଇବାପାଇଁ ମଣିଷ ଅନେକ ଚେଷ୍ଟା କରେ କିନ୍ତୁ ଏହି ଅଭିଶାପରୁ ମଣିଷକୁ କେବେ ମୁକ୍ତି ମିଳିନଥାଏ। କେବଳ ଏଥିପାଇଁ ନିଜକୁ ଅନୁଭବ ହେଉଥିବା କଷ୍ଟ କେତେ ଯନ୍ତ୍ରଣାଦାୟକ। ସତ କହିବାକୁ ଗଲେ ଯିଏ ଯନ୍ତ୍ରଣା ସହିଛି ସେ ବୋଧେ କାହାକୁ ଯନ୍ତ୍ରଣା ଦେବାକୁ ଚାହିଁନି। ସେଥିପାଇଁ ବୋଧେ ଏ ସରଳ ମଣିଷ ଜୀବନର ସେହି ସାପ ସିଡ଼ି ରୂପକ ଖେଳରୁ କେତେଥର ତଳକୁ ପଡିଛି। ଆଉ ଯିଏ ଖେଳ ଜାଣିଛି ସେ ହିଁ ଏ ଦୁନିଆରେ ଆଗକୁ ବଢିଛି।

ମଣିଷର ସବୁଠାରୁ ବଡ଼ ଭୁଲ ହେଉଛି ମଣିଷ ହୋଇ ମଣିଷକୁ ଚିହ୍ନିବା। ଅନ୍ୟ ମାନଙ୍କୁ ନିଜର କହିବା। ଅନ୍ୟର ଭାବନାକୁ ବୁଝି ସବୁ ସହିଯିବା। କାହା କଥାର କିଛି ପ୍ରତିଉତ୍ତର ନଦେବା। ଆଜିର ସମାଜରେ ଯଦି ଆପଣ ଖୁସିରେ ରହିବାକୁ ଚାହୁଁଛନ୍ତି। ବେଶି ସରଳ ଭାବରେ ବଞ୍ଚନ୍ତୁନି କାରଣ ଏ ଦୁନିଆରେ ଏମିତି କିଛି ଲୋକ ଅଛନ୍ତି ଯେଉଁମାନେ ଆପଣଙ୍କ ସରଳତାର ସୁଯୋଗ ଉଠେଇ ଆପଣଙ୍କୁ କିଛି କହିବାକୁ ସୁଯୋଗ ଦେବେନି। ଆଉ ଯଦି ଆପଣ କିଛି କହୁ ନାହାଁନ୍ତି ତେବେ ଆପଣ ଭଲ ହୋଇଯିବେନି ବରଂ ସେମାନଙ୍କର ଶିକାର ହୋଇ ସବୁବେଳେ ରହିବେ। ସେମାନେ ଯେତେବେଳେ ଚାହିଁବେ ଆପଣଙ୍କୁ ସେତେବେଳେ କନ୍ଦେଇବେ। ହୁଏତ ହୃଦୟରେ ଥିବା ଯନ୍ତ୍ରଣାକୁ ସମ୍ଭାଳି ହେବ କିନ୍ତୁ ନିଜର କହୁଥିବା ଲୋକଙ୍କ ବିଶ୍ୱାସଘାତକୁ କେବେବି ସମ୍ଭାଳି ହେବନି। କେତେବେଳେ ଭାଗ୍ୟ ଆଉ କେତେବେଳେ କର୍ମକୁ ଦୋଷ ଦେଇ ପ୍ରତ୍ୟେକଟି କ୍ଷେତ୍ରରେ କାନ୍ଦିବେ। ଯନ୍ତ୍ରଣାକୁ ସହିପାରିବେନି। ଅନେକ ଲୋକ ବୁଝେଇବେ କିନ୍ତୁ ଅବୁଝା ମଣିଷ ସବୁ ବୁଝି ପୁଣି ସେହି ଭୁଲ କରିବା ଯେଉଁ ଭୁଲର କୌଣସି ସଂଜ୍ଞା ନଥିବା ସେଥିପାଇଁ କହୁଛି ଭଲ ହୁଅନ୍ତୁ କିନ୍ତୁ ବେଶି ଭଲ ହୁଅନ୍ତୁନି କି ନିଜ ଲୁହକୁ ଲୁଚେଇ ଭଗବାନଙ୍କୁ ଦୋଷ ଦିଅନ୍ତୁନି।ଆଉ ଏମିତିରେ ଯିଏ ଅନ୍ୟକୁ କନ୍ଦାଏ ତାକୁ ମଧ୍ୟ କିଏ କନ୍ଦାଇବାକୁ ଥାଏ। ହୁଏତ ଗୋଟେ ଲୋକ କିଛି ସମୟ ପାଇଁ ତୁମକୁ କନ୍ଦାଇ ପାରେ କିନ୍ତୁ ତାକୁ କନ୍ଦେଇବା ପାଇଁ ସମୟ କଣ ବର୍ଷର ଅଭାବ ମଧ୍ୟ ରହିଥାଏ। ଯିଏ ଅନ୍ୟକୁ କନ୍ଦାଇ ଖୁସି ହୁଏ ତାକୁ ମଧ୍ୟ ଦିନେ ନା ଦିନେ କାନ୍ଦିବାକୁ ହୋଇଥାଏ।ହୁଏତ ତୁମେ ଏବେ କନ୍ଦେଇବା ଆରମ୍ଭ କରିଛ କିନ୍ତୁ ତୁମ କାନ୍ଦ ଯେତେବେଳେ ଆରମ୍ଭ ହେଓ୍ୱ ସେତେବେଳେ ବୋଧେ ଏହି କାନ୍ଦୁଥିବା ଲୋକଟେ ତୁମକୁ ବୁଝାଇବାକୁ ଥିବ। ସମସ୍ତେ ସମସ୍ତଙ୍କ ଭାବନାକୁ ବୁଝନ୍ତୁ ନିଜକୁ ମହାନ ସଜେଇବା ପାଇଁ କିମ୍ବା ନିଜ ଭିତରେ ଥିବା କିଛି ପାରିବାରିକ ସମସ୍ୟା ପାଇଁ ଅନ୍ୟ ଉପରେ ଦୋଷ ଲଦି ନିଜ ଦୁର୍ବଳତାକୁ ଲୁଚାଇ କାହାକୁ କନ୍ଦେଇବାକୁ ଚେଷ୍ଟା କରନ୍ତୁନି। କାହିଁକି ନା କାନ୍ଦୁଥିବା ଆଖିର ଲୁହ ଶୁଖେନି କି ହୃଦୟର ଯନ୍ତ୍ରଣାକୁ ସହି ହୁଏନି। ଥରେ ସେହି ସରଳ ଲୋକଙ୍କ ଭଳି ଅନୁଭବି ହୋଇଯାଆନ୍ତୁ ଦେଖିବେ ଅନ୍ୟକୁ କଷ୍ଟ ଦେବା ଆଗରୁ ନିଜ ଭିତରେ ଥିବା କିଛି କଷ୍ଟକୁ ମନେ ପକାଇ ନିଜେ କାନ୍ଦିବେ କିନ୍ତୁ କାହାକୁ କେବେ କନ୍ଦାଇ ପାରିବେନି।

ଅନ୍ଧାରୁଆ, ଭୁବନେଶ୍ୱର
ମୋବାଇଲ୍: ୯୦୯୦୬୬୧୫୮୬



ସଡ଼କ ଦୁର୍ଘଟଣା ଓ ପ୍ରତିକାର



ଡକ୍ଟର ଲକ୍ଷ୍ମଣ ସାହୁ

ପ୍ରତିଦିନ ଆମ ରାସ୍ତାରେ ପ୍ରାୟ ଚାରିଶହ ଲୋକ ପ୍ରାଣ ହରାଉଛନ୍ତି। ଏହି ସଂଖ୍ୟା କୌଣସି ବିପର୍ଯ୍ୟୟ କିମ୍ବା ମହାମାରୀ ଯୋଗୁଁ ନୁହେଁ, ବରଂ ଆମ ରାସ୍ତାରେ ପ୍ରଚଳିତ ବିଶୃଙ୍ଖଳା ଓ ଅବହେଳା ଯୋଗୁଁ ଘଟୁଛି। ଅନେକ ଯୋଜନା, ଅଭିଯାନ ଓ ଆଇନ ସତ୍ତ୍ୱେ, ଭାରତ ଏବେ ବି ବିଶ୍ୱରେ ସର୍ବାଧିକ ସଡ଼କ ଦୁର୍ଘଟଣା ମୃତ୍ୟୁ ହାର ଥିବା ଦେଶମାନଙ୍କ ମଧ୍ୟରେ ସ୍ଥାନ ପାଇଛି। ପ୍ରଶ୍ନ ଏହା ନୁହେଁ ଯେ ସରକାର କିଛି କରିଛନ୍ତି କି ନାହିଁ, ବରଂ ଆମେ ସଡ଼କ ସୁରକ୍ଷାକୁ କେତେ ପ୍ରାଥମିକତା ଦେଇଛେ ତାହା ବିଚାର୍ଯ୍ୟ। ଏହି ପରିସ୍ଥିତି କେବଳ ପ୍ରଶାସନିକ ବିଫଳତା ନୁହେଁ ବରଂ ସାମାଜିକ ଦାୟିତ୍ୱ ଓ ନାଗରିକ ସଂସ୍କୃତିର ପରୀକ୍ଷାକୁ ମଧ୍ୟ ପ୍ରତିନିଧିତ୍ୱ କରେ। ଭାରତରେ ସଡ଼କ ସୁରକ୍ଷା ଉପରେ ଆଲୋଚନା ପ୍ରାୟତଃ ଏକ ବଡ଼ ଦୁର୍ଘଟଣା କିମ୍ବା ସେଲିବ୍ରିଟି ଘଟଣା ପରେ ତୀବ୍ର ହୁଏ। କିନ୍ତୁ କିଛି ଦିନ ମଧ୍ୟରେ ସବୁକିଛି ଧୀରେ ଧୀରେ ସ୍ୱାଭାବିକ ହୋଇଯାଏ। ପ୍ରାୟତଃ କାଗଜପତ୍ରରେ ସଡ଼କ ସୁରକ୍ଷା ପାଇଁ ପ୍ରଣୀତ ନୀତିଗୁଡ଼ିକ ନାଲିଫିତା ତଳେ ସୀମିତ ହୋଇ ରହିଯାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ, ବିଶ୍ୱର ମୋଟ ଯାନର ମାତ୍ର ଏକ ପ୍ରତିଶତ ଥିବା ସତ୍ତ୍ୱେ, କେବଳ ଭାରତରେ ବିଶ୍ୱର ପ୍ରାୟ ୧୧ ପ୍ରତିଶତ ସଡ଼କ ଦୁର୍ଘଟଣା ମୃତ୍ୟୁ ଘଟେ। ଯେକୌଣସି ଦାୟିତ୍ୱବାନ ରାଷ୍ଟ୍ର ପାଇଁ ଏହି ଅସନ୍ତୁଳନ ଏକ ଚେତାବନୀ।

ସଡ଼କ ଦୁର୍ଘଟଣା ପଛରେ ଅନେକ ପରସ୍ପର ସହିତ ମିଶ୍ରିତ ସମସ୍ୟା ଭିତ୍ତିକ କାରଣ ରହିଛି। ସବୁଠାରୁ ପ୍ରମୁଖ କାରଣ ହେଉଛି ଭିତ୍ତିଭୂମିର ଗୁଣବତ୍ତା ଓ ଡିଜାଇନରେ ଥିବା ବଡ଼ ତ୍ରୁଟି। ଆମର ଅନେକ ଜାତୀୟ ଓ ରାଜ୍ୟ ରାଜପଥରେ ସାଇନେଜ୍, ଡିଭାଇଡର୍, ଆଲୋକ ଓ ସୁରକ୍ଷା ପ୍ରତିବନ୍ଧକ ନାହିଁ। ଟ୍ରାଫିକ୍ ପ୍ରବାହର ବୈଜ୍ଞାନିକ ଅଧ୍ୟୟନ ବିନା ପ୍ରାୟତଃ ରାସ୍ତା ପ୍ରଶସ୍ତ କରାଯାଏ। ଛୋଟ ସହର ଓ ଗ୍ରାମାଞ୍ଚଳରେ, ବର୍ଷା ସମୟରେ ରାସ୍ତାଗୁଡ଼ିକ ଖରାପ ହୋଇଯାଏ ଓ ଯାହା ବର୍ଷ ବର୍ଷ ଧରି ମରାମତି ହୋଇନଥାଏ। ପ୍ରକୃତରେ ଦୁର୍ନୀତି ଓ ନିମ୍ନମାନର ରାସ୍ତା ନିର୍ମାଣ ଯୋଗୁଁ ଲୋକମାନେ ଜୀବନ ହରାଉଛନ୍ତି।

ଆଉ ଏକ ଭିନ୍ନ ପ୍ରମୁଖ କାରଣ ହେଉଛି ଦୁର୍ବଳ କାର୍ଯ୍ୟକାରୀ ବ୍ୟବସ୍ଥା। ଭାରତରେ ଟ୍ରାଫିକ୍ ନିୟମ ଅଛି, କିନ୍ତୁ ସେଗୁଡ଼ିକୁ ପାଳନ କରିବାର କୌଣସି ସଂସ୍କୃତି ନାହିଁ। ଦ୍ରୁତ ଗତିରେ ଗାଡି ଚାଳନା, ରାସ୍ତାର ଭୁଲ ପାର୍ଶ୍ୱରେ ଗାଡି ଚାଳନା, ହେଲମେଟ୍ କିମ୍ବା ସିଟ୍ ବେଲ୍ଟ ବିନା ଗାଡି ଚାଳନା ଓ ମଦ୍ୟପାନ କରି ଗାଡି ଚାଳନା ସାଧାରଣ ପାଲଟି ଯାଇଛି। ଏହି ନିୟମଗୁଡ଼ିକୁ କଡ଼ାକଡ଼ି ଭାବରେ ଲାଗୁ କରିବା ପାଇଁ ପୋଲିସ ବାହିନୀର ସମ୍ବଳ କିମ୍ବା ବୈଷୟିକ ତାଲିମର ଅଭାବ ଅଛି। ଇ-ଚାଲାଣ ଭଳି ପଦକ୍ଷେପ କେବଳ ପ୍ରମୁଖ ସହରଗୁଡ଼ିକରେ ସୀମିତ ଥିବାବେଳେ, ସେତେବେଳେ ଗ୍ରାମୀଣ ଭାରତରେ ଟ୍ରାଫିକ୍ ନିୟନ୍ତ୍ରଣ ପ୍ରାୟତଃ ନାହିଁ।

ତୃତୀୟ କାରଣ ହେଉଛି ଡ୍ରାଇଭିଂ ଲାଇସେନ୍ସ ବ୍ୟବସ୍ଥାରେ ଥିବା ତ୍ରୁଟି। ଭାରତରେ ଡ୍ରାଇଭିଂ ଲାଇସେନ୍ସ ପାଇବା ଦକ୍ଷତା ନୁହେଁ ବରଂ ଆନୁଷ୍ଠାନିକତାର ପ୍ରତୀକ ପାଲଟିଛି। ତାଲିମ କେନ୍ଦ୍ରର ଅଭାବ ଓ ଦୁର୍ନୀତି ଯୋଗୁଁ, ଉପଯୁକ୍ତ ପରୀକ୍ଷା ବିନା ଲାଇସେନ୍ସ ପ୍ରଦାନ କରାଯାଏ। ଫଳସ୍ୱରୂପ ଅସୁରକ୍ଷିତ ଡ୍ରାଇଭରମାନେ ରାସ୍ତାରେ ଯାଆନ୍ତି। ଅନେକ ଦେଶରେ ଗାଡି ଚାଳନାକୁ ଏକ ଦାୟିତ୍ୱ ଭାବରେ ବିବେଚନା କରାଯାଉଥିବା ବେଳେ, ଭାରତରେ ଏହାକୁ କେବଳ ଏକ ଅଧିକାର ଭାବରେ ଦେଖାଯାଏ। ଏହା ସହିତ ଯାନବାହାନରେ ବୈଷୟିକ ସୁରକ୍ଷା ବ୍ୟବସ୍ଥାର ଅଭାବ ଦୁର୍ଘଟଣାରେ ମୃତ୍ୟୁର ଏକ ପ୍ରମୁଖ କାରଣ।

ବିଶେଷକରି ଟ୍ରକ୍, ବସ୍ ଓ ଅଟୋଗୁଡ଼ିକରେ ଧକ୍କା ସତର୍କୀକରଣ ପ୍ରଣାଳୀ, ଏୟାରବ୍ୟାଗ୍ କିମ୍ବା ଶକ୍ତି-ଶୋଷଣକାରୀ ଗଠନର ଅଭାବ ଅଛି। ବିକଶିତ ଦେଶଗୁଡ଼ିକରେ ଯାନବାହାନ ନିର୍ମାଣ ସମୟରେ ସୁରକ୍ଷା ବୈଶିଷ୍ଟ୍ୟଗୁଡ଼ିକ ବାଧ୍ୟତାମୂଳକ, କିନ୍ତୁ ଭାରତରେ, ଏହା ଉଚ୍ଚମାନର ମଡେଲଗୁଡ଼ିକରେ ସୀମିତ। ଅଟୋ ଶିଳ୍ପ ଓ ନିୟାମକ ସଂସ୍ଥା ମଧ୍ୟରେ ଦାୟିତ୍ୱହୀନତା ସ୍ପଷ୍ଟ।

ସଡ଼କ ଦୁର୍ଘଟଣାର ଆର୍ଥିକ ପ୍ରଭାବ ମଧ୍ୟ ଗମ୍ଭୀର। ନୀତି ଆୟୋଗ ଅନୁଯାୟୀ, ସଡ଼କ ଦୁର୍ଘଟଣା ଯୋଗୁଁ ଭାରତ ପ୍ରତିବର୍ଷ ଏହାର ମୋଟ ଘରୋଇ ଉତ୍ପାଦ (ଏଡଚ)ର ପ୍ରାୟ ତିନି ପ୍ରତିଶତ ହରାଇଥାଏ। ଏହାର ଅର୍ଥ ହେଉଛି ଯେ କେବଳ ଲୋକମାନେ ମୃତ୍ୟୁବରଣ କରୁଛନ୍ତି ତାହା ନୁହେଁ, ବରଂ ବିକାଶର ଗତି




ମଧ୍ୟ ମନ୍ଥର ହେଉଛି। ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଗୋଟିଏ ପରିବାରକୁ ପ୍ରଭାବିତ କରେ। ଏହା ସମାଜ ଓ ଅର୍ଥନୀତିକୁ ସ୍ଥାୟୀ କ୍ଷତି ପହଞ୍ଚାଉଛି। ଏହା କେବଳ ପରିସଂଖ୍ୟାନର ବିଷୟ ନୁହେଁ, ବରଂ ମାନବ ଜୀବନ ପ୍ରତି ସମ୍ମାନର ପ୍ରଶ୍ନ।

ବର୍ତ୍ତମାନ ପ୍ରଶ୍ନ ହେଉଛି ଏହି ପରିସ୍ଥିତିକୁ କିପରି ପରିବର୍ତ୍ତନ କରାଯିବ ? ପ୍ରଥମେ ସଡ଼କ ସୁରକ୍ଷାକୁ ପ୍ରତିକ୍ରିୟାଶୀଳ ନୁହେଁ, ଏକ ପ୍ରତିରୋଧକ ନୀତି ଭାବରେ ଗ୍ରହଣ କରିବାକୁ ପଡ଼ିବ। ଏହାର ଅର୍ଥ ହେଉଛି ଦୁର୍ଘଟଣା ପରେ ପ୍ରତିକ୍ରିୟା ଦେବା ପରିବର୍ତ୍ତେ ପୂର୍ବରୁ ଦୁର୍ଘଟଣାକୁ ରୋକିବା ପାଇଁ ଯନ୍ତ୍ରପାତି ବିକଶିତ କରିବା। ଏଥିପାଇଁ ରାସ୍ତା ନିର୍ମାଣ, ଯାନବାହାନ ପ୍ରଯୁକ୍ତିବିଦ୍ୟା, ଟ୍ରାଫିକ୍ ପରିଚାଳନା ଓ ଜରୁରୀକାଳୀନ ସେବାରେ ଏକ ସମନ୍ୱିତ ଦୃଷ୍ଟିକୋଣ ଆବଶ୍ୟକ। ପ୍ରଥମ ପଦକ୍ଷେପ ହେଉଛି ବୈଜ୍ଞାନିକ ରାସ୍ତା ଡିଜାଇନ୍ ଓ ରକ୍ଷଣାବେକ୍ଷଣ।

ନିର୍ମାଣ ପୂର୍ବରୁ ପ୍ରତ୍ୟେକ ରାସ୍ତା ପ୍ରକଳ୍ପ ପାଇଁ ସଡ଼କ ସୁରକ୍ଷା ଅଡିଟ୍ ବାଧ୍ୟତାମୂଳକ ହେବା ଉଚିତ୍। ରାସ୍ତାଗୁଡ଼ିକ କେବଳ ପ୍ରଶସ୍ତ ନୁହେଁ, ବରଂ ନିରାପଦ ଓ ସମ୍ଭାବ୍ୟ ମଧ୍ୟ ହେବା ଉଚିତ୍। ସାଇନେଜ୍, ସ୍ପିଡ୍ ବ୍ରେକର, ଦୁର୍ଘଟଣା ପ୍ରତିବନ୍ଧକ ଓ ରାତି ଆଲୋକ ଭଳି ଉପାଦାନଗୁଡ଼ିକ ଡିଜାଇନର ଅବିଚ୍ଛେଦ୍ୟ ହେବା ଉଚିତ୍। ଦ୍ୱିତୀୟତଃ ଲାଇସେନ୍ସ ବ୍ୟବସ୍ଥାକୁ ଉନ୍ନତ କରିବା ଆବଶ୍ୟକ ରହିଛି। ପାସପୋର୍ଟ ସେବା କେନ୍ଦ୍ର ପରି ଲାଇସେନ୍ସ ସେବା କେନ୍ଦ୍ର ସୃଷ୍ଟି କରିବା ଦ୍ୱାରା ସ୍ୱଚ୍ଛ, ଡିଜିଟାଲ୍ ଓ ଦକ୍ଷତା-ଆଧାରିତ ମୂଲ୍ୟାଙ୍କନକୁ ସହଜ କରାଯାଇପାରିବ। ପ

ରାଜନୀତି ଛାଡ଼ିଲେ ଓ ପରିବାର ସହ ସମ୍ପର୍କ ତୁଟାଇଲେ ରୋହିଣୀ



ପାଟନା, ୧୫।୧୧: ବିହାର ନିର୍ବାଚନରେ ବଡ଼ ପରାଜୟର ସାମ୍ନା କରିଥିବା ଆରଜେଡି ପ୍ରତିଷ୍ଠାତା ଲାଲୁ ପ୍ରସାଦ ଯାଦବଙ୍କୁ ଆଉ ଗୋଟିଏ ବଡ଼ ଝଟକା ଲାଗିଛି। ପରାଜୟର ଦିନକ ପରେ ଲାଲୁଙ୍କ ଝିଅ ରୋହିଣୀ ଆଚାର୍ଯ୍ୟ ରାଜନୀତିରୁ ଅବସର ଘୋଷଣା କରିଛନ୍ତି। ଏଥିସହ ନିଜ ପରିବାର ସହ ସବୁ ପ୍ରକାରର ସମ୍ପର୍କକୁ ମଧ୍ୟ ସେ ଛିନ୍ନ କରିଥିବା ଏକ୍ସ ଯୋଗେ ସୂଚନା ଦେଇଛନ୍ତି। ଏପରି ପଦକ୍ଷେପ ସେ ଆରଜେଡି ବିଦ୍ରୋହୀ ସଞ୍ଜୟ ଯାଦବ ଓ ସ୍ୱାମୀ ରମୀଜ ଆଲାମଙ୍କ ପରାମର୍ଶକ୍ରମେ ନେଇଥିବା ମଧ୍ୟ ଅବଗତ କରିଛନ୍ତି।

ସେ ଏକ୍ସରେ ଲେଖିଛନ୍ତି, 'ମୁଁ ରାଜନୀତି ଛାଡୁଛି ଓ ମୁଁ ମୋ ପରିବାର ସହ ସବୁ ସମ୍ପର୍କ ଛିନ୍ନ କରୁଛି। ସଞ୍ଜୟ ଯାଦବ ଓ ରମୀଜ ମୋତେ ଯାହା କହିଥିଲେ ମୁଁ ଏବେ ସେଇଆ କରୁଛି। ମୁଁ ସବୁ ଦୋଷ ନିଜ ମୁଣ୍ଡକୁ ନେଉଛି।' ରୋହିଣୀ ପେଶାରେ ଜଣେ ଡାକ୍ତର। ଏକଦା ସେ ବାପା ଲାଲୁଙ୍କୁ କିଡନୀ ଦେଇ ଜୀବନ ବଞ୍ଚାଇଥିଲେ। ୨୦୨୪ରେ ସେ ବିହାରର ସାରନ ଲୋକସଭାରୁ ନିର୍ବାଚନ ଲଢ଼ିଥିଲେ ହେଁ ବିଜେପିର ରାଜୀବ ପ୍ରତାପ ରୁଡ଼ୀଙ୍କ ଠାରୁ କମ ବ୍ୟବଧାନରେ ପରାସ୍ତ ହୋଇଥିଲେ।

ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ହିଁ ରୋହିଣୀ ଓ ଲାଲୁଙ୍କ ପରିବାର ମଧ୍ୟରେ ସବୁ କିଛି ଠିକଠାକ ନଥିବା ସ୍ପଷ୍ଟ ହୋଇଥିଲା। କାରଣ ରୋହିଣୀ ଏକ୍ସରେ ପ୍ରଥମେ ନିଜ ବାପା ଲାଲୁ ପ୍ରସାଦ ଓ ପରେ ଭାଇ ତେଜସ୍ୱୀ ଯାଦବଙ୍କୁ ଅନଫୋଲ କରିଥିଲେ। କୁହାଯାଉଛି ଯେ, ବିବାଦର ମୂଳକାରଣ ହେଉଛି ୨୦୨୨ରେ ରୋହିଣୀ ଦାନ କରିଥିବା କିଡ୍‌ନୀ। ଏହାକୁ ନେଇ ଜାରି ରହିଥିବା ଗୁଜବ ଓ ଅଭିଯୋଗକୁ ସହଜରେ ଗ୍ରହଣ କରିପାରୁ ନଥିଲେ ରୋହିଣୀ। ସେହିପରି ଆରଜେଡିର ରାଜ୍ୟସଭା ସାଂସଦ ସଞ୍ଜୟ ଯାଦବଙ୍କ ସହ ତେଜସ୍ୱୀଙ୍କ ବିବାଦକୁ ସହଜରେ ଗ୍ରହଣ କରିପାରୁ ନଥିଲେ ରୋହିଣୀ। ସେହିପରି ଜଣେ ଯୁବତୀଙ୍କ ସହ ତେଜ ପ୍ରତାପଙ୍କ ଫଟୋ ଭାଇରାଲ ହେବା ପରେ ଲାଲୁ ତାଙ୍କୁ ଦଳରୁ ବହିଷ୍କାର କରିବା ଓ ତାଙ୍କ ସହ ସବୁ ସମ୍ପର୍କ ଛିନ୍ନ କରିବା ମଧ୍ୟ ରୋହିଣୀଙ୍କ ଅସନ୍ତୋଷର ଅନ୍ୟତମ କାରଣ।

ବିଦ୍ରୋହୀଙ୍କ ବିରୋଧରେ ବିଜେପିର କାର୍ଯ୍ୟାନୁଷ୍ଠାନ

ନିଲମ୍ବନ ପରେ ଦଳ ଛାଡ଼ିଲେ ପୂର୍ବତନ କେନ୍ଦ୍ରମନ୍ତ୍ରୀ



ପାଟନା, ୧୫।୧୧: ବିହାର ବିଧାନସଭା ନିର୍ବାଚନରେ ରେକର୍ଡ ବିଜୟ ପରେ ଏବେ ବିଜେପି ବିଦ୍ରୋହୀଙ୍କ ବିରୋଧରେ ଅଭିଯାନ ଆରମ୍ଭ କରିଦେଇଛି। ବିଜୟର ଦିନକ ପରେ ବିଜେପି ପକ୍ଷରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଆରକେ ସିଂହଙ୍କୁ ନିଲମ୍ବିତ କରାଯାଇଛି। ଶ୍ରୀ ସିଂହଙ୍କ ବ୍ୟତୀତ ନିର୍ବାଚନ ପୂର୍ବରୁ ବିଦ୍ରୋହୀ ଟ୍ୟାଗ ପାଇଥିବା ଆଉ ୨ ନେତାଙ୍କ ବିରୋଧରେ ବିଜେପି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଆରକେ ସିଂହଙ୍କ ବ୍ୟତୀତ ବିଜେପି କାର୍ଯ୍ୟାନୁଷ୍ଠାନର ଶିକାର ହୋଇଥିବା ଦୁଇ ନେତା ହେଲେ ଅଶୋକ ଅଗ୍ରୱାଲ ଓ କତିହାର ମେୟର ଉଷା ଅଗ୍ରୱାଲ।

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଆରକେ ସିଂହଙ୍କୁ ବିଜେପି ନିଲମ୍ବିତ କରି କାରଣ ଦର୍ଶାଅ ନୋଟିସ ପଠାଇଥିଲା। ହେଲେ ସେ ଏହାର ଜବାବ ଦେବା ବଦଳରେ ସିଧା ଦଳକୁ ବାଏବାଏ କହିଛନ୍ତି। ତାଙ୍କୁ ବିହାର ବିଜେପିର ରାଜ୍ୟ ମୁଖ୍ୟାଳୟ ଇନଚାର୍ଜ ଅରବିନ୍ଦ ଶର୍ମା ଆଜି ସକାଳେ ନିଲମ୍ବନ ସମ୍ପର୍କରେ ଅବଗତ କରାଇବା ସହ କାରଣ ଦର୍ଶାଅ ନୋଟିସ କରିଥିଲେ। ଏଥିସହ କାହିଁକି ତାଙ୍କୁ ଦଳରୁ ବହିଷ୍କାର କରା ନ ଯିବ, ତା'ର କାରଣ ଗୋଟିଏ ସପ୍ତାହ ମଧ୍ୟରେ କହିବାକୁ ନିର୍ଦ୍ଦେଶ ଦେଇଥିଲେ। ସମାନ ନୋଟିସ ଅଶୋକ ଓ ଉଷାଙ୍କୁ ମଧ୍ୟ ପଠା ଯାଇଥିଲା।

ଅରାର ପୂର୍ବତନ ସାଂସଦ ଆରକେ ସିଂହ ଏକଦା କେନ୍ଦ୍ରରେ ମନ୍ତ୍ରୀ ଥିଲେ। ୨୦୨୪ ଲୋକସଭା ନିର୍ବାଚନ ହାରିବା ପରଠାରୁ ସେ ବିଜେପି ଓ ବିହାର ସରକାରଙ୍କୁ ବିଭିନ୍ନ ପ୍ରସଙ୍ଗରେ ଟାର୍ଗେଟ କରିଚାଲିଥିଲେ। ରାଜ୍ୟରେ ଏନଡିଏର ନେତୃତ୍ୱ ଉପରେ ସେ ପ୍ରଶ୍ନ ଉଠାଇଥିଲେ। ବିହାରର ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କୁ ସେ ଅଧିକ ବିରୋଧ କରୁଥିଲେ। ଏହାକୁ ନେଇ ବିଜେପି ସହ ତାଙ୍କର ତିକ୍ତତା ଲାଗି ରହିଥିଲା। ରାଜ୍ୟରେ ଏକାଧିକ ପ୍ରକଳ୍ପରେ ଦୁର୍ନୀତି ହୋଇଥିବା ମଧ୍ୟ ସେ ଅଭିଯୋଗ ଆଣି ହଇଚଇ ସୃଷ୍ଟି କରିଥିଲେ। ବିଧାନ ପରିଷଦ ସଦସ୍ୟ ଅଶୋକ ଅଗ୍ରୱାଲ ବିଜେପିର ବରିଷ୍ଠ ନେତା। କିନ୍ତୁ ତାଙ୍କ ପୁଅ ସୌରଭ ଅଗ୍ରୱାଲ ଚଳିତ ବିହାର ନିର୍ବାଚନରେ ଭିଆଇପି ଟିକେଟରୁ ଲଢ଼ିଥିଲେ। ଏହି ସମୟରେ ଅଶୋକ ଦଳ ବିରୋଧରେ ଯାଇ ପୁଅ ସୌରଭଙ୍କ ପାଇଁ ପ୍ରଚାର କରିଥିଲେ। ଏଥିଯୋଗୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଛି। ମେୟର ଉଷା ଅଗ୍ରୱାଲ ମଧ୍ୟ ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ରହି ନିଲମ୍ବିତ ହୋଇଛନ୍ତି।

ଦିଲ୍ଲୀ ବିସ୍ଫୋରଣ ଘଟଣା

ଦୁବାଇ ପଳାଇବାକୁ ଚେଷ୍ଟା କରୁଥିଲେ ଶାହିନ

ଆଲ ଫାଲାହ ବିଶ୍ୱବିଦ୍ୟାଳୟ କାର୍ଯ୍ୟାଳୟରେ ତଲାସୀ

ଉମରଙ୍କ ସହ ସମ୍ପର୍କ ରଖି ବନ୍ଧାହେଲେ ଡାକ୍ତର ରଇସ

ନୂଆଦିଲ୍ଲୀ,୧୫।୧୧: ଦିଲ୍ଲୀ କାର ବିସ୍ଫୋରଣ ମାମଲାରେ ଏକ ସଫଳତା ମିଳିଛି। ଜଣେ ଗିରଫ ହୋଇଛନ୍ତି। ଜାତୀୟ ତଦନ୍ତ ସଂସ୍ଥା ଏବଂ ଦିଲ୍ଲୀ ପୁଲିସର ତଦନ୍ତ ଅନୁଯାୟୀ, ଦିଲ୍ଲୀ ବିସ୍ଫୋରଣର ମୁଖ୍ୟ ଅଭିଯୁକ୍ତ ଡାକ୍ତର ଶାହିନ୍ ଦୁବାଇ ପଳାଇବାକୁ ଯୋଜନା କରୁଥିଲେ। ଭିସା ଯାଞ୍ଚ୍ ସମୟର ତାଙ୍କର ଏକ ଫଟୋ ମିଳିଛି। ଶାହିନ୍ ଭିସା କରିବାକୁ ପ୍ରସ୍ତୁତ ହେଉଥିଲେ। ସେଥିପାଇଁ ପୁଲିସ କିଛିଦିନ ପୂର୍ବରୁ ତାଙ୍କର ଫଟୋ ଭେରିଫିକେସନ କରିଥିଲେ। ଏହି ଫଟୋ ଜଣେ ପୁଲିସ ଅଧିକାରୀ ରୁମ୍ ନମ୍ବର ୨୯ରେ ଉଠାଇଥିଲେ। ବିସ୍ଫୋରଣ ପରେ, ସେ ଗିରଫଦାରୀ ଏଡାଇବା ପାଇଁ ଦୁବାଇ ପଳାଇବାକୁ ଯୋଜନା କରୁଥିଲେ। କିନ୍ତୁ ଜମ୍ମୁ-କଶ୍ମୀରରେ ଏକ ଆତଙ୍କବାଦୀ ମଡ୍ୟୁଲ୍ ପର୍ଦ୍ଦାଫାସ ହେବା ପରେ ତାଙ୍କ ଯୋଜନା ପଣ୍ଡ ହୋଇଯାଇଥିଲା।

ଏନଆଇଏ ସର୍ଜରୀ ପ୍ରଫେସର ଡାକ୍ତର ରଇସ ଅହମ୍ମଦ ଭଟ୍ଟଙ୍କୁ ଗିରଫ କରିଛି। ୪୫ ବର୍ଷୀୟ ରଇସ ପଠାନକୋଟ ଜିଲ୍ଲାରେ ପଠାନକୋଟର ପିଏସ୍ ମାମୁନ କ୍ୟାଣ୍ଟର ହ୍ୱାଇଟ୍ ମେଡିକାଲ କଲେଜରେ ନିଯୁକ୍ତ ହୋଇଥିଲେ। ସେ ଦକ୍ଷିଣ କଶ୍ମୀରର ଅନନ୍ତନାଗର ଦେଇଗାମର ବାସିନ୍ଦା। ଡାକ୍ତର ରଇସ ୨୦୨୦-୨୦୨୧ ମସିହାରେ ଫରିଦାବାଦର ଅଲ୍ ଫଲାହ ବିଶ୍ୱବିଦ୍ୟାଳୟରେ ତାଙ୍କର ଇଣ୍ଟର୍ନସିପ୍ ସମାପ୍ତ କରିଥିଲେ। ଦିଲ୍ଲୀ ବୋମା ବିସ୍ଫୋରଣ ମାମଲାର ମୁଖ୍ୟ ଅଭିଯୁକ୍ତ ଡାକ୍ତର ଉମରଙ୍କ ସହ ସମ୍ପର୍କ ରଖିବା ସନ୍ଦେହରେ ଡାକ୍ତର ରଇସଙ୍କୁ ଗିରଫ କରାଯାଇଛି।



ଅନ୍ୟପକ୍ଷରେ ଦିଲ୍ଲୀ ପୁଲିସର କ୍ରାଇମ ଟିମ୍ ଶନିବାର ଓଖଲାରେ ଥିବା ଅଲ-ଫଲାହ କାର୍ଯ୍ୟାଳୟ ତଲାସୀ କରିଛି। ବିସ୍ଫୋରଣ ସହିତ ସମ୍ଭାବ୍ୟ ଲିଙ୍କ୍ ଏବଂ ସନ୍ଦେହଜନକ କାର୍ଯ୍ୟକଳାପ ନିଶ୍ଚିତ କରିବା ପାଇଁ ଦଳ ଅନେକ ଗୁରୁତ୍ୱପୂର୍ଣ୍ଣ ଡକ୍ୟୁମେଣ୍ଟ ଏବଂ ଡିଜିଟାଲ୍ ରେକର୍ଡ ଯାଞ୍ଚ୍ କରିଛି। ସୂତ୍ର ଅନୁଯାୟୀ, କ୍ରାଇମ ଟିମ୍ କାର୍ଯ୍ୟାଳୟରେ ଉପସ୍ଥିତ କର୍ମଚାରୀମାନଙ୍କୁ ମଧ୍ୟ ପଚରାଉଚରା କରିଛି ଏବଂ ସିସିଟିଭି ଫୁଟେଜ୍ ଯାଞ୍ଚ୍ କରିଛି। କୌଣସି ଭିତରର ସମର୍ଥନ, ବୈଠକ କିମ୍ବା କାରବାର ଏହି କାର୍ଯ୍ୟାଳୟକୁ ବିସ୍ଫୋରଣ ସହିତ ଲିଙ୍କ୍ କରିଛି କି ନାହିଁ ତାହା ପୁଲିସ ଜାଣିବାକୁ ପ୍ରୟାସ କରୁଛି।

ବ୍ୟବହାର ହୋଇଥିଲା ଆମୋନିୟମ ନାଇଟ୍ରେଟ୍



ନୂଆଦିଲ୍ଲୀ,୧୫।୧୧: ଦେଶର ରାଜଧାନୀ ଦିଲ୍ଲୀର ଲାଲକିଲ୍ଲାରେ ସୋମବାର ହୋଇଥିବା ଭୟଙ୍କର ବିସ୍ଫୋରଣର ତଦନ୍ତ ଯେତିକି ଆଗଉଛି ନୂଆ ନୂଆ ତଥ୍ୟ ବି ସେତିକି ସାମ୍ନାକୁ ଆସୁଛି। ଲାଲକିଲ୍ଲା ବିସ୍ଫୋରଣ ପାଇଁ ୨ କେଜିରୁ ଅଧିକ ପରିମାଣର ଆମୋନିୟମ ନାଇଟ୍ରେଟ ଓ ପେଟ୍ରୋଲିୟମ ଜାତୀୟ ଦ୍ରବ୍ୟର ବ୍ୟବହାର କରାଯାଇଥିଲା। ଫରେନ୍ସିକ ଟିମ ଘଟଣା ସ୍ଥଳରୁ ୫୨ଟି ବିସ୍ଫୋରକ ନମୁନା ଠାବ କରିଛନ୍ତି। ଏହାର ଯାଞ୍ଚରୁ ଜଣାପଡ଼ିଛି ଯେ, ଉମର ସମ୍ଭବତଃ ଏହି ସବୁ ବିସ୍ଫୋରକକୁ ଆମୋନିୟମ ନାଇଟ୍ରେଟ, ପେଟ୍ରୋଲିୟମ ଓ ଡେଟୋନେଟିଂ ସାମଗ୍ରୀ ଦ୍ୱାରା ତିଆରି କରିଥିଲା।

ଫରେନ୍ସିକ ତଦନ୍ତରୁ ଆହୁରି ଜଣାପଡ଼ିଛି ଯେ, ବିସ୍ଫୋରଣ ପାଇଁ ବ୍ୟବହୃତ ହୋଇଥିବା ବିସ୍ଫୋରକକୁ ୫ରୁ ୧୦ ମିନିଟ ମଧ୍ୟରେ ତିଆରି କରାଯାଇ ପାରିବ। ତେଣୁ ଲାଲକିଲ୍ଲା ବିସ୍ଫୋରଣରେ ବ୍ୟବହୃତ ହୋଇଥିବା ବିସ୍ଫୋରକକୁ ଉମର ନବି କ'ଣ ସ୍ଥାନୀୟ ପାର୍କିଂରେ ବସିବା ବେଳେ ତିଆରି କରିଥିଲା କି ବୋଲି ଏବେ ସୁରକ୍ଷା ଏଜେନ୍ସି ଗୁଡ଼ିକ ଜାଣିବାକୁ ଚେଷ୍ଟା କରୁଛନ୍ତି। କାରଣ ସୋମବାର ୬.୫୨ରେ ବିସ୍ଫୋରଣ କରିବାରୁ ଉମର ୩ ଘଣ୍ଟା ଧରି ସ୍ଥାନୀୟ ପାର୍କିଂରେ କାର ସହ ରହିଥିଲା। ସୋମବାର ଅପରାହ୍ନ ପ୍ରାୟ ୩.୧୯ରେ ଉମରର କାର ସୁନେହରି ମସଜିଦର ପାର୍କିଂ ଲଟ୍‌ରେ ପ୍ରବେଶ କରିଥିଲା। ପାର୍କିଂ ସ୍ଥଳରେ ଅନ୍ୟ କାରଗୁଡ଼ିକ ଭିତରେ ଉମର ଆଇ- ୨୦ ସହ ୩ ଘଣ୍ଟା ରହିଥିଲା। ଏହି ୩ ଘଣ୍ଟା ମଧ୍ୟରେ କେହି ବି କାର ପାଖକୁ ଯାଇ ନଥିଲେ କିମ୍ବା କାରରୁ କେହି ବାହାରି ନଥିଲେ। ସନ୍ଧ୍ୟା ୬.୨୮ରେ ପାର୍କିଂ ସ୍ଥଳରୁ ବାହାରିଥିଲା କାର୍। ଏହା ସିଧା ରେଡ ଫୋର୍ଟ ମେଟ୍ରୋ ଷ୍ଟେସନକୁ ଯାଇଥିଲା। ଶେଷରେ ସନ୍ଧ୍ୟା ୬.୫୨ରେ ଜନଗହଳୀ ପୂର୍ଣ୍ଣ ଲାଲକିଲ୍ଲା ଟ୍ରାଫିକରେ ଉମର ନିଜ ସହ କାରକୁ ବିସ୍ଫୋରଣରେ ଉଡ଼ାଇ ଦେଇଥିଲା। ଏଥିରେ ଉମର ସମେତ ୧୩ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ୩୦ରୁ ଅଧିକ ଲୋକ ଆହତ ହୋଇଛନ୍ତି।

୪ ଡାକ୍ତରଙ୍କ ବିରୁଦ୍ଧରେ ଲାଗିଲା କଟକଣା

ନୂଆଦିଲ୍ଲୀ,୧୫।୧୧: ଦିଲ୍ଲୀ ବିସ୍ଫୋରଣରେ ସାମିଲ ଥିବା ୪ ଡାକ୍ତରଙ୍କ ବିରୁଦ୍ଧରେ ହୋଇଛି କାର୍ଯ୍ୟାନୁଷ୍ଠାନ। ଆଉ ଡାକ୍ତରୀ ଅଭ୍ୟାସ କରିପାରିବେନି ଏମାନେ। ଜାତୀୟ ମେଡିକାଲ କମିଶନ ନିଜ ସରକାରୀ ରେଜିଷ୍ଟରରୁ ସେମାନଙ୍କ ନାଁ କାଟି ଦେଇଛି। ଦିଲ୍ଲୀ ବିସ୍ଫୋରଣ ପରେ ବେଆଇନ କାର୍ଯ୍ୟକଳାପ ଆଇନ ଅନୁଯାୟୀ, ମାମଲା ରୁଜୁ ହେବା ପରେ ଜାତୀୟ ମେଡିକାଲ କମିଶନ ଶୁକ୍ରବାର ଜାତୀୟ ମେଡିକାଲ କମିଶନ ରେଜିଷ୍ଟରରୁ ଡକ୍ଟର ମୁଜାଫର ଅହମ୍ମଦ, ଡକ୍ଟର ଆଦିଲ୍ ଅହମ୍ମଦ ରାଥର, ଡକ୍ଟର ମୁଜାମ୍ମିଲ୍ ସକିଲ୍ ଏବଂ ଡକ୍ଟର ଶାହିନ ସଇଦଙ୍କ ନାଁ କାଟି ଦେଇଛି । କମିଶନଙ୍କ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଏହି ଡାକ୍ତରମାନେ ନା ଅଭ୍ୟାସ କରିପାରିବେ ନା କୌଣସି ରୋଗୀଙ୍କ ଚିକିତ୍ସା କରିପାରିବେ। ଦିଲ୍ଲୀ ବୋମା ବିସ୍ଫୋରଣରେ ସମ୍ପୃକ୍ତ ଏହି ଆତଙ୍କବାଦୀ ଡାକ୍ତରମାନେ କୋର୍ଟ ଦ୍ୱାରା ଦୋଷୀ ସାବ୍ୟସ୍ତ ହେବା ପରେ ପୁଣିଥରେ ଡାକ୍ତର ହୋଇପାରିବେ ନାହିଁ। ନୋଟିସରେ କୁହାଯାଇଛି ଯେ, ଜମ୍ମୁ ଏବଂ କଶ୍ମୀର ମେଡିକାଲ କାଉନସିଲ ଏହି ୪ଜଣଙ୍କ ପଞ୍ଜୀକରଣ ବାତିଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ତୁରନ୍ତ ପ୍ରଭାବରୁ ସେମାନଙ୍କ ନାମ ଡାକ୍ତରୀ ପ୍ରାକ୍ଟିସନର ତାଲିକାରୁ ବାଦ୍ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

● ବିଜେପିକୁ ରୋକିବା ଲାଗି ପ୍ରୟାସ

ସରକାର ଗଠନ ଲାଗି ନୀତୀଶଙ୍କୁ ଓୱାଇସିଙ୍କ ପ୍ରସ୍ତାବ



ପାଟନା,୧୫।୧୧: ବିହାର ବିଧାନସଭା ନିର୍ବାଚନରେ ପାଞ୍ଚଟି ଆସନ ଜିତିବା ପରେ ଅସଦୁଦ୍ଦିନ ଓୱାଇସିଙ୍କ ଦଳ ଏଆଇଏମଆଇଏମ ବିହାରରେ ସରକାର ଗଠନ କରିବାର ସ୍ୱପ୍ନ ଦେଖିଛି। ସୀମାଞ୍ଚଳରେ ପାଞ୍ଚଟି ଆସନ ଜିତିବା ପରେ, ଓୱାଇସିଙ୍କ ଦଳ ବିହାରରେ ମଧ୍ୟ ସରକାର ଗଠନ ଏବଂ ମୁଖ୍ୟମନ୍ତ୍ରୀ ହେବାର ସ୍ୱପ୍ନ ଦେଖୁଛି। ଓୱାଇସିଙ୍କ ଦଳ ଏକ ନୂତନ ମେଣ୍ଟ ଗଠନ କରିଛି, ଯେଉଁଥିରେ ଆରଜେଡି ଏବଂ ଜେଡିୟୁକୁ ମିଶିବାକୁ ପ୍ରସ୍ତାବ ଦିଆଯାଇଛି। ଦଳ ମୁଖ୍ୟମନ୍ତ୍ରୀ ପଦ ପାଇଁ ମଧ୍ୟ ଦାବି କରିଛି। ଏହା ସହିତ ଏଆଇଏମଆଇଏମ ୨୦୨୯ରେ ନୀତିଶ କୁମାରଙ୍କୁ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ କରିବାକୁ ପ୍ରତିଶ୍ରୁତି ଦେଇଛି। ଏଆଇଏମଆଇଏମ ବିହାରର ଏକ୍ସ ହ୍ୟାଣ୍ଡେଲରେ କୁହାଯାଇଛି ଯେ, ସରକାର ଗଠନ କରିବାର ସମ୍ଭାବନା ଏବେ ବି ରହିଛି। ଦଳ କହିଛି, ଯଦି ଜେଡିୟୁ, ଆରଜେଡି, କଂଗ୍ରେସ, ଏଆଇଏମଆଇଏମ, ସିପିଆଇଏମଏଲ, ଏବଂ ସିପିଆଇଏମ ଏକତ୍ର ହୁଅନ୍ତି, ତେବେ ସରକାର ଗଠନ ହୋଇପାରିବ।

ଜେଡିୟୁ ପାଖରେ ୮୫ ଆସନ ଅଛି, ଯେତେବେଳେ ଆରଜେଡିର ୨୫ ଆସନ ଅଛି। କଂଗ୍ରେସ ଏବଂ ଏଆଇଏମଆଇଏମ ଯଥାକ୍ରମେ ୬ ଏବଂ ୫ ଆସନ ଜିତିଛନ୍ତି। ସିପିଆଇ-ଏମଏଲ ଏବଂ ସିପିଆଇ-ଏମ ପ୍ରତ୍ୟେକ ୩-୩ ଆସନ ଜିତିଛନ୍ତି। ସେମାନଙ୍କର ମୋଟ ୧୨୪ ଆସନ ବିହାରରେ ସରକାର ଗଠନ ପାଇଁ ଆବଶ୍ୟକ କୁହୁକ ସଂଖ୍ୟା ୧୨୨ ଠାରୁ ଅପେକ୍ଷା ଦୁଇ ଅଧିକ। ଏଆଇଏମଆଇଏମ କଳ୍ପନା କରି ନିଜର କ୍ୟାବିନେଟର ରୂପରେଖ ମଧ୍ୟ ପ୍ରସ୍ତୁତ କରିଛି। ଦଳ କହିଛି ଯେ, ଆମର ଜଣେ ମୁଖ୍ୟମନ୍ତ୍ରୀ ରହିବେ, ଯେତେବେଳେ ଜେଡିୟୁର କୋଟାରେ ଦୁଇଜଣ ଉପମୁଖ୍ୟମନ୍ତ୍ରୀ ଏବଂ ୨୦ ଜଣ ମନ୍ତ୍ରୀ ରହିପାରିବେ। ଆରଜେଡି ୬ ମନ୍ତ୍ରୀପଦ ପାଇପାରେ, ଯେତେବେଳେ କଂଗ୍ରେସ ୨ ମନ୍ତ୍ରୀପଦ ପାଇବ। ସିପିଆଇ-ଏମଏଲ ଏବଂ ସିପିଆଇ(ଏମ) ପ୍ରତ୍ୟେକେ ମନ୍ତ୍ରୀ ପଦ ପାଇପାରିବେ।

ବିଏମ୍‌ସି ନିର୍ବାଚନ ଏକାକୀ ଲଢ଼ିବ କଂଗ୍ରେସ

ମୁମ୍ବାଇ ୧୫।୧୧: ମହାରାଷ୍ଟ୍ର ମୁମ୍ବାଇରେ ହେବାକୁ ଥିବା ବିଏମ୍‌ସିରେ କଂଗ୍ରେସ ଏକାକୀ ନିର୍ବାଚନ ଲଢ଼ିବ। ରମେଶ ଚେନ୍ନିଥଲା ଶନିବାର ଏହି ଘୋଷଣା କରିଛନ୍ତି। ବିଏମସି ନିର୍ବାଚନକୁ ନେଇ କଂଗ୍ରେସ ନେତା ରମେଶ ଚେନ୍ନିଥଲା କହିଛନ୍ତି ଯେ, ଆମେ ଏହି ନିଷ୍ପତ୍ତି ପ୍ରଦେଶ କମିଟି ଓ ସ୍ଥାନୀୟ ସ୍ତର ଉପରେ ଛାଡିଛୁ। ତେବେ ମୁମ୍ବାଇ କଂଗ୍ରେସ କମିଟି ଏହି ନିର୍ବାଚନ ଏକାକୀ ଲଢ଼ିବା ପାଇଁ ନିଷ୍ପତ୍ତି ନେଇଥିବା ସେ କହିଛନ୍ତି। କଂଗ୍ରେସର ପ୍ରଭାବଶାଳୀ ନେତା ସାର୍ବଜନିକ ଓ ବ୍ୟକ୍ତିଗତ ଭାବେ ପାର୍ଟି ସ୍ୱାଧୀନ ଭାବେ ନିର୍ବାଚନ ଲଢୁ ବୋଲି ହାଇକମାଣ୍ଡଙ୍କ ଉପରେ ଚାପ ପକାଇ ଆସୁଥିଲେ। ପାର୍ଟିକୁ ସ୍ୱାଧୀନ ରୂପେ ନିର୍ବାଚନ ଲଢ଼ି ନିଜର ସଙ୍ଗଠନାତ୍ମକ ଶକ୍ତିକୁ ପୁଣି ବିକଶିତ କରିବାକୁ ଅନୁମତି ଦିଆଯାଉ ବୋଲି ନେତାମାନେ ଚାହୁଁଛନ୍ତି। ଏଥିରେ ଉଚ୍ଚପଦସ୍ଥ ସୂତ୍ର ଅନୁସାରେ ବିହାର ନିର୍ବାଚନରେ ହୋଇଥିବା ପରାଜୟ ଏହି ତର୍କକୁ ଆହୁରି ମଜଭୁତ କରିଛି। କଂଗ୍ରେସ ଏବେ ମେଣ୍ଟ ଉପରେ ନିର୍ଭର ରହିବା ବଦଳେ ମୁମ୍ବାଇ ଭଳି ପ୍ରମୁଖ ସହରାଞ୍ଚଳମାନଙ୍କରେ ହରାଇଥିବା ରାଜନୈତିକ ସ୍ଥାନ ପୁଣି ଥରେ ହାସଲ କରିବା ଦରକାର ବୋଲି ନେତାମାନେ କହିଛନ୍ତି।

ପାକିସ୍ତାନରେ ବାହା ହୋଇଛନ୍ତି ନିଖୋଜ ସରବଜିତ

ନୂଆଦିଲ୍ଲୀ, ୧୫।୧୧ : ଗୁରୁ ନାନକ ଦେବଙ୍କ ପ୍ରକାଶ ପର୍ବ ପାଇଁ ଶିଖ ଧର୍ମର ଲୋକଙ୍କ ସହ ପାକିସ୍ତାନ ଗସ୍ତ କରିଥିବା ଭାରତୀୟ ଶିଖ ମହିଳା ସରବଜୀତ କୌରଙ୍କ ସମ୍ପର୍କରେ ନୂଆ ତଥ୍ୟ ଆସିଛି। ପାକିସ୍ତାନ ଯାଇଥିବା ବେଳେ ହଠାତ୍ ସେ ନିଖୋଜ ହୋଇଯାଇଥିଲେ। ଏହାକୁ ନେଇ ଅନେକ ଆଶାଆଶଙ୍କା ଦେଖାଯାଇଥିଲା। କିନ୍ତୁ ଏବେ ଜଣାପଡ଼ିଛି ଯେ, ସରବଜୀତ ପାକିସ୍ତାନରେ ଇସଲାମ ଧର୍ମ ଗ୍ରହଣ କରି ସେଠାରେ ଜଣେ ସ୍ଥାନୀୟ ବ୍ୟକ୍ତିଙ୍କୁ ବିବାହ କରିନେଇଛନ୍ତି। ସେମାନଙ୍କ ନିକାନାମା ବା ଇସଲାମିକ ମ୍ୟାରେଜ କଣ୍ଟ୍ରାକ୍ଟ ଏବେ ସାମ୍ନାକୁ ଆସିଛି। ଏଥିରେ କୁହାଯାଇଛି ଯେ, ସରବଜୀତ କୌରଙ୍କ ଘର ପଞ୍ଜାବର କପୁରଥାଲରେ। ସେ ଲାହୋର ନିକଟସ୍ଥ ଶେଖୁପୁରାର ନସିର ହୁସେନ ନାମକ ବ୍ୟକ୍ତିଙ୍କୁ ବିବାହ କରିଛନ୍ତି। ବାହାଘର ପୂର୍ବରୁ ସେ ଇସଲାମ ଧର୍ମ ଗ୍ରହଣ କରିଥିଲେ ଓ ନିଜ ନାଁକୁ ନୁରକୁ ବଦଳାଇଥିଲେ। ଏବେ ସେ ନୁର ଭାବେ ପରିଚିତ।



ଭାରତୀୟ ଶିଖ୍ ମହିଳା ନିଖୋଜ ଥିଲେ ଲଣ୍ଡନରେ ରହୁଛନ୍ତି ପ୍ରଥମ ସ୍ୱାମୀ ଓ ପୁଅ

ନଭେମ୍ବର ୪ରେ ଅନ୍ୟ ଶିଖ ଶ୍ରଦ୍ଧାଳୁଙ୍କ ସହ ୱାଘା-ଅଟ୍ଟାରୀ ସୀମା ଦେଇ ପାକିସ୍ତାନ ଯାଇଥିଲେ ସରବଜୀତ। ଗୁରୁ ନାନକ ଦେବଙ୍କ ୫୫୫ତମ ଜନ୍ମ ଉତ୍ସବରେ ସାମିଲ ହେବାକୁ ଶ୍ରଦ୍ଧାଳୁମାନେ ପାକିସ୍ତାନ ଯାଇଥିଲେ। ନଭେମ୍ବର ୧୩ରେ ପାକିସ୍ତାନ ଯାଇଥିବା ୧୯୦୦ରୁ ଅଧିକ ଶ୍ରଦ୍ଧାଳୁ ଫେରି

ଚତୁର୍ଥ ଜାତୀୟ ଇଏମଆରଏସ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ରାଉରକେଲାରେ ଖୋଲିବ ଇଏମ୍‌ଆର୍‌ଏସ୍‌ର କାର୍ଯ୍ୟାଳୟ

ରାଉରକେଲା, ୧୫।୧୧ (ସଂଚାର ବ୍ୟୁରୋ): ପ୍ରତ୍ୟେକ ଛାତ୍ରଛାତ୍ରୀ ନିମନ୍ତେ କ୍ରୀଡାର ନିତନ୍ତ ଆବଶ୍ୟକତା ରହିଛି ଏହା କେବଳ ଶାରୀରିକ ଶକ୍ତି ବଢାଇବା ସହିତ ଅନୁଶାସନ ଶିଖାଏ , ମନୋବଳ ବୃଦ୍ଧି କରାଏ, ଟିମ ସ୍ପିରିଟ ବଢ଼ାଇଥାଏ। ସେଥିପାଇଁ ପ୍ରତ୍ୟେକ ବ୍ଲକରେ ଷ୍ଟାଡିୟମର ନିର୍ମାଣ କରାଯାଉଛି। ଖେଳର ବିଶ୍ୱସ୍ତରୀୟ ସୁବିଧା କେବଳ ସହରର ପିଲାଙ୍କ ମଧ୍ୟରେ ସୀମିତ ନ ରହି ଗାଁର ପିଲାମାନଙ୍କୁ ମଧ୍ୟ ପ୍ରାପ୍ତ ହେଉ,

■ ଘୋଷଣା କଲେ ମୁଖ୍ୟମନ୍ତ୍ରୀ

■ ଚାମ୍ପିଅନ୍ ତେଲେଙ୍ଗାନା ଟିମ୍‌କୁ ପୁରସ୍କାର ବି ପ୍ରଦାନ କଲେ



ସେଥିପାଇଁ କ୍ରୀଡା ଭିତ୍ତିଭୂମି ବ୍ଲକ୍‌ରେ ସୁଦୃଢ଼ କରିବାକୁ ସରକାର ସୁନିଶ୍ଚିତ କରିଛନ୍ତି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଉରକେଲାଠାରେ ଅନୁଷ୍ଠିତ ଚତୁର୍ଥ ଜାତୀୟ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେଇ କହିଛନ୍ତି।

ଆଜି ରାଉରକେଲାର ବିର୍ସା ମୁଣ୍ଡା ଆଥଲେଟିକ୍ସ ଷ୍ଟାଡିୟମରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ସେ କହିଛନ୍ତି ଯେ ଓଡ଼ିଶାରେ ଦେଶର ସର୍ବାଧିକ ୧୧୪ଟି ଇଏମ୍‌ଆର୍‌ଏସ୍ ନିର୍ମାଣ ପାଇଁ ମଞ୍ଜୁର କରାଯାଇଛି। ସେଥିମଧ୍ୟରୁ ବର୍ତ୍ତମାନ ୧୭ଟି ଜିଲ୍ଲାରେ ୪୭ଟି ସ୍କୁଲ କାର୍ଯ୍ୟକ୍ଷମ ହୋଇସାରିଛି। ଏହି ବିଦ୍ୟାଳୟରେ ୧୨ ହଜାରରୁ ଅଧିକ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ଇଏମ୍‌ଆର୍‌ଏସ୍‌ର ଏକ ଆଞ୍ଚଳିକ କାର୍ଯ୍ୟାଳୟ ରାଉରକେଲାରେ ଖୋଲାଯିବା ସମ୍ପର୍କରେ ଘୋଷଣା କରିଥିବାରୁ ସେ କେନ୍ଦ୍ରୀୟ ମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। କେନ୍ଦ୍ର ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ରାଉରକେଲା ରାଜଗାଙ୍ଗପୁର ଓ ସୁନ୍ଦରଗଡଠାରେ ଚାଲିଥିବା ଏହି ଚତୁର୍ଥ ଜାତୀୟ ଇଏମଆରଏସ କ୍ରୀଡା ପ୍ରତିଯୋଗିତା ତେଲେଙ୍ଗାନା ଉଭୟ ଦଳଗତ ଓ ଏକକ ପ୍ରତିଯୋଗିତାରେ ସର୍ବାଧିକ ପଏଣ୍ଟ ହାସଲ କରି ଚାମ୍ପିଅନ୍ ହୋଇଛି। ମୁଖ୍ୟମନ୍ତ୍ରୀଙ୍କଠାରୁ ଦଳ ଟ୍ରଫି ଗ୍ରହଣ କରିଥିଲା। ଏହି ୩ଦିନିଆ ପ୍ରତିଯୋଗିତାରେ ୨୧ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳରୁ ପ୍ରାୟ ୫୫୦୦ ପ୍ରତିଯୋଗୀ ୩୫ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ।

୩୦୦ ଟଙ୍କା ପାଇଁ ଯୁବକଙ୍କୁ ପିଟି ପିଟି ହତ୍ୟା

କୋଲକାତା,୧୫।୧୧(ସଂଚାର ବ୍ୟୁରୋ): ମାତ୍ର ୩୦୦ ଟଙ୍କା ପାଇଁ ଜଣେ ଯୁବକଙ୍କୁ ଚାରିଜଣ ପିଟି ପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏହି ଚାଞ୍ଚଲ୍ୟକର ଘଟଣାଟି ବାଗନାନ ଥାନା ଅଞ୍ଚଳର ବୈନାନ ଫୁଲତଲାରେ ଘଟିଛି। ଶୁକ୍ରବାର ରାତିରେ କୋଲକାତାର ଏସ୍‌ଏସ୍‌କେଏମ୍ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପୀଡ଼ିତାଙ୍କ ମୃତ୍ୟୁ ଘଟିଛି। ପୋଲିସ ସୂତ୍ର ଅନୁଯାୟୀ, ମୃତକଙ୍କ ନାମ ଅବଦୁର ରହମାନ। ସେ ହାୱାଲ ଗ୍ରାମର ବାସିନ୍ଦା। ମୃତକଙ୍କ ପରିବାର ସ୍ଥାନୀୟ ଥାନାରେ ୪ଯୁବକଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ହୋଇଛି ଯେ, ପ୍ରାୟ ୫ ମାସ ପୂର୍ବରୁ ଅବଦୁର ତାଙ୍କ ବାଇକ୍ ସେହି ଅଞ୍ଚଳର ଏକ ଗ୍ୟାରେଜରେ ସର୍ଭିସିଂ କରାଇଥିଲେ। ସେବାର ମୂଲ୍ୟ ୨ ହଜାର ୮୦୦ ଟଙ୍କା ଥିଲା। ଗୋଟିଏ, ଦୁଇ ଦିନ ମଧ୍ୟରେ ବାଇକ୍‌ଟି ପୁଣି ଖରାପ ହୋଇଯାଇଥିଲା। ସେଥିପାଇଁ ସେ ଗ୍ୟାରେଜ ମାଲିକଙ୍କୁ ଟଙ୍କା ନ ଦେଇ ତାଙ୍କ କର୍ମକ୍ଷେତ୍ର ନେପାଳକୁ ଚାଲିଯାଇଥିଲେ। ପରେ, ସେ ତାଙ୍କ ମାଆଙ୍କ ମାଧ୍ୟମରେ ୨ ହଜାର ୫୦୦ ଟଙ୍କା ପଠାଇଥିଲେ। ବକେୟା ରାଶି ୩୦୦ ଟଙ୍କା ଥିଲା। ଏହରି ମଧ୍ୟରେ ଅବଦୁର ଗୁରୁବାର ସକାଳେ ନେପାଳରୁ ତାଙ୍କ ଗାଁ ଘରକୁ ଏକ ବିଶେଷ କାମ ପାଇଁ ଆସିଥିଲେ। ସେ ଅନ୍ୟ ଏକ ଗ୍ୟାରେଜରେ ତାଙ୍କ ବାଇକ୍ ମରାମତି କରାଇଥିଲେ। ପୂର୍ବ ଗ୍ୟାରେଜର ମାଲିକ ଏହା ଜାଣିବାକୁ ପାଇଥିଲେ। ପୂର୍ବ ଗ୍ୟାରେଜର ମାଲିକ ସମେତ ଚାରି ଜଣ ଯୁବକ ତାଙ୍କୁ ଘେରି ପ୍ରବଳ ମାଡ଼ ମରାଯାଇଥିବା ଜଣାପଡ଼ିଛି। ଆହତ ଯୁବକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ପ୍ରଥମେ ବାଗନାନ ଗ୍ରାମୀଣ ଡାକ୍ତରଖାନାକୁ ନିଆଯାଇଥିଲା। ତାଙ୍କ ଅବସ୍ଥା ଖରାପ ହେବାରୁ ତାଙ୍କୁ କୋଲକାତାର ଏସ୍‌ଏସ୍‌କେଏମ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଶୁକ୍ରବାର ରାତିରେ ଯୁବକଙ୍କ ସେଠାରେ ମୃତ୍ୟୁ ହୋଇଥିଲା।

୮ ମାଓବାଦୀଙ୍କ ଆତ୍ମସମର୍ପଣ



ମାଲକାନଗିରି,୧୫।୧୧ (ସଂଚାର ବ୍ୟୁରୋ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ସମେତ ସାରା ଦେଶରେ ନକ୍ସଲ ମୂଳପୋଛ ନେଇ ୨୦୨୬ ମାର୍ଚ୍ଚ ୩୧ ଟାର୍ଗେଟ ରହିଥିବାରୁ ପୁଲିସ ଅପରେସନକୁ ଜୋରଦାର କରୁଛି। ଏହି ଅପରେସନକୁ ନକ୍ସଲ ଭୟ କରି ଲଗାତାର ଅସ୍ତ୍ରଶସ୍ତ୍ର ସହ ନକ୍ସଲ ମୁଖ୍ୟସ୍ରୋତରେ ସାମିଲ ହେବାକୁ ଆଗେଇ ଆସୁଛନ୍ତି। ଏହିକ୍ରମରେ ନକ୍ସଲ ସଂଗଠନରେ କାମ କରୁଥିବା ବଡ ବଡ କ୍ୟାଡର ନକ୍ସଲମାନେ ମଧ୍ୟ ଆତ୍ମସମର୍ପଣ ପନ୍ଥାକୁ ବାଛି ନେଇଛନ୍ତି। ସୀମାନ୍ତ ତେଲଙ୍ଗାନାରେ ତେଲେଙ୍ଗାନା ଷ୍ଟେଟ କମିଟିର ଦୁଇ ଦୁର୍ଦ୍ଦାନ୍ତ ମାଓ ନେତା ସମେତ ୮ ଜଣ ନକ୍ସଲ ଆତ୍ମସମର୍ପଣ କରିଛନ୍ତି। ମାଓବାଦୀମାନେ ନିଜର ହତିଆର ସହ ଆତ୍ମସମର୍ପଣ କରିଥିବା କୁହାଯାଇଛି। ଏମାନେ ଗତ ଦୁଇଦିନ ତଳେ ହିଁ ଏମାନେ ପୁଲିସ ନିକଟରେ ଆତ୍ମସମର୍ପଣ କରିସାରିଲେଣି। ପୁଲିସ କିନ୍ତୁ ଆଜି ପର୍ଯ୍ୟନ୍ତ ଏମାନଙ୍କୁ ଗଣମାଧ୍ୟମ ସାମ୍ନାକୁ ଆଣିନାହିଁ। ଆତ୍ମସମର୍ପଣ କରିଥିବା ଦୁଇ ଦୁର୍ଦ୍ଦାନ୍ତ ନକ୍ସଲ ମଧ୍ୟରୁ ଜଣେ ହେଲେ ବିକେଏସଆର ଡିଭିଜନ କମିଟିର ସଦସ୍ୟ କୋୟାଦ୍ଦି ସଂଦ୍ୟା ଓରଫ ଆଜାଦ୍ ଏବଂ ଅନ୍ୟ ଜଣେ ହେଲେ ମାଓ ସଂଗଠନର ଟେକନିକ ଟିମର ସଦସ୍ୟ ଆକାସ ନାରାୟଣ ଓରଫ ରମେଶ। ଏହି ଦୁଇ ନକ୍ସଲ ଗତ ୧୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ମାଓ ସଂଗଠନରେ କାମ କରୁଥିଲେ। ଆଜାଦ୍ ଏବଂ ତେଲଙ୍ଗାନା ଏରିଆ କମିଟିର ସଚିବ ଦାମୋଦର ମଧ୍ୟରେ ରହିଥିବା ଅନ୍ତର୍ଦ୍ୱନ୍ଦ ହିଁ ଆତ୍ମସମର୍ପଣ କରିବାକୁ ବାଧ୍ୟ କରିଥିଲା। ତେଲେଙ୍ଗାନା ଏରିଆ କମିଟିରେ ଆଜାଦର ମଧ୍ୟ ଦବଦବା ରହିଥିଲା। ପୁଲିସ ଦିନେ କିମ୍ବା ଦୁଇ ଦିନରେ ଏହା ସ୍ପଷ୍ଟ କରିବ ବୋଲି ଜଣାପଡିଛି। ତେବେ ଏହି ଦୁଇ ମାଓବାଦୀଙ୍କର ଆତ୍ମସମର୍ପଣ ତେଲଙ୍ଗାନା ଏବଂ ଛତିଶଗଡ ସୀମାରେ ରହିଥିବା ନକ୍ସଲଙ୍କ ପ୍ରଭାବିତ କରିବ ବୋଲି କୁହାଯାଇଛି। ଆଜାଦ ଉପରେ ସରକାର ୪୦ ଲକ୍ଷର ପୁରସ୍କାର ଘୋଷଣା କରିଥିଲେ। ସେହିପରି ରମେଶ ନାମରେ ୨୦ ଲକ୍ଷ ପୁରସ୍କାର ରହିଥିବା ଜଣାପଡ଼ିଛି।

ଦୋକାନରେ ନିଆଁ, ଘଟଣାସ୍ଥଳରେ ୨୦ ଦମକଳ

କୋଲକାତା,୧୫।୧୧(ସଂଚାର ବ୍ୟୁରୋ): କୋଲକାତାରେ ପୁଣି ଏକ ଭୟାବହ ଅଗ୍ନିକାଣ୍ଡ। ଏଜରା ଷ୍ଟ୍ରିଟରେ ଏକ ବୈଦ୍ୟୁତିକ ସାମଗ୍ରୀ ଦୋକାନରେ ନିଆଁ ଲାଗିଛି। ସେଠାରୁ ଭୟଙ୍କର ନିଆଁ ପଡ଼ୋଶୀ କୋଠାକୁ ବ୍ୟାପି ଯାଇଥିଲା। ୨୦ଟି ଦମକଳ ଗାଡ଼ି ଘଟଣାସ୍ଥଳରେ ପହଞ୍ଚି କାର୍ଯ୍ୟରେ ଲାଗି ପଡିଥିଲା। ଦମକଳ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଶନିବାର ଭୋର ପ୍ରାୟ ୫ଟା ୩୦ ସମୟରେ ଏଜରା ଷ୍ଟ୍ରିଟରେ ଥିବା ଏକ ବୈଦ୍ୟୁତିକ ଦୋକାନରେ ନିଆଁ ଲାଗିଥିଲା। ଦୋକାନର ଦ୍ୱିତୀୟ ମହଲାରୁ ନିଆଁ ଆରମ୍ଭ ହୋଇଥିଲା ଏବଂ ପରେ ବ୍ୟାପି ଯାଇଥିଲା। ବିଦ୍ୟୁତ୍ ସାମଗ୍ରୀ ଥିବାରୁ ନିଆଁ ଶୀଘ୍ର ବ୍ୟାପି ଯାଇଥିଲା। ଦମକଳ କର୍ମୀମାନେ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ପ୍ରାରମ୍ଭରେ ନିଆଁକୁ ନିୟନ୍ତ୍ରଣ କରିବା ପାଇଁ ୬ଟି ଦମକଳ ଗାଡି ଆସିଥିଲା। କିନ୍ତୁ ପରେ ଅଧିକ ଦମକଳ ଗାଡ଼ି ଆସିଥିଲା। କୋଲକାତା ପୋଲିସର ଡିସି ସେଣ୍ଟ୍ରାଲ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେ ଅଗ୍ନିଶମ ବାହିନୀ ଅଧିକାରୀଙ୍କ ସହିତ ପରିସ୍ଥିତି ସମୀକ୍ଷା କରିଥିଲେ। ବିଭିନ୍ନ ଦୋକାନ ଇତିମଧ୍ୟରେ ପ୍ରାୟତଃ ନଷ୍ଟ ହୋଇସାରିଛି। ସତର୍କତାମୂଳକ ପଦକ୍ଷେପ ସ୍ୱରୂପ, ଅଞ୍ଚଳର ବିଦ୍ୟୁତ ସଂଯୋଗ ମଧ୍ୟ ବିଚ୍ଛିନ୍ନ କରାଯାଇଛି।

ଦେଶୀମଦ ଚାଲାଣ ଅଭିଯୋଗରେ ଜଣେ ଗିରଫ

ଜୟପୁର, ୧୫।୧୧ (ସଂଚାର ବ୍ୟୁରୋ): ଦେଶୀ ମଦ ଚାଲାଣ ବେଳେ ଜୟପୁର ଅବକାରୀ ଥାନା ପକ୍ଷରୁ ଚଢ଼ଉ କରାଯାଇ ଜଣେ ଅଭିଯୁକ୍ତକୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ଜଣକ ହେଲା ଡିମଳା ଗ୍ରାମର ଈଶ୍ୱର ହରିଜନ (୨୭)। ସୂଚନା ଅନୁଯାୟୀ, ଏକ ବାଇକରେ ଦେଶୀ ମଦ ଚାଲାଣ ହେଉଥିବା ସୂଚନା ପାଇ ଜୟପୁର ଅବକାରୀ ଥାନା ପକ୍ଷରୁ ଆଜି ପଦ୍ମପୁର ରାସ୍ତାରେ ଚଢ଼ଉ କରାଯାଇଛି । ଚଢ଼ଉ କରି ବାଇକ ସହ ୧୨ ଲିଟର ଦେଶୀ ମଦ ଜବତ ହୋଇଛି। ଗିରଫ ଅଭିଯୁକ୍ତକୁ ଆଜି କୋର୍ଟ ଚାଲାଣ କରାଯାଇଥିବା ବିଷୟ ଜୟପୁର ଅବକାରୀ ଥାନା ଓଆଇସି ସୁବ୍ରତ କେଶୋରି ହିରନ ସୂଚନା ଦେଇଛନ୍ତି।

● ବଢ଼ିବ ମହୁଆ ମୈତ୍ରଙ୍କ ଅଡୁଆ

୪ ସପ୍ତାହରେ ଚାର୍ଜସିଟ୍ ଦାଖଲ ପାଇଁ ସିବିଆଇକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ ୧୫।୧୧: ତୃଣ ମୂଳ କଂଗ୍ରେସ (ଟିଏମସି) ସାଂସଦ ମହୁଆ ମୋଇତ୍ରଙ୍କ ବିରୋଧରେ କ୍ୟାସ ଫର କ୍ୱରି କେସ୍ ରେ ଲୋକପାଳ ଶନିବାର ସିବିଆଇକୁ ୪ ସପ୍ତାହ ମଧ୍ୟରେ ଚାର୍ଜସିଟ୍ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଣୁ ସିବିଆଇ ଆସନ୍ତା ୪ସପ୍ତାହ ମଧ୍ୟରେ ସମ୍ବନ୍ଧିତ କୋର୍ଟରେ ଚାର୍ଜସିଟ୍ ଦାଖଲ କରିବ। ଏହାର ଏକ ନକଲ ସିବିଆଇ ଲୋକପାଳ କୋର୍ଟରେ ମଧ୍ୟ ଦାଖଲ କରିବ। ଏହି ମାମଲାରେ ମହୁଆ ମୋଇତ୍ରଙ୍କ ଲୋକସଭା ସଦସ୍ୟତା ରଦ୍ଦ କରିଦିଆଯାଇଥିଲା। ତେବେ ମହୁଆ ୨୦୨୪ ସାଧାରଣ ନିର୍ବାଚନରେ ପୁଣି ସାଂସଦ ନିର୍ବାଚିତ ହୋଇ ଲୋକସଭା ପହଞ୍ଚିଛନ୍ତି। ତେବେ ଏପରି ନୁହେଁ ଯେ, ସିବିଆଇ ଚାର୍ଜସିଟ୍ ଦାଖଲ କରିବା ତୁରନ୍ତ ବାଦେ ଆଇନଗତ ପ୍ରକ୍ରିୟା ଆରମ୍ଭ ହୋଇଯିବ। ନିର୍ଦ୍ଦେଶରେ ଲୋକପାଳ କହିଛନ୍ତି ଯେ, ଚାର୍ଜସିଟ୍ ଦାଖଲ ହେବା ପରେ ଯାଇ ସିବିଆଇର ଅନ୍ୟ ଆବେଦନ ଉପରେ ବିଚାର କରାଯିବ। ଗତବର୍ଷ ଲୋକପାଳଙ୍କ ଆଦେଶରେ ସିବିଆଇ ମହୁଆଙ୍କ ବିରୋଧରେ ତଦନ୍ତ ଆରମ୍ଭ କରିଥିଲା। ସିବିଆଇକୁ ୬ ମାସ ମଧ୍ୟରେ ଯାଞ୍ଚର ବିସ୍ତୃତ ରିପୋର୍ଟ ଦାଖଲ କରିବାର ଥିଲା। ପରେ ଏହି ରିପୋର୍ଟ ଆଧାରରେ ସିବିଆଇ ତଦନ୍ତ କର୍ତ୍ତା ଲୋକପାଳଙ୍କ ନିକଟରେ ମହୁଆଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିବା ଓ ଆଇନଗତ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ଅନୁମତି ମାଗିଥିଲା। ଏଥର ଲୋକପାଳଙ୍କ ପୂର୍ଣ୍ଣ ପୀଠ ଏହି ଅନୁମତି ଦେଇଛନ୍ତି। ନିକଟରେ କୃଷ୍ଣନଗର ସାଂସଦ ମହୁଆ ମୋଇତ୍ର ଲୋକପାଳ ପୀଠଙ୍କ ଶୁଣାଣି ଉପରେ ଆରୋପ ଲଗାଇଥିଲେ। କହିଥିଲେ ବିଜେପି ସାଂସଦ ନିଶିକାନ୍ତ ଦୁବେ ମାମଲାର ସମ୍ବେଦନଶୀଳ କାଗଜପତ୍ର ମିଡିଆରେ ପ୍ରସାରଣ କରିଛନ୍ତି। ଏହି ଅଭିଯୋଗ ଆଧାରରେ ମହୁଆ ଲୋକପାଳ ଶୁଣାଣି ଉପରେ ରୋକ ଲଗାଇବାକୁ ଦାବି କରି ଦିଲ୍ଲୀ ଉଚ୍ଚନ୍ୟାୟାଳୟଙ୍କ ଶରଣାପନ୍ନ ହୋଇଥିଲେ।

■ ତଳଗଞ୍ଜେଇପଦରରେ ଆନ୍ଧ୍ରର ସ୍ୱାସ୍ଥ୍ୟ ଟିମ୍

ବ୍ଲକ୍ ପ୍ରଶାସନର ତାଗିଦ ପରେ ଫେରିଲେ

ଜୟପୁର, ୧୫।୧୧ (ସଂଚାର ବ୍ୟୁରୋ): ବିବାଦୀୟ କୋଟିଆରେ ପୁଣି ଆନ୍ଧ୍ର ପଶି ସ୍ୱାସ୍ଥ୍ୟ ସେବା ଯୋଗାଇଛି। ସୂଚନା ପାଇ କୋରାପୁଟ ଜିଲ୍ଲା ପ୍ରଶାସନ ପହଞ୍ଚି ସ୍ୱାସ୍ଥ୍ୟ ସେବା ବନ୍ଦ କରିଛି। ଆନ୍ଧ୍ରପ୍ରଦେଶର ପାର୍ବତିପୁରମ୍ ମାନ୍ୟମ୍ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ତୋନାମ ସ୍ୱାସ୍ଥ୍ୟକେନ୍ଦ୍ର ତତ୍ତ୍ୱାବଧାନରେ ଆଜି ଏକ ଟିମ୍ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ଯୋଗାଇବା ନିମନ୍ତେ ଗଞ୍ଜେଇପଦର ଗ୍ରାମରେ ପହଞ୍ଚିଥିଲେ। ଏଥିନେଇ ପଟ୍ଟାଙ୍ଗି ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାମକୃଷ୍ଣ ନାୟକଙ୍କୁ ସୂଚନା ମିଳିଥିଲା।

ଇଡେନ୍‌ରେ ବୋଲରଙ୍କ ରାଜୁତି

ଦିନକରେ ଝଡ଼ିଲା ୧୬ ୱିକେଟ

କୋଲକାତା,୧୫।୧୧(ସଂଚାର ବ୍ୟୁରୋ): ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚାଲିଥିବା ଇଡେନ ଗାର୍ଡେନ୍ସ ଟେଷ୍ଟରେ ବୋଲରଙ୍କ ରାଜୁତି ଦେଖିବାକୁ ମିଳିଛି। ଦିନକରେ ଝଡ଼ିଛି ୧୬ ୱିକେଟ। ସ୍ଥିତି ଏପରି ହୋଇଛି ଯେ, ମ୍ୟାଚ୍‌ର ରେଜଲ୍ଟ ତୃତୀୟ ଦିନରେ ବାହାରିବାର ଯଥେଷ୍ଟ ସମ୍ଭାବନା ରହିଛି। ପ୍ରଥମ ଦିନରେ ଇଡେନରେ ୧୧ଟି ୱିକେଟ ଯାଇଥିଲା। କିନ୍ତୁ ଦ୍ୱିତୀୟ ଦିନରେ ବୋଲରଙ୍କୁ ଇଡେନ ପିଚ୍ ଆହୁରି ସୁହାଇଛି।

ଦକ୍ଷିଣ ଆଫ୍ରିକାର ବୋଲରମାନେ ଆଜି ୯ଟି ୱିକେଟ ନେଇଥିବା ବେଳେ ଭାରତୀୟ ବୋଲର ୭ଟି ସଫଳତା ପାଇଛନ୍ତି। ଦ୍ୱିତୀୟ ଦିନର ଖେଳ ଶେଷ ସୁଦ୍ଧା ଦକ୍ଷିଣ ଆଫ୍ରିକା ତା'ର ଦ୍ୱିତୀୟ ଇନିଂସରେ ୭ ୱିକେଟ ହରାଇ ୯୩ ରନ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଭ୍ରମଣକାରୀ ଦଳର ଲିଡ ୬୩ ରନ ରହିଛି। ଖେଳ ବନ୍ଦ ହେବା ବେଳକୁ ଅଧିନାୟକ ଡେମ୍ବା ବଭୁମା ୨୯ ଓ କୋରବିନ ବଚ୍ ୧ ରନ କରି ଅପରାଜିତ ରହିଛନ୍ତି।

ପ୍ରଥମ ଇନିଂସରେ ୱିକେଟ ପାଇ ନଥିବା ଅଭିଜ୍ଞ ରବୀନ୍ଦ୍ର ଜାଡେଜା ଏହି ପାଳିରେ ଏକାକୀ ୪ ୱିକେଟ ନେଇଛନ୍ତି। କୁଲଦୀପ ଯାଦବ ୨ଟି ଓ ଅକ୍ଷର ପଟେଲଙ୍କ ଖାତାକୁ ଗୋଟିଏ ସଫଳତା ଦେଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରୁଥିବା ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସରେ ୧୫୯ ରନ କରିଥିଲା। ଭାରତ ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ଗୋଟିଏ ୱିକେଟ ହରାଇ ୩୭ ରନ କରିଥିଲା। ଆଜି କେଏଲ ରାହୁଲ ଓ ୱାଶିଂଟନ ସୁନ୍ଦର ମିଳିତ ଭାବେ ଭାରତର ରନକୁ ଆଗକୁ ନେବାକୁ ଚେଷ୍ଟା କରିଥିଲେ। କିନ୍ତୁ ଦକ୍ଷିଣ ଆଫ୍ରିକାର ବୋଲର ଏହା କରାଇ ଦେଇଥିଲେ। ଇନିଂସର ୩୫ମ ଓଭରରେ ଦିବସର ପ୍ରଥମ ବ୍ୟାଟର ଭାବେ ୨୯ ରନ କରି ଆଉଟ ହୋଇଥିଲେ ସୁନ୍ଦର। ଏହାପରେ ଗିଲ ବ୍ୟାଟିଂ କରିବାକୁ ଆସିଥିଲେ। ସେ ତୌକା ମାରି ଖାତା ଖୋଲିଥିଲେ ହେଁ ପରବର୍ତ୍ତୀ ଅବସ୍ଥାରେ ତାଙ୍କ ବେକର ସିର ମୋଡ଼ି ହୋଇଯାଇଥିଲା। ଫଳରେ ସେ ଅଧାରୁ ପଡ଼ିଆ ଛାଡ଼ିଥିଲେ। ଉପ ଅଧିନାୟକ ଋଷଭ ପନ୍ତ ନିଜର କମବ୍ୟାକ ଅନ୍ତର୍ଜାତୀୟ ଟେଷ୍ଟରେ ଦ୍ରୁତଗତିରେ ରନ ସଂଗ୍ରହ କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ମାତ୍ର ୨୪ ବଲରେ ୨୭ ରନ କରି ସେ କୋରବିନ ବଚଙ୍କ ବଲରେ ଆଉଟ ହୋଇଥିଲେ। ୩୧ ରନ କରିଥିବା ରାହୁଲଙ୍କ ୱିକେଟ ନେଇଛନ୍ତି କେଶବ ମହାରାଜ। ଭାରତ ଏ ପାଇଁ ଲଗାତର ଶତକ ମାରିଥିବା ଧ୍ରୁବ ଜୁରେଲ କେବଳ ୧୪ ରନ କରିବାକୁ ସକ୍ଷମ ହୋଇଛନ୍ତି। ରବୀନ୍ଦ୍ର ଜାଡେଜା ୨୭ ଓ ଅକ୍ଷର ପଟେଲ ୧୭ ରନ କରି ସମସ୍ତଙ୍କୁ ନିରାଶ କରିଛନ୍ତି। ଉଭୟଙ୍କ ୱିକେଟ ସିମନ ହାରମେର ଦଖଲ କରିଛନ୍ତି। ଏହାପୂର୍ବରୁ ସେ ଧ୍ରୁବ ଜୁରେଲ ଓ ସୁନ୍ଦରଙ୍କ ୱିକେଟ ମଧ୍ୟ ନେଇଥିଲେ। ଶେଷ ଭାଗରେ କୁଲଦୀପ ଯାଦବ ଓ ମହମ୍ମଦ ସିରାଜଙ୍କୁ ଆଉଟ କରି ମାର୍କୋ ୟାନସେନ ଭାରତୀୟ ଇନିଂସକୁ ୧୮୯ରେ ଅଟକାଇ ଦେଇଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ହାରମେର ସର୍ବାଧିକ ୪ଟି ୱିକେଟ ନେଇଥିବା ବେଳେ ୟାନସେନ ୩ଟି, ମହାରାଜ ଓ ବଚ ଗୋଟିଏ ଲେଖାଏ ସଫଳତା ପାଇଛନ୍ତି।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ବିହାର...

ଫଳାଫଳ ଆସିବା ପରେ ବିଜେପି ପାଇଥିବା ଆସନ ପରିପ୍ରେକ୍ଷୀରେ ଏଥିରେ କେତେକ ପରିବର୍ତ୍ତନ ହୋଇପାରେ ବୋଲି ରାଜନୀତି ବିଶେଷଜ୍ଞମାନେ ଆକଳନ କରିଛନ୍ତି। ଏହି ଅନୁସାରେ ବିଜେପି ୮୯ଟି ଆସନ ପାଇଁ ସବୁଠାରୁ ବଡ଼ ଦଳ ଭାବେ ଉଭା ହୋଇଛି। ରାଜ୍ୟରେ ଗତ ୨୫ ବର୍ଷ ଭିତରେ ଏନ୍‌ଡିଏରେ ବିଜେପି ତୃତୀୟ ଥର ପାଇଁ ସବୁଠାରୁ ବଡ଼ ଦଳ ଭାବେ ସାମ୍ନାକୁ ଆସିଥିବାରୁ ଏହି ଦଳ ମୁଖ୍ୟମନ୍ତ୍ରୀ ପଦକୁ ନିଜ ପାଖରେ ରଖିପାରେ ବୋଲି ଚର୍ଚ୍ଚା ହେଉଛି। ଏନେଇ ବିଶିଷ୍ଟ ରାଜନୈତିକ ସମୀକ୍ଷକ ହର୍ଷବର୍ଦ୍ଧନ ତ୍ରିପାଠୀ ଓ ଅରବିନ୍ଦ ମୋହନ କହିଛନ୍ତି ଯେ ବିଜେପି ମୁଖ୍ୟମନ୍ତ୍ରୀ ଚୌକି ଦଖଲ କରିବାର ସମ୍ଭାବନା ରହିଛି। ଏପରି ହେଲେ ନୀତୀଶଙ୍କୁ ଅବସର ଦିଆଯାଇପାରେ ଓ ଜେଡି(ୟୁ)କୁ ଗୋଟିଏ ଉପମୁଖ୍ୟମନ୍ତ୍ରୀ ପଦ ଦିଆଯାଇ ସନ୍ତୁଷ୍ଟ କରାଯିବା ସକାଶ

ହିଞ୍ଜିଳିରେ ବଢ଼ିଲା ଶୀତର ସ୍ପର୍ଶ



ହିଞ୍ଜିଳିକାଟୁ,୧୫।୧୧ (ସଂଚାର ବ୍ୟୁରୋ): ହିଞ୍ଜିଳିରେ ପାରଦ ଖସିବା ସାଙ୍ଗକୁ ବଢୁଛି ଶୀତର ପ୍ରଭାବ । ଥଣ୍ଡା କାଲୁଆ ପବନରେ ଥରି ଯାଉଛି ଦେହ । ସକାଳୁ ସକାଳୁ କୁହୁଡିର ଆବରଣ ସାରା ସହରକୁ ଘୋଡାଇ ରଖୁଛି ।। ଶୀତରୁ ମୁକ୍ତି ପାଇବାକୁ ସହରର ଅନେକ ସ୍ଥାନରେ ଲୋକେ ନିଆଁ ଜାଳ କରି ବସୁଥିବାର ଦୃଶ୍ୟ ଦେଖିବାକୁ ମିଳୁଛି । ହିଞ୍ଜିଳିରେ ସକାଳର ତାପମାତ୍ରା ୧୮ କିମ୍ବା ୧୯ ଡିଗ୍ରୀ ତଳେ ରହୁଛି । ଗୃହ ପାଳିତ ପଶୁ ବି ଶିତ ଦାଉରୁ ରକ୍ଷା ପାଇବା ପାଇଁ ନିଆକୁ ଆଶ୍ରୟ କରୁଛନ୍ତି । ତେବେ କିଛି ଲୋକେ ଶୀତର ମଜା ଉଠାଇବା ସହ ଶୀତୁଆ ସକାଳରେ ଜଗିଂ କରୁଥିବା ଦେଖିବାକୁ ମିଳିଛି।

ଦଲାଲ ଶରଣରେ ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ଚାଷୀ

ଶାଗ ମାଛ ଦରରେ ଧାନ ବିକ୍ରି, ସରକାରୀ କଳ ନିରବ

ପ୍ରଶାସନିକ ଅଧିକାରୀ ଜାଣି ସବୁ ଅଜଣା



କାକଟପୁର/ଅସ୍ତରଙ୍ଗ,୧୫।୧୧ (ସଂଚାର ବ୍ୟୁରୋ): ଅକ୍ଟୋବର ମାସରେ ବାତ୍ୟା ଆଶଙ୍କା ଥିବାରୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଂଚଳର ପାଖାପାଖି ୬୦ଶତକଡା ଚାଷୀ ଧାନ ଅମଳ କରିଛନ୍ତି। ତାହା ଏବେ ଦଲାଲଙ୍କୁ ଟେକି ଦେବାକୁ ଉଚିତ ମଣିଛନ୍ତି। କ୍ୱିଣ୍ଟାଲ ପିଛା ମାତ୍ର ୧୯ଶହରୁ ୨୧ଶହ ଟଙ୍କାରେ ଦଲାଲମାନେ ଦିନ ଦ୍ୱିପ୍ରହରରେ ଚାଷୀଙ୍କ ଠାରୁ ଧାନ କ୍ରୟ କରିବାରେ ଲାଗିଛନ୍ତି। କାରଣ ପ୍ୟାକ୍ସରେ ଧାନ ବିକ୍ରି ସମୟରେ ଅନେକ ସମସ୍ୟା ସମ୍ମୁଖୀନ ହେବାକୁ ପଡୁଥିବାରୁ କିଛି ଚାଷୀ ଦଲାଲଙ୍କ ହାତରେ ଟେକିଦେବାକୁ ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ଚାଷୀ ଶ୍ରେୟ ମଣିଲେଣି।

ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକଟି ୧୫ଗୋଟି ପଂଚାୟତକୁ ନେଇ ଗଠିତ। ଅନେକ ଗ୍ରାମରେ ଧାନ ଅମଳ ପ୍ରାୟତଃ ଆରମ୍ଭ କଲେଣି। ଅକ୍ଟୋବର ମାସରେ ବାତ୍ୟା ଆଶଙ୍କା ଥିବାରୁ ଅନେକ ଚାଷୀ ତରବରିଆ ହୋଇ ନଷ୍ଟ ହେବା ଚିନ୍ତାରେ ଧାନ କାଟିଦେଇଥିଲେ। ଆଳଙ୍ଗପୁର ପଂଚାୟତ ବେଗୁନିଆବସ୍ତ ଗ୍ରାମର ପାଖାପାଖି ୭୦ ଶତକଡା ଧାନ ଅମଳ ସରିଛି। ମଣ୍ଡି ଖୋଲିବା ପାଇଁ ଅସ୍ତରଙ୍ଗରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇ ନାହିଁ। ପ୍ୟାକ୍ସ କର୍ମଚାରୀ ଧାନ ନେବା ବେଳେ ଚାଷୀଙ୍କୁ ସମସ୍ୟା ପକାଉଛନ୍ତି। ସରକାର କେବେ ଧାନ ନେବେ ସୂଚନା ମିଳି ନଥିବା ବେଳେ ଧାର କରଜ କରି ଚାଷ କରିଥିବା ଚାଷୀ ମଜୁରୀ ଟଙ୍କା ଓ ସୁଧ ଟଙ୍କା ସୁଝିବେ ବୋଲି ଦଲାଲଙ୍କ ହାତରେ ଧାନ ଟେକିଦେବାକୁ ଚାଷୀ ଏକ ପ୍ରକାର ବାଧ ହୋଇଛନ୍ତି।

ଏହାର ଫାଇଦା ଉଠାଇଛନ୍ତି ଦଲାଲ। କ୍ୱିଣ୍ଟାଲ ପିଛା ୧୯ଶହରୁ ୨୧ଶହ ଟଙ୍କାରେ ଗରିବ ଚାଷୀଙ୍କ ଜମିରୁ କିଣି ଆଣି ନିଜ ଘରେ କରିଥିବା ଗୋଦାମରେ ସାଇତି ରଖିଛନ୍ତି। ଆନ୍ଧ୍ର, ଛତିଶଗଡ ଓ ପଶ୍ଚିମବଙ୍ଗକୁ ମାଳ ମାଳ ଟ୍ରକ ଜରିଆରେ ଧାନ ବୋହି ଚାଲିଛନ୍ତି ଦଲାଲ। ପ୍ୟାକ୍ସ କର୍ମଚାରୀଙ୍କ ଦୌରାତ୍ମ୍ୟରେ ଅତିଷ୍ଠ ହୋଇ ଚାଷୀ ଦଲାଲଙ୍କ ଶରଣ ପଶୁଛନ୍ତି। ସରକାରୀ ମୂଲ୍ୟ ୩ହଜାରରୁ ଉର୍ଦ୍ଧ ଟଙ୍କା ଥିଲେ ମଧ୍ୟ ଚାଷୀ ସରକାରଙ୍କୁ ଆଉ ଅନେଇବାକୁ ପ୍ରସ୍ତୁତ ନୁହନ୍ତି।

ଅନ୍ୟପକ୍ଷରେ ସରକାର ଯଦି ସରକାରୀ କର୍ମଚାରୀ ପଠାଇ ଗାଁ କିମ୍ବା ପଂଚାୟତରେ ଚାଷୀଙ୍କ ପାଖରେ ପହଂଚି ଧାନ କିଣନ୍ତି ତେବେ ଚାଷୀ ଉପକୃତ ହୋଇପାରନ୍ତେ। ଗତ ବର୍ଷ ଅପେକ୍ଷା କମ୍ ସଂଖ୍ୟାରେ ଅସ୍ତରଙ୍ଗ ବ୍ଲକର ୧୦ଟି ପ୍ୟାକ୍ସରେ ନାମ ପଞ୍ଜିକରଣ କରିଛନ୍ତି। ତେବେ କେଁଉ ଚାଷୀ କେତେ ଧାନ ବିକିବେ ଓ କିପରି ବିକିବେ କିଛି ଜାଣିପାରୁନଥିବା ଚାଷୀ ଦଲାଲଙ୍କ ଆଶ୍ରୟ ନେବାକୁ ବାଧ ହୋଇଛନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ପ୍ରଶାସନର ନାକ ତଳେ ବାହାର ରାଜ୍ୟକୁ ଧାନ ଚାଲାଣ ହେଉଛି। ସବୁ ଜାଣି ଅଜଣା ପ୍ରଶାସନିକ ଅଧିକାରୀ।

ନିଖୋଜ ଯୁବତୀ ମଧ୍ୟପ୍ରଦେଶରୁ ଉଦ୍ଧାର

ରାଇଘର,୧୫।୧୧ (ସଂଚାର ବ୍ୟୁରୋ): ଦୁଇ ବର୍ଷ ପୂର୍ବେ ଦାଦନ ଖଟିବାକୁ ଯାଇଥିବା ଜଣେ ଯୁବତୀଙ୍କୁ କୁନ୍ଦେଇ ପୁଲିସ ମଧ୍ୟପ୍ରଦେଶରୁ ଉଦ୍ଧାର କରିଛି। ଯୁବତୀ ଜଣଙ୍କ ହେଲେ ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ ସମ୍ବଲପୁର ଗ୍ରାମର ପୂଜା ସୂର୍ଯ୍ୟବଂଶୀ। ସେ ଘରେ କାହାରିକୁ ନଜଣାଇ ୨୦୨୩ ମସିହାରେ ମଧ୍ୟପ୍ରଦେଶ ରାଜ୍ୟକୁ କାମ କରିବାକୁ ଯାଇଥିଲେ। ଗତ ୨୦୨୩ ମସିହା ଫେବ୍ରୁଆରି ମାସରେ ସମ୍ବଲପୁର ଗ୍ରାମର ଶ୍ରୀତମ ହରିଜନ ଉକ୍ତ ଗ୍ରାମର ପୂଜା ସୂର୍ଯ୍ୟବଂଶୀଙ୍କୁ ମିଶାଇ ୬ ଜଣ ଯୁବତୀଙ୍କୁ ଦାଦନ ଖଟାଇବାକୁ ମଧ୍ୟପ୍ରଦେଶ ନେଇଥିଲା। ଏହା ପୂଜାଙ୍କ ପରିବାର ଲୋକେ ଜାଣିପାରି ନଥିଲେ। ଝିଅକୁ ନଯାଇ ପୂଜାର ମା' କୁନ୍ଦେଇ ଥାନାରେ ଲିଖିତ ଜଣାଇବା ପରେ ପୁଲିସ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୁଲିସ ତଦନ୍ତ ପରେ ୬ଜଣ ଯୁବତୀଙ୍କ ସହିତ ଦଲାଲ ଶ୍ରୀତମ ହରିଜନ ଫେରିଥିଲେ। କିନ୍ତୁ ପୂଜାର ଖୋଜ ଖବର ନଥିଲା। ଗତ କିଛିଦିନ ପୂର୍ବେ ପୁଲିସ କୌଣସି ସୂତ୍ରରୁ ଖବର ପାଇ ମଧ୍ୟପ୍ରଦେଶର ଦଲଦଲା ସହରରୁ ପୂଜାକୁ ଉଦ୍ଧାର କରି ଆଣିଥିବା ଜଣାପଡ଼ିଛି। ଅଢ଼େଇ ବର୍ଷ ପରେ ନିଖୋଜ ଝିଅକୁ ପାଇବା ପରେ ପରିବାର ଲୋକେ ଖୁସି ପ୍ରକାଶ କରିଛନ୍ତି ।

ଗଞ୍ଜାମ ବିଜେପି ପକ୍ଷରୁ ବିଜୟ ଉତ୍ସବ ପାଳିତ



ବ୍ରହ୍ମପୁର,୧୫।୧୧ (ସଂଚାର ବ୍ୟୁରୋ): ନୂଆପଡ଼ା ଉପନିର୍ବାଚନରେ ବୃହତ ବ୍ୟବଧାନରେ ବାଜି ମାରିଛନ୍ତି ବିଜେପି ପ୍ରାର୍ଥୀ ଜୟ ଢୋଲକିଆ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦିଗ୍‌ଦର୍ଶନରେ ଡବଲ୍ ଇଞ୍ଜିନ୍ ସରକାରଙ୍କ ଓଡ଼ିଶା ପ୍ରତି, ବିଶେଷ କରି ନୂଆପଡ଼ାର ବିକାଶ ପ୍ରତି ଗୁରୁତ୍ୱ ଏହି ଜନାଦେଶରେ ପ୍ରତିଫଳିତ ହୋଇଛି ବୋଲି ବିଜେପି ପକ୍ଷରୁ କୁହାଯାଇଛି। ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ ପ୍ରକାଶ ନଡ୍ଡା, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ନେତୃତ୍ୱରେ ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ଅକୁଣ୍ଠିତ ସମର୍ଥନ ଦେଇଥିବା ସମସ୍ତ ନୂଆପଡ଼ାବାସୀଙ୍କୁ ଗଞ୍ଜାମ ଜିଲ୍ଲା ବିଜେପି ପକ୍ଷରୁ କୃତଜ୍ଞତା ଜଣାଯାଇଛି। ସେଭଳି ଆମ ଓଡ଼ିଆ ପୁଅ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦକ୍ଷତା ଏବଂ ତାଙ୍କ ଦୃଢ଼ ରଣନୀତି ପାଇଁ ଗର୍ବିତ ବୋଲି ଦଳୀୟ ନେତୃବୃନ୍ଦ ବିଜୟ ଉତ୍ସବ ପାଳନ ଅବସରରେ କହିଛନ୍ତି। ଏହି ଅବସରରେ ଦଳ ପକ୍ଷରୁ ବ୍ରହ୍ମପୁର ହିଲ୍‌ପାଟଣା ସ୍ଥିତ ଜିଲ୍ଲା କାର୍ଯ୍ୟାଳୟ ଠାରେ ଆତସବାଜି ସହ ବାଜା ବଜାଇ ଓ ମିଠା ବଣ୍ଟନ କରି ବିଜୟ ଉତ୍ସବ ପାଳନ କରାଯାଇଛି। ବିଜୟ ଉତ୍ସବରେ ବିଜେପି ଗଞ୍ଜାମ ଜିଲ୍ଲା ସଭାପତି ସରୋଜ ସାବତ, ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାରଙ୍କ ସମେତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହିଥିଲେ।

ନୂଆପଡ଼ା ଉପନିର୍ବାଚନରେ ସାଂସଦ ରବୀନ୍ଦ୍ର ବେହେରାଙ୍କ ମାଷ୍ଟରଷ୍ଟ୍ରୋକ୍



ଯାଜପୁର,୧୫।୧୧ (ସଂଚାର ବ୍ୟୁରୋ): ନୂଆପଡ଼ା ବିଧାନସଭା ଉପନିର୍ବାଚନରେ କୋମ୍ନା ବ୍ଲକର ବଞ୍ଜାରୀ ମଣ୍ଡଳର ୧୨ଗୋଟି ପଞ୍ଚାୟତରେ ଭାଜପାର ଯେଉଁ ଦମଦାର ଅଗ୍ରଗତି ଦେଖାଯାଇଛି, ତାହାର ପଛରେ ଯାଜପୁର ସାଂସଦ ରବିନ୍ଦ୍ର ନାରାୟଣ ବେହେରାଙ୍କ ସଠିକ୍ ପ୍ରଚାର ଯୋଜନା ଏବଂ ମାଇକ୍ରୋ-ମାନେଜମେଣ୍ଟ ମୁଖ୍ୟ ଅସ୍ତ୍ର ହୋଇଛି। ସାଂସଦଙ୍କ ନେତୃତ୍ୱରେ ଗଠିତ ଗ୍ରାସରୁଟ୍ ଟିମ୍ ନିର୍ବାଚନର ପରିଚ୍ଛେଦକୁ ସଂପୂର୍ଣ୍ଣ ପରିବର୍ତ୍ତିତ କରିଛି। କୋମ୍ନା ବ୍ଲକର ବଞ୍ଜାରୀ ମଣ୍ଡଳରୁ ଭାଜପା ପ୍ରାର୍ଥୀ ଜୟ ଢୋଲକିଆଙ୍କ ୧୫,୨୭୮ ଭୋଟର ଭାରୀ ଲିଡ୍ ନେଇଥିବା ଘୋଷଣା ହେବା ପରେ, ଭାଜପା କ୍ଷେତ୍ରରେ ଉତ୍ସାହର ନୂତନ ତରଙ୍ଗ ସୃଷ୍ଟି ହୋଇଛି। ସାଂସଦ ବେହେରା ବଞ୍ଜାରୀ ଅଞ୍ଚଳରେ ଶିବିର କରି ଘରେଘରେ ସମ୍ପର୍କ, ମଣ୍ଡଳ ମିଟିଂ ଏବଂ ଗ୍ରାମ୍ୟ ଦର୍ଶନ କରି ସକ୍ରିୟ ସଂଗଠନ, ସଜାଗ ସଂଗଠନ, ସରଳ ସନ୍ଦେଶ ଏହି ତିନିସ୍ତର ମନ୍ତ୍ରରେ ପ୍ରଚାର ଚଳାଇଥିଲେ। ବିକାଶ, ସରକାରୀ ଯୋଜନା ଏବଂ ମୂଳସ୍ତରର ସମସ୍ୟାକୁ ଧ୍ୟାନରେ ରଖି ସେ କରିଥିବା ସମ୍ବାଦ ଗ୍ରାମବାସୀଙ୍କ ମନକୁ ସ୍ପର୍ଶ କରିଥିଲା। ସାଂସଦଙ୍କ ମାଇକ୍ରୋ ପ୍ଲାନିଂ, ପ୍ରତିଦିନ ମଣ୍ଡଳ ପ୍ରତିନିଧିମାନଙ୍କ ସହ ସଂଜ୍ଞଳନୀ ଓ ଭୋଟରଙ୍କ ପ୍ରତ୍ୟେକ ବର୍ଗ ପହଞ୍ଚିବା ପାଇଁ ରାତିବେଳେ ମଧ୍ୟ ପ୍ରଚାର ଭାଜପାକୁ ଏଥର ନୂଆପଡ଼ାରେ ଏକ ଐତିହାସିକ ତାକତ ଦେଇଛି।

ଆଦ୍ୟାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ



ଖୋର୍ଦ୍ଧା,୧୫।୧୧ (ସଂଚାର ବ୍ୟୁରୋ): ଗଙ୍ଗାପଡା ସ୍ଥିତ ଆଦ୍ୟାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଉନ୍ନବିଂଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସିଏଚଏସଇର ଅଧ୍ୟକ୍ଷ ମୃଣାଲ କାନ୍ତି ଦାସ ଓ ମୁଖ୍ୟବକ୍ତା ଭାବେ ନାଇଜରର ଡିନ ପ୍ରଫେସର ପଲୋକ ଆଇଚ ଉପସ୍ଥିତ ଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ବିଦ୍ୟାଳୟର ଅଧ୍ୟକ୍ଷ ଅଜୟ ବହାଦୁର ସିଂ ଯୋଗଦେଇଥିଲେ। ବିଦ୍ୟାଳୟର ଅଧକ୍ଷ ପ୍ରଭାତୀ ଶତପଥି ବାର୍ଷିକ ବିବରଣୀ ପାଠ କରିବା ଅବସରରେ ବିଦ୍ୟାଳୟର ସଫଳତା, ପ୍ରଗତି ଶିକ୍ଷାଗତ ଉତ୍କର୍ଷ, ସମନ୍ୱତ ବ୍ୟବସ୍ଥା ଓ ଆଦ୍ୟାନ୍ତ ଉଲେଖନୀୟ ଯାତ୍ରା ବିଷୟରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅତି ଉଚ୍ଚକୋଟିର ହୋଇଥିଲା।

ଆରମ୍ଭ ହେଲା ସୋନପୁର ଇକୋ ରିଟ୍ରିଟ୍



ବ୍ରହ୍ମପୁର,୧୫।୧୧ (ସଂଚାର ବ୍ୟୁରୋ): ଗଞ୍ଜାମ ଜିଲ୍ଲାର ସୋନପୁରର ବିସ୍ତୀର୍ଣ୍ଣ ବେଳାଭୂମି ଓ ସମୁଦ୍ର କୂଳରେ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ନିମନ୍ତେ ପର୍ଯ୍ୟଟକଙ୍କ ନିମନ୍ତେ ଗଞ୍ଜାମ ଜିଲ୍ଲାର ଚିକିଟି ବ୍ଲକର ସୋନପୁର ଠାରେ ଇକୋ ରିଟ୍ରିଟ୍ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ାଙ୍କ ଦ୍ୱାରା ଭର୍ଚୁଆଲ ମାଧ୍ୟମରେ ଉଦ୍‌ଘାଟିତ ହୋଇଛି। ଏହି ବିସ୍ତୀର୍ଣ୍ଣ ବାଲୁକା ରାଶିରେ ଅତ୍ୟାଧୁନିକ ୨୫ଟି ବିଳାସପୂର୍ଣ୍ଣ ତମ୍ବୁରେ ସମସ୍ତ ସୁବିଧା ରହିଛି। ଏହା ନଭେମ୍ବର ୧୫ରୁ ଉଦ୍‌ଘାଟିତ ହୋଇ ଫେବ୍ରୁଆରୀ ମାସ ଶେଷ ସପ୍ତାହ ପର୍ଯ୍ୟନ୍ତ ଚାଲୁ ରହିବ। ଅନଲାଇନ ମାଧ୍ୟମରେ ବୁକିଙ୍ଗ କରିବା ସୁବିଧା ରହିଛି । ୱେବସାଇଟ (WWW.ODISHAECORETREATS.COM)।

ଏହି କାର୍ଯ୍ୟକ୍ରମରେ ସାଂସଦ ଡ଼ ପ୍ରଦୀପ କୁମାର ପାଣିଗ୍ରାହୀ, ଚିକିଟି ବିଧାୟକ ଶ୍ରୀ ମନୋରଞ୍ଜନ ଦ୍ୟାନ ସାମନ୍ତରାୟ, ଗଞ୍ଜାମ ଜିଲ୍ଲାପାଳ ୱି କୀର୍ତ୍ତି ୱାସନ, ଅତିରିକ୍ତ ଜିଲ୍ଲାପାଳ ଡ଼ ପ୍ରମୋଦ କୁମାର ପୃଷ୍ଟି, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ପର୍ଯ୍ୟଟନ ଅଧିକାରୀ ପାର୍ଥ ସାରଥୀ ହାଂସଦା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଇକୋ ରିଟ୍ରିଟ୍‌ରେ ପ୍ରିମିୟମ ଟେଣ୍ଟ, ଡିଲକ୍ସ ଟେଣ୍ଟସ, ପ୍ରେସିଡେଣ୍ଟସିଆଲ ଟେଣ୍ଟ, ରୋୟାଲ ଟେଣ୍ଟସ୍‌ର ସୁବିଧା ରହିଛି।

ଆଦିବାସୀ ଯୁବ ଭାବ ବିନିମୟ କାର୍ଯ୍ୟକ୍ରମ

କନ୍ଧମାଳ ଦଳର ବେଙ୍ଗଲୁରୁ ଓ କର୍ଣ୍ଣାଟକ ଯାତ୍ରା



ଫୁଲବାଣୀ,୧୫।୧୧ (ସଂଚାର ବ୍ୟୁରୋ): କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟ ଭାରତ ସରକାର ଶାଖା ମାଇ ଭାରତ ଫୁଲବାଣୀ ଓ ୧୨୭ ସିଆରପିଏଫ ବାଲିଗୁଡାର ମିଳିତ ଆନୁକୂଲ୍ୟରେ ୧୭ତମ ଆଦିବାସୀ ଯୁବ ଭାବ ବିନିମୟ କାର୍ଯ୍ୟକ୍ରମ ପାଇଁ କନ୍ଧମାଳ ଦଳ ବେଙ୍ଗଲୁରୁ ଓ କର୍ଣ୍ଣାଟକ ଯାତ୍ରା କରିଛି।

ଏହି ଅବସରରେ ଜିଲ୍ଲା ନିଯୋଜନ ସଭା ଗୃହ ଫୁଲବାଣୀଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବରେ ଜିଲ୍ଲା ନିଯୋଜନ ଅଧିକାରୀ ପୁରୁଷତମ ମହାପାତ୍ର ଯୋଗଦେଇଥିବା ବେଳେ ସନ୍ମାନୀତ ଅତିଥି ଭାବରେ ମିନତୀ ଖଣ୍ଡାୟତ, ତ୍ୱାଙ୍କିଲ ମୁଖାର୍ଜୀ ଏବଂ ମାଇ ଭାରତ ଫୁଲବାଣୀର ଜିଲ୍ଲା ଯୁବ ଅଧିକାରୀ ଶକ୍ତି ସ୍ୱରୂପ ସିଂ, ସହକର୍ମୀ ତାପସ କୁମାର ସାହୁ, ସତ୍ୟବାନ୍ ଦଳବେହେରା ପ୍ରମୁଖ ଯୋଗଦେଇଥିଲେ।

ଏହି କାର୍ଯ୍ୟକ୍ରମ ପାଇଁ ଫିରିଙ୍ଗିଆ ବ୍ଲକର ୨୦ ଜଣ ଭାଇ ଓ ଭଉଣୀମାନେ ଯାତ୍ରା କରିଛନ୍ତି। ଏହା ୧୭ରୁ ୨୩ ତାରିଖ ପର୍ଯ୍ୟନ୍ତ ବେଙ୍ଗଲୁରୁ ଓ କର୍ଣ୍ଣାଟକଠାରେ ଅନୁଷ୍ଠିତ ହେବ।

ଶିଶୁ ଦିବସ ପାଳିତ



ବ୍ରହ୍ମପୁର,୧୫।୧୧ (ସଂଚାର ବ୍ୟୁରୋ): ସ୍ଥାନୀୟ ଉତ୍କଳ ଆଶ୍ରମ ଏବଂ ଗଞ୍ଜାମ କଳା ପରିଷଦ ଠାରେ ଲକ୍ଷ୍ମୀ ନୃସିଂହ ସାହି ସ୍ଥିତ ବିବେକାନନ୍ଦ ବିଦ୍ୟା ମନ୍ଦିର ପକ୍ଷରୁ ଶିଶୁ ଦିବସ ପାଳିତ ହୋଇଯାଇଛି। ଏଥିରେ ସାରା ଗଞ୍ଜାମ ଜିଲ୍ଲାରୁ ପ୍ରାୟ ଏକ ହଜାର ଶିଶୁଙ୍କୁ ନେଇ ନଭେମ୍ବର ୧ ତାରିଖରୁ ଆୟୋଜିତ ବିଭିନ୍ନ ପ୍ରକାର ପ୍ରତିଯୋଗିତାରେ ଭାଗ ନେଇଥିବା ଶିଶୁଙ୍କୁ ନେଇ ସମ୍ବର୍ଦ୍ଧନା ମହାପର୍ବ ଅନୁଷ୍ଠିତ ହୋଇଥିଲା। ସପ୍ତମ ରାଜ୍ୟ ସ୍ତରୀୟ ବିବେକାନନ୍ଦ ମେଧାବୃତ୍ତି ପରୀକ୍ଷାର ଶେଷ ପର୍ଯ୍ୟାୟ ପାଇଁ ଓଡିଶାର ୩୦ଟି ଜିଲ୍ଲାରୁ ଶ୍ରେଷ୍ଠ ବିବେଚିତ ହୋଇଥିବା ଶିଶୁଗଣଙ୍କ ମଧ୍ୟରେ ଆଜି ବ୍ରହ୍ମପୁର ଠାରେ ପରୀକ୍ଷା ଅନୁଷ୍ଠିତ ହେବା ସହିତ ବିଗତ ୧୫ ଦିନ ହେଲା ପଞ୍ଜିକରଣ କରିଥିବା ଶିଶୁମାନଙ୍କର ପ୍ରବନ୍ଧ, ଗଳ୍ପ, ଗୀତ, ଚିତ୍ର, ରଙ୍ଗୋଲି ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା।

ତହସିଲରେ ଅମିନ ଅଭାବରୁ ହୋଇପାରୁନି ଜମି ମାପଚୁପ

ପଡିରହିଛି ୩୫୦ରୁ ଅଧିକ ଦରଖାସ୍ତ



କାକଟପୁର/ଅସ୍ତରଙ୍ଗ, ୧୫।୧୧ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଅସ୍ତରଙ୍ଗ ତହସିଲ ଅଧୀନରେ ୧୫ଟି ପଂଚାୟତକୁ ନେଇ ତହସିଲର କଲେବର। ଦିନକୁ ଦିନ କାର୍ଯ୍ୟ ଭାର ବଢିଛି। କିନ୍ତୁ ଏଠାରେ କର୍ମଚାରୀ ଅଭାବ ପାଇଁ ସାଧାରଣ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୫ଟି ରାଜସ୍ୱ ସର୍କଲର ଜମିଜମା ସମସ୍ୟା, ଜାତିଗତ, ବାସିନ୍ଦା, ଜାତି ପ୍ରମାଣପତ୍ର ଇତ୍ୟାଦି ପାଇଁ ଅସ୍ତରଙ୍ଗ ତହସିଲ କାର୍ଯ୍ୟାଳୟକୁ ଆସିବାକୁ ପଡିଥାଏ। ଏପରିକି ଜମିଜମା ମାପଚୁପ ପାଇଁ ଅସ୍ତରଙ୍ଗ ତହସିଲ କାର୍ଯ୍ୟାଳୟକୁ ଆସିବାକୁ ହେଲେ ଦୂରଦୁରାନ୍ତ ତଞ୍ଜାହାର, ଶିଶୁଅ, ସହନ, ସରିପୁର ଲୋକଙ୍କୁ ୫ରୁ ୧୦କିଲୋମିଟର ଅତିକ୍ରମ କରିବାକୁ ପଡିଥାଏ। ତେବେ ତହସିଲ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ଲୋକେ ନିରାଶ ହୋଇ ଫେରୁଛନ୍ତି। ନିଜର ଜମିଜମା ମାପଚୁପ ପାଇଁ ବର୍ଷ ବର୍ଷ ଧରି ଆବେଦନ କରି ବର୍ତମାନ ସୁଦ୍ଧା ଅପେକ୍ଷାର ଅନ୍ତ ଘଟିଲା ନାହିଁ।

ଅସ୍ତରଙ୍ଗ ତହସିଲ ଅଧୀନ ରେ ଥିବା ମାଞ୍ଜୁକି, କେନ୍ଦ୍ରାପଟି,ଅସ୍ତରଙ୍ଗ, ନଗର ଓ ନଈଗୁଆଁ ରାକ୍ସସ ସର୍କଲ ଅଧୀନରେ ଥିବା ପାଖାପାଖି ୩୫୦ରୁ ଉର୍ଦ୍ଧ ଆବେଦନକାରୀ ନିଜର ଜାଗାର ମାପଚୁପ ପାଇଁ ଆବେଦନ କରି ଏବେ ଧର୍ଯ୍ୟହରା ହୋଇପଡିଲେଣି। ତହସିଲରେ ଜଣେ ମାତ୍ର ଅମିନ ଥିବାରୁ ନା ସରକାରୀ ଜମି ମାପଚୁପ ହୋଇପାରୁଛି, ନା ଆବେଦନକାରୀଙ୍କ ଜମିଜମା ମାପଚୁପ ସମସ୍ୟାର ସୁଯୋଗ ନେଇ ବେସରକାରୀ ଅମିନ ମାନେ ୧୫ଶହ ଟଙ୍କାରୁ ୪ହଜାର ଟଙ୍କା ଲୋକ ମାନଙ୍କ ପାଖରୁ ନେଉଛନ୍ତି। ଅନେକ ସ୍ଥାନରେ ତାହା ସଠିକ ମାପଚୁପ ହେଉନାହିଁ। ଯାହାକି ଦ୍ୱନ୍ଦ୍ୱ ସୃଷ୍ଟି ହେଉଛି। ସରକାରୀ ଅମିନଙ୍କ ଡିମାରକେସନକୁ ସାଧାରଣତଃ ବୈଧ ଭାବେ ଗ୍ରହଣ କରାଯାଏ। ବେସରକାରୀ ଅମିନ ଆସି ମାପଚୁପ କରିବା ଦ୍ୱାରା ଉଭୟ ପକ୍ଷ ମଧ୍ୟରେ ଗଣ୍ଡଗୋଳ ସ୍ତରକୁ ମାମଲା ଯାଉଛି। ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ତହସିଲରେ ଆବଶ୍ୟକ ମୁତାବକ ଅମିନ ନିଯୁକ୍ତି ଦେବାକୁ ସାଧାରଣରେ ଦାବି ହୋଇଛି।

ବୁଡ଼ି ଯାଉଥିବା ଲୋକଙ୍କୁ ଉଦ୍ଧାର ବେଳର ଲାଇଭ ଦୃଶ୍ୟ ଦେଖାଇଲା ଇଣ



ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୧ ତମ ଜୟନ୍ତୀ ଉପଲକ୍ଷେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭା ନିକଟରେ ଥିବା ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ କରୁଛନ୍ତି।

ପୂର୍ବାଞ୍ଚଳ ମେନୋପଜ୍ ସମ୍ମିଳନୀ ଉଦ୍‌ଘାଟିତ

ସଚେତନତା ହିଁ ସଶକ୍ତିକରଣର ପ୍ରଥମ ପାହାଚ

ଭୁବନେଶ୍ୱର, ୧୫।୧୧(ସଂଚାର ବ୍ୟୁରୋ): ସଚେତନତା ହିଁ ସଶକ୍ତିକରଣର ପ୍ରଥମ ପାହାଚ ଏବଂ ପ୍ରକୃତ ସଶକ୍ତିକରଣ ହିଁ ମହିଳାଙ୍କୁ ମର୍ଯ୍ୟାଦା ପ୍ରଦାନ କରେ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି। ଶନିବାର ଭୁବନେଶ୍ୱର ଠାରେ ଓଡ଼ିଶା ମେନୋପଜ୍ ସୋସାଇଟି ଏବଂ ଓଡ଼ିଶା ଅବଷ୍ଟେଟ୍ରିସିଆନ୍ସ ଆଣ୍ଡ ଗାଇନେକୋଲୋଜିଷ୍ଟସ ଆସୋସିଏସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ପୂର୍ବାଞ୍ଚଳ ମେନୋପଜ୍ ସମ୍ମିଳନୀ ୨୦୨୫ କୁ ଉଦଘାଟନ କରି ରାଜ୍ୟପାଳ ଏହା କହିଛନ୍ତି।

ଏହି ଅବସରରେ ଉଦବୋଧନ ଦେଇ ରାଜ୍ୟପାଳ କହିଛନ୍ତି ଯେ, ମେନୋପଜ୍ ମହିଳାଙ୍କ ଦ୍ୱାରା ଅନୁଭବ କରାଯାଉଥିବା ଏକ ପ୍ରାକୃତିକ ଜୈବିକ ପରିବର୍ତ୍ତନ ହେଲେ ମଧ୍ୟ କଳଙ୍କ ଆଶଙ୍କା, ନୀରବତା ଏବଂ ଭୁଲ ବୁଝାମଣା ଯୋଗୁଁ ଏହା ପ୍ରାୟତଃ ଏଡ଼ାଇ ଦିଆଯାଇଥାଏ। ମେନୋପଜ୍ ସମ୍ବନ୍ଧରେ ଖୋଲାଖୋଲି ଆଲୋଚନା କରି ମହିଳାମାନଙ୍କୁ ବୈଜ୍ଞାନିକ ଜ୍ଞାନ ଏବଂ ସହାନୁଭୂତିଶୀଳ ଯତ୍ନ ପ୍ରଦାନ କରୁଥିବା ଡାକ୍ତର, ଗବେଷକ ଏବଂ ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ପ୍ରୟାସକୁ ରାଜ୍ୟପାଳ ପ୍ରଶଂସା କରିଥିଲେ।



ଭାରତରେ ୪୫ ବର୍ଷରୁ ଅଧିକ ବୟସର ୧୩୦ ନିୟୁତରୁ ଅଧିକ ମହିଳା ଅଛନ୍ତି ଯେଉଁମାନେ ମେନୋପଜ୍ ପରେ ସେମାନଙ୍କ ଜୀବନର ଏକ ତୃତୀୟାଂଶ ଭାଗ ଜୀବନ ଅତିବାହିତ କରନ୍ତି। ବିଶେଷତଃ ସୁସ୍ଥ ଓ ଯତ୍ନଶୀଳ ସ୍ୱାସ୍ଥ୍ୟସେବା ପରିଧି ବଢ଼ାଇବାକୁ ନିଶ୍ଚିତ କରିବାରେ ଏକ ସୁଯୋଗ ପ୍ରଦାନ କରୁଛି। ଅଷ୍ଟିଓପୋରୋସିସ୍, ହୃଦରୋଗ ଏବଂ ମାନସିକ ସ୍ୱାସ୍ଥ୍ୟ ଭଳି ଚିକିତ୍ସା ସମସ୍ୟା ଉପରେ ଧ୍ୟାନ ଦେବା ଆବଶ୍ୟକ ହେଲେ ମଧ୍ୟ ପରିବାର, କାର୍ଯ୍ୟକ୍ଷେତ୍ର ଏବଂ ସମାଜ ଏହି ପର୍ଯ୍ୟାୟରେ ମହିଳାମାନଙ୍କ ଭାବନାତ୍ମକ ଆବଶ୍ୟକତାକୁ ଚିହ୍ନଟ କରି ସମର୍ଥନ କରିବା ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ। ସମ୍ବେଦନଶୀଳତା ଏବଂ ବୁଝାମଣା ଏ କ୍ଷେତ୍ରରେ ଅର୍ଥପୂର୍ଣ୍ଣ ପରିବର୍ତ୍ତନ ଆଣିପାରେ ବୋଲି ରାଜ୍ୟପାଳ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାରତୀୟ ମେନୋପଜ୍ ସୋସାଇଟିର ଅଧ୍ୟକ୍ଷା ଅନିତା ଶାହା, ଓଡ଼ିଶା ମେନୋପଜ୍ ସୋସାଇଟିର ସଭାପତି ଅଭୟ କୁମାର ପଟ୍ଟନାୟକ, ଓଡ଼ିଶା ଅବଷ୍ଟେଟ୍ରିସିଆନ୍ସ ଆଣ୍ଡ ଗାଇନେକୋଲୋଜିଷ୍ଟସ ଆସୋସିଏସନର ଅଧ୍ୟକ୍ଷା ଡ. ସୁଜାତା ମିଶ୍ର ଏହି ଅବସରରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଆୟୋଜକ ଅଧ୍ୟକ୍ଷ ଡ. ଏଚ.ପି. ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଆୟୋଜକ ସମ୍ପାଦକ ଡ. ମୃତ୍ୟୁଞ୍ଜୟ ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

■ ଶିମିଳିପାଳ ଟାଇଗର ରିଜର୍ଭରେ ପ୍ରଥମ ପର୍ଯ୍ୟାୟ ବ୍ୟାଘ୍ର ଗଣନା

୧୦୩ ବିଟ୍‌ରେ ୧୦୩ ପ୍ରଶିକ୍ଷିତ ସର୍ଭେ ଦଳ

ବାରିପଦା, ୧୫।୧୧(ସଂଚାର ବ୍ୟୁରୋ): ଓଡ଼ିଶାର ପ୍ରସିଦ୍ଧ ଶିମିଳିପାଳ ଟାଇଗର ରିଜର୍ଭରେ ସର୍ବଭାରତୀୟ ବାଘ ଗଣନା-୨୦୨୬ ଆରମ୍ଭ ହୋଇଛି। ଜାତୀୟ ବାଘ ସଂରକ୍ଷଣ ପ୍ରାଧିକରଣ (ଏନଟିସିଏ)ର ପ୍ରୋଟୋକଲ୍ ଅନୁଯାୟୀ, ଏହି ଗଣନା ଟାଇଗର ରିଜର୍ଭ ସ୍ତରରେ ଦୁଇଟି ପର୍ଯ୍ୟାୟରେ ପରିଚାଳିତ ହେବ। ପ୍ରଥମ ପର୍ଯ୍ୟାୟ ୩ ଦିନିଆ ମାଂସାହାରୀ ପ୍ରାଣୀ ଏବଂ ବଡ଼ ଧରଣର ଶାକାହାରୀ ପ୍ରାଣୀଙ୍କ ଚିହ୍ନ ସର୍ଭେ, ୪ ଦିନିଆ ଲାଇନ୍ ଟ୍ରାନଜେକ୍ଟ ଏବଂ ଗୋଟିଏ ଦିନ ଶାଗୁଣା ଓ ଅନ୍ୟାନ୍ୟ ପକ୍ଷୀ ପ୍ରଜାତିର ଗଣନା କରାଯିବ।



ଶନିବାର ଠାରୁ ଶିମିଳିପାଳ ଦକ୍ଷିଣ ବିଭାଗରେ ଏହି ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ଆରମ୍ଭ ହୋଇଛି। ଏଥିପାଇଁ ୧୦୩ଟି ବିଟରେ ୧୦୩ଟି ପ୍ରଶିକ୍ଷିତ ସର୍ଭେ ଦଳ ନିୟୋଜିତ ହୋଇଛନ୍ତି। ଏହି ପର୍ଯ୍ୟାୟ ୨୨ ନଭେମ୍ବର ପର୍ଯ୍ୟନ୍ତ ଚାଲିବ ଏବଂ ଏହା ମାଧ୍ୟମରେ ମାଂସାହାରୀ ପ୍ରାଣୀଙ୍କ ଅଞ୍ଚଳ ଏବଂ ଶାକାହାରୀ ପ୍ରାଣୀଙ୍କ ଘନତ୍ୱ ଗଣନା କରାଯିବ। ସେହିପରି ଡିସେମ୍ବର ମାସ ଠାରୁ ତୃତୀୟ ପର୍ଯ୍ୟାୟ ବ୍ୟାପକ କ୍ୟାମେରା ଲଗାଯିବ। ଏଥିରେ ଟାଇଗର ରିଜର୍ଭର ୧୩୨୧ଟି ଗ୍ରୀଡ୍ (ପ୍ରତ୍ୟେକ ୨ବର୍ଗ କିମିରେ ବ୍ୟାପକ କ୍ୟାମେରା ଟ୍ରାପିଂ କରାଯିବ। ଏଥିପାଇଁ ପ୍ରାୟ ୧୫୦୦ କ୍ୟାମେରା ଟ୍ରାପ୍ ଦୁଇଟି ଚକ୍ରରେ (ପ୍ରତ୍ୟେକ ଚକ୍ର ୨୫ ଦିନିଆ) ନିୟୋଜିତ ହେବ। ଏହି ଗଣନା ବାଘ ସଂରକ୍ଷଣ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ସିମିଳିପାଳର ଜୈବ ବିବିଧତା ସମ୍ପର୍କରେ ନୂଆ ତଥ୍ୟ ପ୍ରଦାନ କରିବ ବୋଲି ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ଅଧିକାରୀମାନେ ଆଶା କରିଛନ୍ତି।

ପଲିଥିନରୁ ନବଜାତ ଶିଶୁର ମୃତଦେହ ଉଦ୍ଧାର

ଧର୍ମଶାଳା, ୧୫।୧୧ (ସଂଚାର ବ୍ୟୁରୋ): ଯାଜପୁର ଜିଲା ଜେନାପୁର ଥାନା ଅନ୍ତର୍ଗତ ଅଂଟିଆ ଗାଁ ନିକଟରେ ବନ୍ଧା ପଲିଥିନରୁ ଜଣେ ନବଜାତ ଶିଶୁର ମୃତଦେହ ଉଦ୍ଧାର କରାଯାଇ ମେଡିକାଲରେ ଶବ ବ୍ୟବଚ୍ଛେଦ କରାଯାଇଛି। ଆଜି ସକାଳେ ଅଂଟିଆ ଗାଁ ରାସ୍ତା ଉପରେ ଏକ ମୁହଁ ବନ୍ଧା ପଲିଥିନ ପଡିଥିବା ସ୍ଥାନୀୟ ଲୋକେ ଦେଖି ଭୟଭିତ ହୋଇପଡିଥିଲେ। ତେବେ ପଲିଥିନ ଭିତରେ କ'ଣ ଅଛି ତାହାକୁ ନେଇ ସନ୍ଦେହ ହୋଇଥିଲା। ଏହି ଘଟଣାକୁ ନେଇ ଜେନାପୁର ଥାନାକୁ ଖବର ଦିଆଯାଇଥିଲା। ପୁଲିସ ମୁହଁ ବନ୍ଧା ପଲିଥିନକୁ ଖୋଲି ଥିଲା । ତେବେ ଏହା ଭିତରେ ଜଣେ ନବଜାତ ଶିଶୁପୁତ୍ରର ମୃତଦେହ ଥିବା ଜଣାପଡିଥିଲା । ଥାନାରେ ଏକ ମାମଲା ରୁଜୁ କରି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା ପୁଲିସ। ତେବେ କିଏ ଓ କେଉଁ ପରିସ୍ଥିତିରେ ଏଭଳି ଅମାନୁଷିକ ଘଟଣା ଘଟାଇଥିଲା ସେନେଇ ପୁଲିସ ପ୍ରାଥମିକ ତଦନ୍ତ ଆରମ୍ଭ କରିଛି।

● ଆଇନଜୀବୀ ପୀତବାସ ପଣ୍ଡା ହତ୍ୟାକାଣ୍ଡ ମାମଲା

ସରିଲା ୮ ଅଭିଯୁକ୍ତଙ୍କ ଟିଆଇ ପରେଡ୍

ବ୍ରହ୍ମପୁର, ୧୫।୧୧ (ସଂଚାର ବ୍ୟୁରୋ) : ଆଇନଜୀବୀ ପୀତବାସ ପଣ୍ଡା ହତ୍ୟାକାଣ୍ଡ ମାମଲାରେ ୮ ଅଭିଯୁକ୍ତଙ୍କର ହୋଇଛି ଟିଆଇ ପରେଡ୍। ବ୍ରହ୍ମପୁର ମଞ୍ଜଳ କାରାଗାରରେ ଅଭିଯୁକ୍ତମାନଙ୍କର ହୋଇଛି ଟିଆଇ ପରେଡ୍। ଅଭିଯୁକ୍ତଙ୍କର ଟିଆଇ ପରେଡ୍ ସରିବା ପରେ ମାଜିଷ୍ଟ୍ରେଟ୍, ପୋଲିସ ଓ ସାକ୍ଷୀ ଜେଲର ବାହାରିଛନ୍ତି। ପୀତବାସ ପଣ୍ଡା ହତ୍ୟା ମାମଲାରେ ମୋଟ୍ ୧୬ ଅଭିଯୁକ୍ତ ଗିରଫ ହୋଇ ଜେଲରେ ଅଛନ୍ତି।



ସାର୍ପସୁଟର କୁରୁପତି ଭୂୟାଁ ଓ ଚିଣ୍ଟୁ ପ୍ରଧାନ, ବିହାରର ଶିଶୁପାଳ ପାସୱାନ ଓ କୁନ୍ଦନ କୁମାର, ଷଡଯନ୍ତ୍ରକାରୀଙ୍କ ମୁଖ୍ୟ ସହଯୋଗୀ ଉମା ବିଷୋୟୀ, ଯୋଗୀ ରାଉତ, ସୀମାଞ୍ଚଳ ନାୟକ ଏବଂ ବିପିନ ସ୍ୱାଇଁଙ୍କ ଟିଆଇ ପରେଡ୍ କରିବାକୁ ଅନୁମତି ଦେବାକୁ ମାମଲାର ତଦନ୍ତ ଅଧିକାରୀ ତଥା ବ୍ରହ୍ମପୁର ଟାଉନ ଏସଡିପିଓ ପ୍ରିୟସ ରଞ୍ଜନ ଛୋଟରାୟ ଏସଡିଜେଏମ କୋର୍ଟକୁ ଅନୁମତି ମାଗିଥିଲେ। କୋର୍ଟ ପକ୍ଷରୁ ଅନୁମତି ମିଳିବା ପରେ ବ୍ରହ୍ମପୁର ମଞ୍ଜଳ କାରାଗାରରେ ଅଭିଯୁକ୍ତଙ୍କର ଟିଆଇ ପରେଡ୍ ହୋଇଛି।

ସୂଚନାଯୋଗ୍ୟ ଯେ, କୁମାରପୂର୍ଣ୍ଣିମା ରାତିରେ ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ଅତି ନିକଟରୁ ଗୁଳିକରି ହତ୍ୟା କରାଯାଇଥିଲା। ଅଭିଯୁକ୍ତ କୁରୁପତି ଭୂୟାଁ ଓ ଚିଣ୍ଟୁ ପ୍ରଧାନ ଏକ ବାଇକରେ ବୈକୁଣ୍ଠନଗର ଅଞ୍ଚଳକୁ ଯାଇ ତାଙ୍କୁ ଅତି ନିକଟରୁ ଗୁଳିକରି ହତ୍ୟା କରିଥିଲେ। ଏନେଇ ବୈଦ୍ୟନାଥପୁର ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଥିଲା। ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ବୈଦ୍ୟନାଥପୁର ଥାନା ପୋଲିସ ମୋଟ୍ ୧୬ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏହି ୧୬ ଜଣଙ୍କ ମଧ୍ୟରେ ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା, ପୂର୍ବତନ ମେୟର ଶିବଶଙ୍କର ଦାଶ, ବିଜେଡି ନେତା ମଦନ ଦଳେଇ, କର୍ପୋରେଟର ମଳୟ ବିଷୋୟୀ ମଧ୍ୟ ରହିଛନ୍ତି।

କଟକରେ ବ୍ୟାପିଲା ଜଣ୍ଡିସ୍

● ୨୦ରୁ ଅଧିକ ଲୋକ ଆକ୍ରାନ୍ତ

କଟକ, ୧୫।୧୧ (ସଂଚାର ବ୍ୟୁରୋ) : କଟକରେ ଡରାଇଲାଣି ଜଣ୍ଡିସ। କଟକ ମହନଗର ନିଗମର କଦମ-ଏ-ରସୁଲ ଗଳିରେ ଥିବା ବ୍ରାହ୍ମଣ ସାହିରେ ବ୍ୟାପୁଛି ଜଣ୍ଡିସ। ଯାହାକୁ ନେଇ ଭୟଭୀତ ଅଞ୍ଚଳବାସୀ। ୨୦ ରୁ ଅଧିକ ଲୋକ ଜଣ୍ଡିସରେ ଆକ୍ରାନ୍ତ ହେଲେଣି। ଦୂଷିତ ପାଣି, ଡ୍ରେନ୍ ସଫାରେ ଅବହେଳା ଯୋଗୁଁ ଜଣ୍ଡିସ ବ୍ୟାପୁଥିବା ଅଭିଯୋଗ ଆଣିଛନ୍ତି ସ୍ଥାନୀୟ ବାସିନ୍ଦା। ଏକମାସ ପୂର୍ବରୁ ଜଣ୍ଡିସର ଲକ୍ଷଣ ଦେଖା ଗଲାଣି। କିନ୍ତୁ ଏବେ ସିଏମସିର ଚେତା ପଶିଲା। ଆଜି ସକାଳୁ ସକାଳୁ ସିଏମସି ପକ୍ଷରୁ ଡ୍ରେନ ସଫେଇ ଆରମ୍ଭ ହୋଇଛି। ନର୍ଦ୍ଦମା ଭିତରେ ଯାଇଥିବା ପାଣି ପାଇପ ଗୁଡିକୁ କାଟି ବାହାର କରାଯାଇଛି। ଏହାସହ ସିଏମସି ସ୍ୱାସ୍ଥ୍ୟ ବିଭାଗ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଛି। କୌଣସି ଲକ୍ଷଣ ଦେଖାଦେଲେ ଗୁଣିଗାରେଡ଼ି ନକରି ଡ଼ାକ୍ତରଙ୍କ ପରାମର୍ଶ ନେବାକୁ ନିବେଦନ କରିଛନ୍ତି କଟକ ମେୟର।

ଜଳିଗଲା ବିଦ୍ୟୁତ୍ ଟ୍ରାନ୍ସଫର୍ମର

ଧର୍ମଶାଳା, ୧୫।୧୧ (ସଂଚାର ବ୍ୟୁରୋ): ହୁତୁହୁତୁ ହୋଇ ଜଳିଗଲା ବିଦ୍ୟୁତ୍ ଟ୍ରାନ୍ସଫର୍ମର। ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ଗଙ୍ଗାଧରପୁର ପଞ୍ଚାୟତ କଣିପାଟିଆ ଗ୍ରାମରେ। ଆଜି ସକାଳେ ଗାଁ ମୁଣ୍ଡରେ ଥିବା ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଜଳିବାକୁ ଲାଗିଥିଲା। ଚାହୁଁ ଚାହୁଁ ଟ୍ରାନ୍ସଫର୍ମରଟି ହୁତୁହୁତୁ ହୋଇ ଅଳ୍ପ ସମୟ ମଧ୍ୟରେ ଜଳି ପୋଡି ପାଉଁଶ ହୋଇଯାଇଥିଲା। ତେବେ ସ୍ଥାନୀୟ ବିଦ୍ୟୁତ୍ ସରବରାହ ଠପ୍ ହୋଇଯାଇଛି। ତୁରନ୍ତ ନୂତନ ଟ୍ରାନ୍ସଫର୍ମର ବସାଇବାକୁ ଦାବି କରାଯାଇଛି।

ନାରାୟଣ ମନ୍ଦିରରୁ ୧୦ରୁ ଉର୍ଦ୍ଧ୍ୱ ଅଷ୍ଟଧାତୁ ମୂର୍ତ୍ତି ଲୁଟ୍

ଭଞ୍ଜନଗର, ୧୫।୧୧ (ସଂଚାର ବ୍ୟୁରୋ) : ଗଞ୍ଜାମ ଜିଲ୍ଲାର ଭଞ୍ଜନଗର ଅଞ୍ଚଳରେ ମନ୍ଦିରରୁ ମୂର୍ତ୍ତି ଚୋରି ହୋଇଛି । ତାରସିଙ୍ଗି ଥାନା ଅନ୍ତର୍ଗତ କୁଲାଡ଼ ନିକଟସ୍ଥ ନାରାୟଣପାଟଣା ଗ୍ରାମର ନାରାୟଣ ମନ୍ଦିରରୁ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କାର ୧୦ଟି ଅଷ୍ଟଧାତୁରେ ନିର୍ମିତ ମୂର୍ତ୍ତି ଲୁଟି ନେଇଛନ୍ତି ଦୁର୍ବୃତ୍ତ। ଘଟଣା ସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ କରୁଛି। ସୂଚନା ମୁତାବକ, ପ୍ରତିଦିନ ଭଳି ମନ୍ଦିର ପୂଜକ ଶୁକ୍ରବାର ରାତ୍ର ୮ ଟାରେ ପୂଜା ସାରି ସମସ୍ତ ଦ୍ୱାର ବନ୍ଦ କରି ତାଲା ପକାଇ ଘରକୁ ଯାଇଥିଲେ । ଶନିବାର ସକାଳୁ ମନ୍ଦିରକୁ ଆସି ଦେଖିବା ବେଳକୁ ସବୁ ଫାଟକ ଖୋଲା ଅଛି ଏବଂ ମୂର୍ତ୍ତି ସବୁ ଚୋରି ହୋଇଯାଇଛି । ଏହା ଦେଖି ସେ ତୁରନ୍ତ ଗ୍ରାମବାସୀ ଓ ପୁଲିସକୁ ଖବର ଦେଇଥିଲେ । ତାରସିଙ୍ଗି ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି ।

ଘର ତାଲା ଭାଙ୍ଗି ଲୁଟିନେଲେ ଦୁର୍ବୃତ୍ତ

କେନ୍ଦୁଝର, ୧୫।୧୧ (ସଂଚାର ବ୍ୟୁରୋ): ଘଷିପୁରା ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମର ହୃଦାନନ୍ଦ ବାରିକଙ୍କ ଘରୁ କବାଟ ଭାଙ୍ଗି କଳାକନା ବୁଲାଇଦେଲେ ଦୁର୍ବୃତ୍ତ। ସୂଚନା ଅନୁସାରେ ହୃଦାନନ୍ଦ ବାରିକ ବଡପଦନା ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଅଛନ୍ତି। ରାମଚନ୍ଦ୍ରପୁରରେ ଏକ ଭଡା ଘରେ ରହୁଥିଲେ। ଗତକାଲି ତାଙ୍କ ପରିବାର ଲୋକ ନିଜ ଗାଁ ରାକଦେଇପୁର ଯାଇଥିଲେ। ଆଜି ୪ଟା ସମୟରେ ଦୁର୍ବୃତ୍ତମାନେ କାର ଗାଡ଼ି ଯୋଗେ ଆସି ହୃଦାନନ୍ଦଙ୍କ ଘର ସମ୍ମୁଖରେ କାର ଗାଡ଼ି ଠିଆ କରି ଘରେ ପଶି ଘର ଭିତରେ ଥିବା ସୁନା ଚେନ, ସୁନା କାନଫୁଲ, ନଗଦ ୬୦,୦୦୦ ହଜାର ଟଙ୍କା ନେଇ ଗାଡ଼ି ଯୋଗେ ଚୋର ମାନେ ଚମ୍ପଟ ମାରିଥିଲେ। ଗାଁ ଲୋକଙ୍କ କହିବା ଅନୁଯାୟୀ ଘର ସମ୍ମୁଖରେ ତାଙ୍କ ଘରକୁ କେହି କୁଣିଆ ଆସିଥିବେ ବୋଲି ନଜର ଦେଇ ନଥିଲେ। ହୃଦାନନ୍ଦଙ୍କ ପରିବାର ଗାଁରୁ ଘରକୁ ଫେରିଆସି ଦେଖୁଲା ବେଳକୁ ତାଙ୍କର ଘର ବାହାର ଗେଟ୍ ତାଲା ଭଙ୍ଗା ହୋଇଥିବା ଦେଖିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକମାନଙ୍କୁ ଡ଼ାକିବା ସହିତ ରାମଚନ୍ଦ୍ରପୁର ପୋଲିସ୍ କୁ ଖବର ଦେଇଥିଲେ।

'ଆମ ସୁବାହକ' ମହିଳା ଗତିଶୀଳତାକୁ ଆଗକୁ ନେଇଥାଏ

ଭୁବନେଶ୍ୱର, ୧୫।୧୧(ସଂଚାର ବ୍ୟୁରୋ): ମହିଳାମାନଙ୍କୁ ଆତ୍ମନିର୍ଭର କରିବା ପାଇଁ ଆମ ସୁବାହକ ଯୋଜନା ଆରମ୍ଭ କରିବା ଏବଂ ଏହାର ସଫଳ କାର୍ଯ୍ୟାନ୍ୱୟନ ପାଇଁ ବାଣିଜ୍ୟ ଏବଂ ପରିବହନ ବିଭାଗ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟିର ସଦସ୍ୟ ବ୍ୟାଙ୍କଗୁଡ଼ିକ ସହିତ ଏକ ବୈଠକ ଆୟୋଜନ କରିଥିଲା। ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ପରିବହନ କମିଶନର ଅମିତାଭ ଠାକୁର ଏବଂ ପ୍ରମୁଖ ସରକାରୀ ଏବଂ ଘରୋଇ ବ୍ୟାଙ୍କଗୁଡ଼ିକର ବରିଷ୍ଠ ପ୍ରତିନିଧିମାନେ ଯୋଗ ଦେଇଥିଲେ।



ଶ୍ରୀମତୀ ପାଢୀ କହିଛନ୍ତି ଯେ, ଆମ ସୁବାହକ ଏକ ପରିବର୍ତ୍ତନକାରୀ ସଶକ୍ତିକରଣ-ସଂଯୁକ୍ତ ଜୀବିକା ପଦକ୍ଷେପ ଯାହାର ଲକ୍ଷ୍ୟ ଡ୍ରାଇଭିଂ ବୃତ୍ତିରେ ଲିଙ୍ଗଗତ ସନ୍ତୁଳନ ଆଣିବା, ମହିଳା ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ଏବଂ ଓଡ଼ିଶାରେ ସୁରକ୍ଷିତ, ମର୍ଯ୍ୟାଦାପୂର୍ଣ୍ଣ ଗତିଶୀଳତା ସୁନିଶ୍ଚିତ କରିବା। ସେ ମହିଳା ହିତାଧିକାରୀମାନଙ୍କୁ ସହାୟତା କରିବା ପାଇଁ ତୁରନ୍ତ ଋଣ ବ୍ୟବସ୍ଥା, ସରଳୀକୃତ ଡକ୍ୟୁମେଣ୍ଟେସନ୍ ଏବଂ ଉତ୍ସର୍ଗୀକୃତ ସୁବିଧା କରିବାକୁ ବ୍ୟାଙ୍କଗୁଡ଼ିକୁ ଅନୁରୋଧ କରିଥିଲେ। ଶ୍ରୀ ଠାକୁର ଆଲୋକପାତ କରିଥିଲେ ଯେ, ଏହି ଯୋଜନାରେ ହାଲୁକା ଚାରିଚକିଆ ଯାନ କ୍ରୟ ପାଇଁ ସୁଧମୁକ୍ତ ଋଣ ପ୍ରଦାନ କରାଯିବା ସହିତ ଲାଇସେନ୍ସିଂ, ସଂରଚିତ ଡ୍ରାଇଭିଂ ତାଲିମ ଏବଂ ଓଡ଼ିଶା ଯାତ୍ରୀ ପ୍ଲାଟଫର୍ମ ମାଧ୍ୟମରେ ଉଦ୍ୟୋଗୀ ସୁଯୋଗ ପାଇଁ ସହାୟତା ପ୍ରଦାନ କରାଯିବ। ସେ ଆବେଦନକାରୀଙ୍କୁ ସମୟୋଚିତ ଭାବରେ ସାମିଲ କରିବା ପାଇଁ ପରିବହନ ବିଭାଗ ଏବଂ ଜିଲ୍ଲା କର୍ତ୍ତୃପକ୍ଷଙ୍କ ପୂର୍ଣ୍ଣ ସହଯୋଗର ପ୍ରତିଶ୍ରୁତି ଦେଇଥିଲେ। ଆମ ସୁବାହକ କେବଳ ମହିଳାମାନଙ୍କ ପାଇଁ ଆର୍ଥିକ ସ୍ୱାଧୀନତା ସୁନିଶ୍ଚିତ କରିବ ନାହିଁ ବରଂ ଦକ୍ଷ ମହିଳା ଡ୍ରାଇଭରମାନଙ୍କର ଏକ ନୂତନ କ୍ୟାଡର ମଧ୍ୟ ଗଠନ କରିବ, ଯାହା ସମଗ୍ର ଓଡ଼ିଶାରେ ସୁରକ୍ଷିତ ଗତିଶୀଳତା ଏବଂ ଅନ୍ତର୍ଭୁକ୍ତ ଆର୍ଥିକ ଅଭିବୃଦ୍ଧିରେ ଯୋଗଦାନ ଦେବ।

ପିଣ୍ଡି ଉପରେ କ୍ୟାବିନ୍, ଶୌଚାଳୟରେ ପରିବା ଓ ଓଜନ କଣ୍ଟା

ତାଳଦଣ୍ଡା କେନାଲ କଡ଼ରେ ବ୍ୟବସାୟୀ, ଚାଷୀ

କଟକ, ୧୫।୧୧(ସଂଚାର ବ୍ୟୁରୋ): ୨ବର୍ଷ ବିତିଯାଇଥିଲେ ସୁଦ୍ଧା କଟକ ଅର୍ବାନ ହାଟ ସମସ୍ୟା ସମାଧାନ ହେବା ପରିବର୍ତ୍ତେ ଦିନକୁ ଦିନ ବଢ଼ିବାରେ ଲାଗିଛି। ପିଣ୍ଡି ଟେଣ୍ଡରକୁ ନେଇ ବିବାଦ ଯୋଗୁଁ ସ୍ଥାନୀୟ ବଜାରର କର୍ମକର୍ତ୍ତା ଅସନ୍ତୁଷ୍ଟ ଥିବାବେଳେ ଦୀର୍ଘଦିନ ହେବ ପିଣ୍ଡିରୁ ୟୁଜର୍ସ ଫି ଆଦାୟ ବନ୍ଦ ଥିଲା। ଟେଣ୍ଡର ହେବା ପର୍ଯ୍ୟନ୍ତ କଟକ ମହାନଗର ନିଗମ ପିଣ୍ଡିରୁ ୨୦ଟଙ୍କା ଲେଖାଏଁ ୟୁଜର୍ସ ଫି ଆଦାୟ କରୁଥିବା ବେଳେ ହାଟରେ ଅବ୍ୟବସ୍ଥା ସମ୍ପର୍କରେ ନୀରବ ରହୁଥିବା ଦେଖିବାକୁ ମିଳିଛି। ହାଟ ଭିତରେ ପ୍ରଭାବଶାଳୀ ବ୍ୟକ୍ତି ପିଣ ଭଡ଼ା



ସୂତ୍ର ଦେଇଥିବା ବେଳେ ବର୍ତ୍ତମାନ ପିଣ୍ଡି ଉପରେ କ୍ୟାବିନ୍ ପକାଇ ବ୍ୟବସାୟ କରୁଛନ୍ତି। ଏହି କ୍ୟାବିନରେ ଖାଦ୍ୟସାମଗ୍ରୀ ପ୍ରସ୍ତୁତି ସହ ବିକ୍ରି ହେଉଥିବା ବେଳେ ଶୌଚାଳୟରେ ପରିବା , ଓଜନ କଣ୍ଟା ରହୁଥିବା ଯୋଗୁଁ ଲୋକମାନେ ବାହାରେ ପରିସ୍ରା, ମଳତ୍ୟାଗ କରୁଛନ୍ତି, ଯାହାଦ୍ୱାରା ପରିବେଶ ପ୍ରଦୂଷିତ ହେବା ଯୋଗୁଁ ଖୋଲାମେଲାରେ ବିକ୍ରି ହେଉଥିବା ଖାଦ୍ୟ ସଂକ୍ରମଣ ହୋଇ ରୋଗ ବ୍ୟାପିବା ଆଶଙ୍କା ରହିଛି। କଟକ ମହା



ସୁନା ବଦଳରେ ଏଣିକି ରୁପା ଉପରେ ମିଳିବ ଋଣ



ଆରବିଆଇର ବଡ଼ ଘୋଷଣା

ନୂଆଦିଲ୍ଲୀ ୧୫।୧୧: ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ନେଇଛି ବଡ଼ ନିଷ୍ପତ୍ତି। ନିଷ୍ପତ୍ତି ଅନୁଯାୟୀ ସୁନା ପରି ରୂପା ଉପରେ ବି ମିଳିବ ଋଣ। ଆଉ ଆରବିଆଇ ସୁନା ଓ ରୂପା (ଋଣ) ନିର୍ଦ୍ଦେଶାବଳୀ, ୨୦୨୫ ଜାରି କରିଛି। ଯାହା ୧ ଏପ୍ରିଲ, ୨୦୨୬ରୁ କାର୍ଯ୍ୟକାରୀ ହେବ। ନୂତନ ନିର୍ଦ୍ଦେଶାବଳୀରେ କିଏ ଋଣ ପ୍ରଦାନ କରିବ। କେତେ ରୂପା କିମ୍ବା ସୁନା ବନ୍ଧକ ରଖାଯାଇପାରିବ। ସର୍ବାଧିକ ଋଣ ସୀମା ନିର୍ଦ୍ଦିଷ୍ଟ କରାଯାଇଛି। ଏହି ପଦକ୍ଷେପକୁ ଗ୍ରାମୀଣ ଓ ମଧ୍ୟବିତ୍ତ ବର୍ଗଙ୍କ ପାଇଁ ଏକ ବଡ଼ ଆଶ୍ୱସ୍ତି ଭାବରେ ବିବେଚନା କରାଯାଉଛି।ଏହାସହ ଲକ୍ଷ ଲକ୍ଷ ଗ୍ରାମୀଣ ଏବଂ ସହରାଞ୍ଚଳ ଗ୍ରାହକଙ୍କୁ ବି ଲାଭ ମିଳିବ। ଯେଉଁମାନେ ଏବେ ସେମାନଙ୍କର ଆର୍ଥିକ ଆବଶ୍ୟକତା ପୂରଣ କରିବା ପାଇଁ ସେମାନଙ୍କର ରୂପା ବ୍ୟବହାର କରିପାରିବେ। ନୂତନ ନିର୍ଦ୍ଦେଶାବଳୀ ଅନୁଯାୟୀ, ଜଣେ ଗ୍ରାହକ ସର୍ବାଧିକ ୧୦ କିଲୋଗ୍ରାମ କିମ୍ବା ସର୍ବନିମ୍ନ ୫୦୦ ଗ୍ରାମ ରୂପା ଅଳଙ୍କାର ପାଇଁ ଋଣ ପାଇପାରିବେ। ଏହି ସୀମା ଅତିକ୍ରମ କରିବାକୁ ଅନୁମତି ଦିଆଯିବ ନାହିଁ। ଏହି ସୁବିଧା ସମସ୍ତ ବ୍ୟାଙ୍କ, ସମବାୟ ବ୍ୟାଙ୍କ ଏବଂ ଅଣ-ବ୍ୟାଙ୍କିଙ୍ଗ ଆର୍ଥିକ ପ୍ରତିଷ୍ଠାନ ପାଇଁ ଉପଲବ୍ଧ ହେବ। ରୂପା ବିରୁଦ୍ଧରେ ଋଣ ସାତ ବର୍ଷ ମଧ୍ୟରେ ପରିଶୋଧ କରାଯାଇପାରିବ। ସୁଧ ହାର ବ୍ୟାଙ୍କଗୁଡ଼ିକ ଦ୍ୱାରା ନିର୍ଣ୍ଣୟ କରାଯିବ ଏବଂ ବର୍ତ୍ତମାନର ବଜାର ପରିସ୍ଥିତି ଉପରେ ଆଧାରିତ ହେବ। ଏହାର ଅର୍ଥ ହେଉଛି ଯେପରି ସୁନା ଋଣ ଉପରେ ସୁଧ ଆଦାୟ କରାଯାଏ। ସେହିପରି ଗ୍ରାହକ ଯଦି ସମୟସୀମାରେ ଋଣ ପରିଶୋଧ କରିବାରେ ବିଫଳ ହୁଅନ୍ତି ତେବେ ରୂପା ଋଣ ଉପରେ ମଧ୍ୟ ସେହିପରି ପ୍ରଯୁଜ୍ୟ ହେବ।ଆରବିଆଇ ବ୍ୟାଙ୍କଗୁଡ଼ିକୁ ସୁନା ପରି ଏକ ସ୍ୱଚ୍ଛ ପ୍ରକ୍ରିୟା ଅନୁସରଣ କରିବାକୁ ନିର୍ଦ୍ଦେଶ ଦେଇଛି, ବନ୍ଧକ ରୂପାର ସଠିକ୍ ମୂଲ୍ୟାଙ୍କନ ସୁନିଶ୍ଚିତ କରିବା, ସୁରକ୍ଷା ମାନଦଣ୍ଡ ପୂରଣ କରିବା ଏବଂ ସମସ୍ତ ନିୟମାବଳୀ ବିଷୟରେ ଗ୍ରାହକମାନଙ୍କୁ ଅବଗତ କରାଇବା। ଏହି ଯୋଜନା ମଧ୍ୟବିତ୍ତ ପରିବାର, ଚାଷୀ ଏବଂ ଗୃହିଣୀମାନଙ୍କୁ ଆଶ୍ୱସ୍ତି ପ୍ରଦାନ କରିବ।

ବଦଳିବେ ଆପଲ ସିଇଓ



ନ୍ୟୁୟର୍କ, ୧୫।୧୧: ବଦଳିବେ ଆପଲ ସିଇଓ। ଟିମ୍ କୁକଙ୍କ ଜାଗା ନେବେ ନୂଆ ବ୍ୟକ୍ତି। କାରଣ କମ୍ପାନୀ ପକ୍ଷରୁ ନୂଆ ସିଇଓଙ୍କ ସନ୍ଧାନ ଆରମ୍ଭ ହୋଇଯାଇଛି। ଖୁବ୍ ଶୀଘ୍ର ଏନେଇ ବଡ଼ାଡ଼ ଘୋଷଣା କରାଯିବ। ରିପୋର୍ଟ ଅନୁସାରେ, ଆସନ୍ତା ବର୍ଷ କମ୍ପାନୀର ବର୍ତ୍ତମାନ ସିଇଓ ଟିମ୍ କୁକ୍ ନିଜ ପଦ ଛାଡି ପାରନ୍ତି। ତାଙ୍କ ପରେ ନୂଆ ବ୍ୟକ୍ତି ଦାୟିତ୍ୱ ନେବେ। ନୂଆ ସିଇଓ କିଏ ହେବ ସେନେଇ କିଛି ସ୍ପଷ୍ଟ ହୋଇନି। କିନ୍ତୁ କମ୍ପାନୀର ବରିଷ୍ଠ ଉପ ସଭାପତି ଜନ୍ ଟରନସ୍

ନୂଆବର୍ଷରେ ଅବସର ନେବେ ଟିମ୍ କୁକ

ଏଡି ରେସରେ ଆଘରେ ରହିଛନ୍ତି। ତାଙ୍କୁ କମ୍ପାନୀ ଗୁରୁ ଦାୟିତ୍ୱ ଦେଇପାରେ। ତେବେ ଏନେଇ ଆପଲ ପକ୍ଷରୁ ଔପଚାରିକ ଭାବେ କିଛି କୁହାଯାଇ ନାହିଁ। କିନ୍ତୁ ୧୪ ବର୍ଷ ଧରି କମ୍ପାନୀର ସିଇଓ ପଦ ସମ୍ଭାଳିବେ ପରେ ଏବେ କୁକ୍ ଅବସର ନେଇପାରନ୍ତି। ୨୦୨୬ ଆରମ୍ଭରେ ନୂଆ ସିଇଓଙ୍କ ନାଁ ଘୋଷଣା କରାଯିବ ବୋଲି ଜଣାପଡିଛି।

ସୂଚନାଯୋଗ୍ୟ, ୨୦୧୧ରେ ଷ୍ଟିଭ୍ ସ୍ମିଥ୍ ପଦ ଛାଡିବା ପରେ ଟିମ୍ ଦାୟିତ୍ୱ ନେଇଥିଲେ। ୧୯୯୮ରେ କମ୍ପାନୀରେ କାର୍ଯ୍ୟ ଆରମ୍ଭ କରିଥିବା କୁକଙ୍କ ସମୟରେ ଆପଲ ଅନେକ ସଫଳତା ପାଇଥିଲା। ଏହା ନୂଆ ନୂଆ ଗ୍ରାହକଙ୍କୁ ନିଜ ସହ ଯୋଡିଥିଲା। କମ୍ପାନୀକୁ ସଙ୍କଟରୁ ସେ ଉଦ୍ଧାର କରିଥିଲେ। ୨୦୦୫ରୁ ୨୦୧୧ ଯାଏଁ ଟିମ୍ କମ୍ପାନୀର ଚିପ୍ ଅପରେଟିଂ ଅଫିସର ରହିଥିଲେ। ଶେଷରେ ୨୦୧୧ ଅଗଷ୍ଟ ୨୪ରେ ଟିମ୍ କୁକ୍ ଆପଲର ନୂଆ ସିଇଓ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିଲେ।

ଆଜିର ସୁନା ଦର



ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୨୭,୮୫୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୧୭,୨୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୨୭,୮୫୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୧୭,୨୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୨୭,୮୫୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୧୭,୨୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୨୮,୦୦୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୧୭,୩୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୨୯,୧୬୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୧୮,୪୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୨୭,୮୫୦ ଓ ୧,୧୭,୨୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୬୩,୧୦୦ ଟଙ୍କା ହୋଇଛି।

ମୁଣ୍ଡ ନୁଆଁଇ ଶୁଳ୍କ ହଟାଇଲେ ଟ୍ରମ୍ପ

ୱାଶିଂଟନ, ୧୫।୧୧: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଅନେକ କୃଷି ଆମଦାନୀ ଉପରେ ଶୁଳ୍କ ହ୍ରାସ କରିବା ପାଇଁ ଏକ ଆଦେଶରେ ସ୍ୱାକ୍ଷର କରିଛନ୍ତି। ଗୋମାଂସ, ଟମାଟୋ, କଫି ଏବଂ କଦଳୀ ଭଳି ଉତ୍ପାଦଗୁଡ଼ିକ ପାରସ୍ପରିକ ଶୁଳ୍କରୁ ମୁକ୍ତ ରହିବେ। କିନ୍ତୁ ସମ୍ପୂର୍ଣ୍ଣ ଶୁଳ୍କରୁ ମୁକ୍ତ ରହିବେ ନାହିଁ। ବୃଦ୍ଧି ପାଉଥିବା ମୁଦ୍ରାସ୍ଫୀତି ଏବଂ ଜନସାଧାରଣଙ୍କ ଅସନ୍ତୋଷ ମଧ୍ୟରେ ଏହି ପଦକ୍ଷେପ ନିଆଯାଇଛି।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ଙ୍କ ଦ୍ୱାରା ଲାଗୁ କରାଯାଇଥିବା ଶୁଳ୍କ ଆମେରିକା ଉପରେ ବିନାଶକାରୀ ପ୍ରଭାବ ପକାଉଛି। ଜନସାଧାରଣଙ୍କ ମଧ୍ୟରେ ପ୍ରତିଫଳିତ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି, ଟ୍ରମ୍ପ୍ ଶୁକ୍ରବାର ଦିନ ଶୁଳ୍କରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିଛନ୍ତି। ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇ, ସେ ଅନେକ କୃଷି ଆମଦାନୀ ଉପରେ ଶୁଳ୍କ ହ୍ରାସ କରିବା ପାଇଁ ଏକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶରେ ସ୍ୱାକ୍ଷର କରିଛନ୍ତି। ଏହି ନିର୍ଦ୍ଦେଶ ଗୁରୁବାରଠାରୁ କାର୍ଯ୍ୟକାରୀ ହୋଇଛି, ଅର୍ଥାତ୍ ଏହା ସ୍ୱାକ୍ଷରିତ ହେବା ପୂର୍ବରୁ ପିଛିଲା ଭାବେ କାର୍ଯ୍ୟକାରୀ କରାଯାଇଛି। ଏହି ନିଷ୍ପତ୍ତି ଫଳରେ ଗୋମାଂସ, ଟମାଟୋ, କଫି ଏବଂ କଦଳୀ ଭଳି ଅନେକ ଆମଦାନୀ ସାମଗ୍ରୀ ଉପରେ ଶୁଳ୍କ ହ୍ରାସ ପାଇବ। ଏହା ମେକ୍ସିକୋକୁ ଯଥେଷ୍ଟ ଲାଭ ଦେବ।

ରିପୋର୍ଟ ଅନୁଯାୟୀ, ଟ୍ରମ୍ପ୍ଙ୍କ ନିର୍ଦ୍ଦେଶ ଏହି ଜିନିଷଗୁଡ଼ିକୁ ଦଶ ପ୍ରତିଶତରୁ ପଚାଶ ପ୍ରତିଶତ ପର୍ଯ୍ୟନ୍ତ ପାରସ୍ପରିକ ଶୁଳ୍କ ହାରରୁ ମୁକ୍ତ କରିଛି। ତଥାପି, ଏଗୁଡ଼ିକ ସମ୍ପୂର୍ଣ୍ଣ ଶୁଳ୍କମୁକ୍ତ ହେବ ନାହିଁ। ଉଦାହରଣ ସ୍ୱରୂପ, ମେକ୍ସିକୋରୁ ଆମଦାନୀ ହୋଇଥିବା ଟମାଟୋ ପୂର୍ବରୁ ଲାଗୁ ହୋଇଥିବା ସତର ପ୍ରତିଶତ ଶୁଳ୍କ ଅଧୀନରେ ରହିବ। ଏହା ହାର ଜୁଲାଇରେ କାର୍ଯ୍ୟକାରୀ ହୋଇଥିଲା ଯେତେବେଳେ ପ୍ରାୟ ତିନି ଦଶନ୍ଧି ପୁରୁଣା ବାଣିଜ୍ୟ ଚୁକ୍ତିନାମା ସମାପ୍ତ ହୋଇଥିଲା। ସେହି ପରିବର୍ତ୍ତନ ପରେ ଟମାଟୋର ମୂଲ୍ୟ



ତୁରନ୍ତ ବୃଦ୍ଧି ପାଇଥିଲା। ଟ୍ରମ୍ପ୍ ଦାୟିତ୍ୱ ନେବା ପରଠାରୁ ବର୍ତ୍ତମାନ ପାରସ୍ପରିକ ଶୁଳ୍କରୁ ମୁକ୍ତ ଥିବା ଅନେକ ଜିନିଷ ବର୍ଷ ବର୍ଷ ଧରି ସବୁଠାରୁ ମହଙ୍ଗା ହୋଇଯାଇଥିଲା।

ବୃଦ୍ଧି ପାଇଥିବା ମୂଲ୍ୟର କାରଣ ଟ୍ରମ୍ପ୍ଙ୍କ ଦ୍ୱାରା ଲାଗୁ ହୋଇଥିବା ଶୁଳ୍କ ଏବଂ ଘରୋଇ ଉତ୍ପାଦନର ଅଭାବକୁ ଦାୟୀ କରାଯାଇଥିଲା। ଉଦାହରଣ ସ୍ୱରୂପ, ଅଗଷ୍ଟରେ ବ୍ରାଜିଲରୁ ଆମଦାନୀ ହେଉଥିବା କଫି ଉପରେ ପଚାଶ ପ୍ରତିଶତ ଶୁଳ୍କ ଲାଗୁ କରାଯାଇଥିଲା। ଗ୍ରାହକମାନେ ସେପ୍ଟେମ୍ବରରେ ପୂର୍ବ ବର୍ଷ ତୁଳନାରେ ପ୍ରାୟ କୋଡ଼ିଏ ପ୍ରତିଶତ ଅଧିକ କଫି ପାଇଁ ଦେୟ ଦେଇଥିଲେ। ଏହି ପଦକ୍ଷେପ ଏପରି ଏକ ସମୟରେ ଆସିଛି ଯେତେବେଳେ ମତଦାତାମାନେ ସମ୍ପ୍ରତି ନିର୍ବାଚନ ପରେ ମୁଦ୍ରାସ୍ଫୀତି ଏବଂ ଅର୍ଥନୀତିର ଅବସ୍ଥା ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ। କିଛି ରାଜ୍ୟର ଉପନିର୍ବାଚନରେ, ମତଦାତାମାନେ ବିରୋଧୀ ଦଳଗୁଡ଼ିକୁ ସମର୍ଥନ କରି ସରକାରଙ୍କ ବିରୁଦ୍ଧରେ ଭୋଟ ଦେଇଥିବା ଦେଖିବାକୁ ମିଳିଥିଲା। ଅର୍ଥମନ୍ତ୍ରୀ ସ୍କଟ୍ ବେସାଣ୍ଟ ନିର୍ଦ୍ଦେଶ ପୂର୍ବରୁ କହିଥିଲେ ଯେ, ଏହି ପଦକ୍ଷେପ ସେହି ଉତ୍ପାଦଗୁଡ଼ିକ ଉପରେ ଧ୍ୟାନ କେନ୍ଦ୍ରିତ କରିଛି ଯାହା ଆମେରିକାରେ ବହୁ ପରିମାଣରେ ଉତ୍ପାଦିତ ହୁଏ ନାହିଁ। ସେ କଫି ଏବଂ କଦଳୀର ଉଦାହରଣ ଭାବରେ ଉଲ୍ଲେଖ କରିଥିଲେ। କିଛି କ୍ଷେତ୍ରରେ ସୀମିତ ପରିମାଣରେ କଫି ଉତ୍ପାଦିତ ହେଉଥିଲେ ମଧ୍ୟ ଏହାର ଅଧିକାଂଶ ବିଦେଶରୁ ଆସିଥାଏ। ଶୁକ୍ରବାର, ଟ୍ରମ୍ପ୍ ପ୍ରଶାସନ ସ୍ୱିଜରଲ୍ୟାଣ୍ଡ ସହିତ ଏକ ନୂତନ ବାଣିଜ୍ୟ ଢାଞ୍ଚା ମଧ୍ୟ ଘୋଷଣା କରିଛନ୍ତି। ଏହି ଚୁକ୍ତି ଅନୁଯାୟୀ, ସ୍ୱିଜରଲ୍ୟାଣ୍ଡରୁ ଆମଦାନି ହେଉଥିବା ସାମଗ୍ରୀ ଉପରେ ଶୁଳ୍କ ୩୯ ପ୍ରତିଶତରୁ ହ୍ରାସ ପାଇ ୧୫ ପ୍ରତିଶତ ହୋଇଛି।

ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ମୂଲ୍ୟ ସ୍ଥିର ରହିଛି। କୌଣସି ପରିବର୍ତ୍ତନ ହୋଇନି। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ହେଲେ ଭୁବନେଶ୍ୱରରେ କମିଛି ପେଟ୍ରୋଲ ଏବଂ ଡିଜେଲ ଦାମ୍। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୬୯ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।



ଭାରତ ଆମଦାନି କଲା ୧୬ ନିୟୁତ ଟନ୍ ଖାଇବା ତେଲ

ନୂଆଦିଲ୍ଲୀ, ୧୫।୧୧: ୨୦୨୪-୨୫ ମାର୍କେଟିଂ ବର୍ଷ (୨୦୨୪ ନଭେମ୍ବରରୁ ୨୦୨୫ ଅକ୍ଟୋବର)ରେ ଭାରତ ୧୬ ନିୟୁତ ଟନ ଖାଇବା ତେଲ ଆମଦାନି କରିଛି। ଏହାର ମୂଲ୍ୟ ପ୍ରାୟ ୧.୬୧ ଲକ୍ଷ କୋଟି ଟଙ୍କା। ଚାହିଦା ପୂରଣ ପାଇଁ ଏହି ଆମଦାନି କରାଯାଇଛି ବୋଲି ସଲଭେଣ୍ଟ ଏକ୍ସଟ୍ରାକ୍ଟର୍ସ ଆସୋସିଏସନ୍ ଅଫ୍ ଇଣ୍ଡିଆ ପକ୍ଷରୁ କୁହାଯାଇଛି। ୨୦୨୩-୨୪ ମାର୍କେଟି ବର୍ଷରେ ଭାରତ ୧୫.୯୬ ନିୟୁତ ଟନ ଖାଇବା ତେଲ ଆମଦାନି କରିଥିଲା ଯାହାର ମୂଲ୍ୟ ୧.୩୨ ଲକ୍ଷ କୋଟି ଟଙ୍କା ରହିଥିଲା। ଅନ୍ତର୍ଜାତୀୟ ବଜାରରେ ଦର ଉଚ୍ଚା ରହିବା କାରଣରୁ ମୂଲ୍ୟ ଅନୁସାରେ ଖାଇବା ତେଲ ଆମଦାନିରେ ୨୨ ପ୍ରତିଶତ ବୃଦ୍ଧି ଘଟିଛି। କିନ୍ତୁ ପରିମାଣ ହିସାବରେ ଏହା ପାଖାପାଖି ରହିଛି। ଭାରତ ମୁଖ୍ୟତଃ ଇଣ୍ଡୋନେସିଆ ଓ ମାଲେସିଆରୁ ପାମ୍ ତେଲ ଆମଦାନି କରିଥାଏ। ଆର୍ଜେଣ୍ଟିନା ଓ ବ୍ରାଜିଲରୁ ସୋୟାବିନ ତେଲ ଆଣିଥାଏ। ଗତ ୨୦ ବର୍ଷ (୨୦୨୪-୦୫ରୁ ୨୦୨୪-୨୫) ମଧ୍ୟରେ ଆମଦାନି ପରିମାଣରେ ଯଥେଷ୍ଟ ବୃଦ୍ଧି ଘଟିଛି। ଖାଇବା ତେଲ ଆମଦାନି ୨.୨ ଗୁଣା ବୃଦ୍ଧି ପାଇଥିବାବେଳେ ଦର ପ୍ରାୟ ୧୫ ଗୁଣା ବଢ଼ିଛି।



୧୫୮୦ ଟଙ୍କା କମିଲା ସୁନା ଦର, ସାମାନ୍ୟ ମହଙ୍ଗା ହେଲା ରୁପା



ଭୁବନେଶ୍ୱର,୧୫।୧୧: ସୁନା ଦରରେ ହ୍ରାସ ଘଟିଥିବାବେଳେ ସାମାନ୍ୟ ମହଙ୍ଗା ହୋଇଛି ରୁପା। ରାଜଧାନୀ ଭୁବନେଶ୍ୱରରେ ୧୦ ଗ୍ରାମ ପିଛା ୨୪ ଏବଂ ୨୨ କ୍ୟାରେଟ୍ ସୁନା ଦର ଯଥାକ୍ରମେ ୧୫୮୦ ଟଙ୍କା ଏବଂ ୧୪୫୦ ଟଙ୍କା ଶସ୍ତା ହୋଇଛି। ଫଳରେ ଉଭୟ ଯଥାକ୍ରମେ ୧,୨୭,୦୪୦ ଟଙ୍କା ଏବଂ ୧,୧୬,୪୫୦ ଟଙ୍କାକୁ ଖସିଆସିଛି। ଅନ୍ୟପକ୍ଷରେ, କିଲୋଗ୍ରାମ ପିଛା ରୁପା ୧୦୦ ଟଙ୍କା ମହଙ୍ଗା ହୋଇ ୧,୮୩,୧୦୦ ଟଙ୍କାରେ ପହଞ୍ଚିଛି। ସମ୍ପ୍ରତି ଉଭୟ ଧାତୁର ଦର ରେକର୍ଡ ସ୍ତରରେ ପହଞ୍ଚିଛି। ଏହାସହିତ ବଜାରରେ ଏକ ପ୍ରକାର ଅସ୍ଥିରତାର ମାହୋଲ ରହିଛି। ଆମେରିକୀୟ ଫେଡେରାଲ ରିଜର୍ଭର ସୁଧ ହାର ହ୍ରାସ ସହିତ ଆଗକୁ ସୁନା ଦରରେ ବୃଦ୍ଧି ଘଟିବା ନେଇ ଆଶଙ୍କା ପ୍ରକାଶ ପାଇଛି।

ଇସ୍ପାତ କ୍ଷେତ୍ର ପାଇଁ 'ଆଇଫରେଷ୍ଟ୍'ର ରିପୋର୍ଟ

୨୦୩୦ ସୁଦ୍ଧା ଦେଶର ଉତ୍ପାଦନ ୨୫୫ ନିୟୁତ ଟନ୍ ହେବ

ନୂଆଦିଲ୍ଲୀ, ୧୫।୧୧: ଭାରତରେ ଲୁହା ଏବଂ ଇସ୍ପାତ କ୍ଷେତ୍ରରୁ ଅଧିକ ମାତ୍ରାରେ ସବୁଜ ଗୃହ ଗ୍ୟାସ ବାହାରୁଛି। ଦେଶର ମୋଟ ଅଙ୍ଗାରକାମ୍ଳ ନିର୍ଗମନରେ ଏହି କ୍ଷେତ୍ରର ଯୋଗଦାନ ୧୨ ପ୍ରତିଶତ। ୨୦୩୦ ସୁଦ୍ଧା ଦେଶର ଇସ୍ପାତ ଉତ୍ପାଦନ ୨୫୫ ନିୟୁତ ଟନ୍ ଏବଂ ୨୦୫୦ ସୁଦ୍ଧା ୫୦୦ ନିୟୁତ ଟନ୍ ହେବ ବୋଲି ଆକଳନ କରାଯାଉଛି। ତେଣୁ ନିଟ୍ ଜିରୋ ଲକ୍ଷ୍ୟ ହାସଲ ପାଇଁ ଏହି କ୍ଷେତ୍ରରେ ପରିବର୍ତ୍ତନର ଆବଶ୍ୟକତା ରହିଛି। ଜଳବାୟୁ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସଂସ୍ଥା ଆଇଫରେଷ୍ଟ୍ ପକ୍ଷରୁ ଇଣ୍ଡିଆନ୍ ଷ୍ଟିଲ୍ ଆସୋସିଏସନ୍ ସହଯୋଗରେ ନୂଆଦିଲ୍ଲୀରେ ଇଣ୍ଡିଆ ଗ୍ରିନ୍ ଷ୍ଟିଲ୍ ଟ୍ରାଞ୍ଜିସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଆଇଫରେଷ୍ଟ୍ ପକ୍ଷରୁ ଲୁହା ଓ ଇସ୍ପାତ କ୍ଷେତ୍ର ପାଇଁ ୩ଟି ରିପୋର୍ଟ ପ୍ରକାଶ କରାଯାଇଛି। ସେଗୁଡ଼ିକ ହେଲା ବିଆର୍ଏସ୍ଆର୍ ଡିସ୍କ୍ଲୋଜର: ଇଏସ୍ଜି ପର୍ଫର୍ମାନ୍ସ ଅଫ୍ ଦ ଷ୍ଟିଲ ସେକ୍ଟର (୨୦୨୩-୨୪), ଦ ବିଆର୍ଏସ୍ଆର୍ ସପ୍ଲିମେଣ୍ଟ୍ ଫର୍ ଦି ଷ୍ଟିଲ୍ ସେକ୍ଟର: ଏନହାନ୍ସିଂ ଇଏସ୍ଜି ଡିସ୍କ୍ଲୋଜର ଆଣ୍ଡ୍ ଟ୍ରାନ୍ସପରେନ୍ସି ଏବଂ ଦ ୟୁନିଫାଏଡ୍ ଜିଏଚ୍ଜି ଆକାଉଣ୍ଟିଂ ଆଣ୍ଡ୍ ଏମ୍ଆରଭି ଫ୍ରେମୱର୍କ। କ୍ଲାଇମେଟ୍ ଫାଇନାନ୍ସ ପାଇଁ ବିପୁଳ ଅର୍ଥର ଆବଶ୍ୟକତା ରହିଛି।

ଖଣ୍ଡଗିରିରେ ଖୋଲିଲା ଚାନ୍ଦି ଭଣ୍ଡାରର ଷ୍ଟୋର



ଭୁବନେଶ୍ୱର,୧୫।୧୧: ଓଡ଼ିଶାର ସର୍ବବୃହତ୍ ରୁପା ଗହଣା ଷ୍ଟୋର୍ ଶୃଙ୍ଖଳ ଚାନ୍ଦି ଭଣ୍ଡାର ଖଣ୍ଡଗିରିରେ ଏହାର ୨୫ତମ ଷ୍ଟୋର ଖୋଲିଛି। ଖଣ୍ଡଗିରି ଗୁମ୍ଫା ରୋଡ୍‌ରେ ୨୫୦୦ ବର୍ଗଫୁଟ ପରିମିତ ସ୍ଥାନରେ ଖୋଲିଥିବା ଏହି ସୋରୁମ୍‌ରେ ରୁପା ଗହଣା ସମେତ କଳାକୃତି ଆଦି ଉପଲବ୍ଧ କରାଯାଇଛି। ଏହି ସ୍ୱତନ୍ତ୍ର ଅବସରକୁ ପାଳନ କରିବା ପାଇଁ ଚାନ୍ଦି ଭଣ୍ଡାର 'ଓ୍ୱେଡିଂ

ଗହଣା, କଳାକୃତିର ଗଢ଼ା ମଜୁରିରେ ୩୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି

ଷ୍ଟୋରିକ୍ ବାୟ ଚାନ୍ଦି ଭଣ୍ଡାର' କ୍ୟାମ୍ପେନ୍ ଆଣିଛି । ଏକ ସୀମିତ ସମୟ ଅଫର ଘୋଷଣା କରାଯାଇଛି ଯେଉଁଥିରେ ଗ୍ରାହକମାନେ ନଭେମ୍ବର ୧୫ରୁ ୩୦ ପର୍ଯ୍ୟନ୍ତ ରୁପା ଗହଣା ଓ କଳାକୃତିର ଗଢ଼ା ମଜୁରି ଉପରେ ୩୦% ପର୍ଯ୍ୟନ୍ତ ରିହାତି ପାଇପାରିବେ ବୋଲି ଏହି ଅବସରରେ ଚାନ୍ଦି ଭଣ୍ଡାରର ପ୍ରତିଷ୍ଠାତା ଲିପ୍ସା ହଂସ କହିଛନ୍ତି। ଏହି ଅବସରରେ ନିର୍ଦ୍ଦେଶକ ମାଣିକ ହଂସ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ



ମ. ରାମପୁର:୧୫।୧୧(ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା ମ. ରାମପୁର ବ୍ଲକ ଦୁର୍ଗା ମାଧବ ଉଚ୍ଚ ବିଦ୍ୟାପୀଠ ଖେଳ ପଡ଼ିଆ ଠାରେ ପ୍ରଥମ ଥର ବ୍ଲକ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ଏକ ପ୍ରଦର୍ଶନୀ ଓ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାରା ରାଜ୍ୟରେ ପ୍ରତି ବ୍ଲକରେ ଏହିଭଳି କାର୍ଯ୍ୟକ୍ରମ ଚାଲୁଥିବାବେଳେ ଆଜି ମ. ରାମପୁର ବ୍ଲକରେ ଏହା ଦେଖିବାକୁ ମିଳିଛି। ମତ୍ସ୍ୟ ଚାଷ ଓ ପଶୁପାଳନ କରି ଚାଷୀମାନେ କିଭଳି ସ୍ୱାବଲମ୍ବୀ ହୋଇପାରିବେ ଓ ସହଜ ଏବଂ ସୁବିଧାରେ ଋଣ ନେବା ସହିତ ସରକାରୀ ପ୍ରୋତ୍ସାହନ ପାଇପାରିବେ ଏସଂକ୍ରାନ୍ତରେ ଜନସାଧାରଣଙ୍କୁ ସୂଚନା ଦେବା ଏହି ମେଳାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଆଜିର ଏହି ବ୍ଲକ ସ୍ତରୀୟ କାର୍ଯ୍ୟକ୍ରମରେ କଳାହାଣ୍ଡି ସାଂସଦ ପ୍ରତିନିଧି ଶ୍ରୀ ପଦ୍ମଲୋଚନ ମିଶ୍ର, ରାଜ୍ୟସଭା ସାଂସଦ ପ୍ରତିନିଧି ଶ୍ରୀ ଦିବାକର ବାଗ, ନର୍ଲା ବିଧାୟକଙ୍କ ପ୍ରତିନିଧି ଶ୍ରୀ ସତ୍ୟ ନାରାୟଣ ସାହୁ, ତହସିଲଦାର ମିମାଂସା ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶରତ ଚନ୍ଦ୍ର ସେଠି, ବ୍ଲକ ଗୋଷ୍ଠୀ ପ୍ରାଣୀ ଚିକିତ୍ସକ ଡା. କେଦାରନାଥ ଖମାରୀ, ବ୍ଲକ ମତ୍ସ ଅଧିକାରୀ ରୁଦ୍ର ପ୍ରତାପ ଶବର, ଉପଖଣ୍ଡ ପ୍ରାଣୀ ଚିକିତ୍ସକ ଅଧିକାରୀ ଶ୍ରୀ ପ୍ରଭାତ କୁମାର ପରିଡା ପ୍ରମୁଖ ମଂଚାସୀନ ଥିବା ବେଳେ ମୁଖ୍ୟବକ୍ତା ଭାବେ ଅରୁଣ କୁମାର ସାହୁ ଯୋଗ ଦେଇଥିଲେ। ଏଥିରେ ପ୍ରାଣିଧନ ନିରକ୍ଷକ ସୁଶାନ୍ତ ମିଶ୍ର ମଞ୍ଚ ପରିଚାଳନା କରିଥିଲେ।

ରାଣୀପଟାରେ କ୍ରାନ୍ତିବୀର ବିର୍ସା ମୁଣ୍ଡା ଜୟନ୍ତୀ



ନର୍ଲା,୧୫।୧୧(ସଂଚାର ବ୍ୟୁରୋ): ଭାରତ ଇତିହାସର ସବୁଠାରୁ ଶକ୍ତିଶାଳୀ ଆଦିବାସୀ ମେଳି ଏବଂ ଜନ ଆନ୍ଦୋଳନର ମହାନାୟକ ଥିଲେ କ୍ରାନ୍ତିବୀର ବିର୍ସା ମୁଣ୍ଡା। ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡା ଥିଲେ ଆଦିବାସୀମାନଙ୍କ ଆତ୍ମ ପରିଚୟ ଓ ସ୍ୱାଭିମାନର ସୁରକ୍ଷା ପାଇଁ ସଂଘର୍ଷର ମୂର୍ତ୍ତିମନ୍ତ ପ୍ରତୀକ। ତେଣୁ ସେ ଆଦିବାସୀ ସମାଜରେ ଭଗବାନ ଓ ଧରତୀ ଆବା ଭାବରେ ଚୀର ନମସ୍ୟ ଓ ପୂଜ୍ୟ ବୋଲି ରାଣୀପଟା ଠାରେ କଳାହାଣ୍ଡି ଜିଲ୍ଲା ମୁଣ୍ଡା ସମାଜ ପକ୍ଷରୁ ଆୟୋଜିତ କ୍ରାନ୍ତିବୀର ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମ ଜୟନ୍ତୀ ଅବସରରେ ମତ ପ୍ରକାଶ ପାଇଛି। ନର୍ଲା ବ୍ଲକ ଅନ୍ତର୍ଗତ ରାଣୀପଟା ଠାରେ ମୁଣ୍ଡା ସମାଜ ପକ୍ଷରୁ ଜିଲ୍ଲାସ୍ତରୀୟ ବିର୍ସା ମୁଣ୍ଡା ଜୟନ୍ତୀ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ମଶାଳ ଯାତ୍ରା ଏବଂ ମଞ୍ଚରେ ଭଗବାନ ବିର୍ସା ମୁଣ୍ଡାଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଯୁବତୀ ଓ ଯୁବକମାନେ ମୁଣ୍ଡାରୀ ଗୀତ ଗାନ କରିଥିଲେ। ଅପରାହ୍ନରେ କଳାହାଣ୍ଡି ଜିଲ୍ଲା ମୁଣ୍ଡା ସମାଜ ସଭାପତି ଫକିର ମୁଣ୍ଡାଙ୍କ ଅଧ୍ୟକ୍ଷତାରେ ବିର୍ସା ମୁଣ୍ଡା ଜୟନ୍ତୀ ପାଳିତ ହୋଇଥିଲା।

ଜିଲ୍ଲା ପରିଷଦ ବୈଠକ ଅନୁଷ୍ଠିତ

ନୂଆ କୋଠାରୁ ୫ ବର୍ଷ ଭିତରେ ପାଣି ଲିକ୍ ହେଲେ ହେବ କାର୍ଯ୍ୟନୁଷ୍ଠାନ

- ନିର୍ମାଣ ସାରିଥିଲେ ବହୁ ହଷ୍ଟେଲ କାର୍ଯ୍ୟକ୍ଷମ ହେଉ ନଥିବା ଅଭିଯୋଗ
- ଜିଲ୍ଲା ଯୋଜନା ବୋର୍ଡ ଗଠନ ହୋଇନଥିବାରୁ ପଡ଼ି ରିହିଛି ୧୪ କୋଟି

କୋରାପୁଟ,୧୫।୧୧(ସଂଚାର ବ୍ୟୁର): କୋରାପୁଟ ଜିଲ୍ଲା ସଦର ସଦଭାବନା ସଭା ଗୃହ ଠାରେ ଜିଲ୍ଲା ପରିଷଦ ୫୭ ତମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ସଭାପତି ସସ୍ମିତା ମେଲେକା କ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ବୈଠକ ରେ ଜିଲ୍ଲା ପାଳ ମୋନଜ ସତ୍ୟବାନ ମହାଜନ ଙ୍କ ସମତେ କୋରାପୁଟ ଜିଲ୍ଲା ର ୪ ଜଣ ବିଧାୟକ ଓ ଦୁଇ ସାଂସଦ ପ୍ରତିନିଧି ସମତେ ସମସ୍ତ ଜିଲ୍ଲା ପରିଷଦ ସଭ୍ୟ ଓ ଜିଲ୍ଲା ସ୍ତରୀୟ ବିଭିନ୍ନ ବିଭାଗ ର ଅଧିକାରୀ ଉପସ୍ଥିତ ରହିଥିଲେ। ବୈଠକ ଆରମ୍ଭ ରେ ଦିଲ୍ଲୀ ଆତଙ୍କି ହମଲା ର ମୃତ୍ୟୁ ଙ୍କ ପାଇଁ ଶାନ୍ତି ପ୍ରାର୍ଥନା ପରେ ବୈଠକ ଆରମ୍ଭ ହୋଇଥିଲା। ବୈଠକ ଆରମ୍ଭ ରୁ ହିଁ ଜିଲ୍ଲା ଯୋଜନା ବୋର୍ଡ ର ଗଠନ ନେଇ ସଭ୍ୟ ମାନେ ହଟଗଳ କରିଥିଲେ ୨୦୨୪-୨୫ ଏବଂ ୨୫-୨୬ ଦୁଇ ଆର୍ଥିକ ବର୍ଷ ର ୧୪ କୋଟି ଟଙ୍କା ଖର୍ଚ୍ଚ ନ ହୋଇ ପଡ଼ି ରହିଛି। ତେଣୁ ତୁରନ୍ତ ଜିଲ୍ଲା ଯୋଜନା ବୋର୍ଡ କାର୍ଯ୍ୟକ୍ଷମ ଜିଲ୍ଲା ର ବିକାଶ ଦିଗରେ ଟଙ୍କା ସାରିବା ପାଇଁ ସଭ୍ୟ ମାନେ ଦାବି କରିଥିଲେ। ଏହା ସହ ଜିଲ୍ଲା



ରେ ୫୦୦ ରୁ ଊର୍ଦ୍ଧ୍ୱ ଡାକ୍ତର ଆବଶ୍ୟକ ଥିବା ବେଳେ ମାତ୍ର ୨୪୦ ଡାକ୍ତର ରହିଛନ୍ତି ତେଣୁ ଡାକ୍ତର ଅଭାବ ନେଇ ବୈଠକ ରେ ଅଲଚନା ହୋଇଥିଲା। ଲମଡାପୁଟ, ବୈପାରୀଗୁଡା, ବୋରିଗୁମ୍ଭା ବ୍ଲକ ଠାରେ ଆଇ ଟି ଡି ଏ ପକ୍ଷରୁ ଛାତ୍ର ଛାତ୍ରୀ ଙ୍କ ପାଇଁ ହଷ୍ଟେଲ ନିର୍ମାଣ କାମ ସରି ୩ବର୍ଷ ରୁ ଊର୍ଦ୍ଧ୍ୱ ସମୟ ହେଉଥିଲେ ସୁଦ୍ଧା ତାହା କାର୍ଯ୍ୟକ୍ଷମ ହେଉନାହିଁ। ଏନେଇ ଆଇ ଟି ଡି ଏ ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସ୍ପଷ୍ଟ ଉତ୍ତର ଦେଇ ନ ପାରିବାରୁ ବିନା ତଥ୍ୟ ରେ ବୈଠକ ଆସିଥିବାରୁ ସଭାପତି ଏବଂ କୋଟପାଡ଼ ବିଧାୟକ ଅଧିକାରୀ ଙ୍କୁ ତାଗିଦ କରିଥିଲେ। ଏହା ସହ ଆଇ ଟି ଡି ଏ କାର୍ଯ୍ୟଳୟ ରେ ଉର୍ନତି ମୁଳୁକ କାର୍ଯ୍ୟକ୍ରମ ରେ କୌଣସି ଜନପ୍ରତିନିଧି ଙ୍କୁ ସାମିଲ କରା ନ ଯାଉ ନ ଥିବା ଅଭିଯୋଗ ହୋଇଛି ।



ଇକୋ ରିଟ୍ରିଟର ଶୁଭ ଉଦ୍‌ଘାଟନ

ଦାରିଙ୍ଗବାଡି,୧୫।୧୧ (ସଂଚାର ବ୍ୟୁର): ଆଜି ରାଜ୍ୟରେ ୬ଟି ଇକୋ ରିଟ୍ରିଟକୁ ରାଜ୍ୟର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଭିଡିଓ କନଫରେନ୍ସ ମାଧ୍ୟମରେ ଶୁଭ ଉଦ୍‌ଘାଟନ କରିଥିବାବେଳେ ଏଥିରେ ଦାରିଙ୍ଗବାଡି ଇକୋ ରିଟ୍ରିଟର ମଧ୍ୟ ଉଦଘାଟନ ହୋଇଯାଇଛି। ଏହି ଅବସରରେ ଦାରିଙ୍ଗବାଡି ଇକୋ ରିଟ୍ରିଟ ପରିସର ମଧ୍ୟରେ ଉଦଘାଟନୀ ଉତ୍ସବର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କନ୍ଧମାଳ ଜିଲ୍ଲା ପରିଷଦର ଅଧ୍ୟକ୍ଷା ନନ୍ଦିନୀ ମଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ଅନ୍ୟତମ ଅତିଥିଭାବେ କନ୍ଧମାଳ ଜିଲ୍ଲାପାଳ ବେଦ ଭୂଷଣ, ବାଲିଗୁଡା ଉପଜିଲ୍ଲାପାଳ ପ୍ରଣୀତା ଦାସ, ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନାୟକ, ବାଲିଗୁଡା ଏସଡିପିଓ ରମେନ୍ଦ୍ର ପ୍ରସାଦ, ବ୍ଲକ ଅଧ୍ୟକ୍ଷ ସୁଶାନ୍ତ ପ୍ରଧାନ, ବିଡ଼ିଓ ପ୍ରୀତିରଞ୍ଜନ ରଥ, ତହସିଲଦାର ଧୀରୋଜ ପାତ୍ର, ଏମପି ପ୍ରତିନିଧି ବିଷ୍ଣୁ ଚରଣ ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ ପ୍ରଧାନ, ସରପଞ୍ଚ ଚନ୍ଦ୍ରିକା ମଲିକଙ୍କ ସମେତ ବହୁ ଅତିଥି ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ କୁମୁଦୁନୀ ମଲିକ ପରିଚାଳନା।

୬୦ ବର୍ଷର ବୁଟୁକି ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ

ଫିରିଙ୍ଗିଆ:୧୫।୧୧(ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା କ ନୂଆଗାଁ ବ୍ଲକ ବଞ୍ଚଗୁଡ଼ା ପଞ୍ଚାୟତ ଉପର କଙ୍ଗେରିକିଆ ଗ୍ରାମର ୬୦ ବର୍ଷୀୟ ବୃଦ୍ଧା ମାଁ ବୁଟୁକି ପ୍ରଧାନ ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ।ଏହି ବୃଦ୍ଧା ମାଁ ଛମାସ ହେବ ଭତ୍ତା ପାଇବା ପାଇଁ ପଞ୍ଚାୟତ ଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଦୌଡ଼ ଦୌଡ଼ି ଶେଷରେ ନିରାଶ ହୋଇ ଘରେ ଭୋକ ଉପାସରେ ବିତାଇ ନିଦ କାଟୁଥିବା ଖବର ମିଳିଛି। ନଜ ଘର ହେଉଛି ଉପର କଙ୍ଗେରିକିଆ ପଗ୍ରାମର ଅସହାୟ ଗରିବ



ଶ୍ରେଣୀର ବୃଦ୍ଧା ମାଁ ବୁଟୁକି ପ୍ରଧାନ। ଜିଲ୍ଲାର ଆଦି ବ୍ଲକର ବିଭିନ୍ନ ଗଳିକନ୍ଦି ଗ୍ରାମାଞ୍ଚଳରେ ବିଧବା ଭତ୍ତା ହେଉ କିମ୍ବା ବାର୍ଦ୍ଧକ୍ୟ ଭତ୍ତା ହେଉ ଭତ୍ତା ପାଉଥିବା ବେଳେ ୬୦ ବର୍ଷର ବୃଦ୍ଧା ମାଁ ଙ୍କୁ ଏ ପର୍ଯ୍ୟନ୍ତ କାହିଁକି ପ୍ରଶାସନର ଦୃଷ୍ଟି ପଡ଼ି ନାହିଁ।ଏହା ଏକ ଜିଲ୍ଲା ମହଲରେ ପ୍ରଶ୍ନବାଚି ସୃଷ୍ଟି ହେଇଛି। ଏଣୁ ବୃଦ୍ଧା ମାଙ୍କ ପ୍ରତି ପ୍ରଶାସନ ଦୃଷ୍ଟିରେ ରଖି ଏହି ଗରୀବ ଅସହାୟ ବୃଦ୍ଧା ମାଁ ଙ୍କୁ ଦୟାକରି ତାଙ୍କୁ ତୁରନ୍ତ ପଦକ୍ଷେପ ନେଇ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରିବା ନିମନ୍ତେ ବିନମ୍ର ଅନୁରୋଧ କରିଛନ୍ତି।

ବାସଗୃହ ଦୁଆରୁ ମଟରସାଇକେଲ୍ ଚୋରି

କଣାସ,୧୫।୧୧(ସଂଚାର ବ୍ୟୁର): କଣାସ ବ୍ଲକ ଅଞ୍ଜାରସିଂହ ଗ୍ରାମର ରମେଶ ଚନ୍ଦ୍ର ସାମନ୍ତରାୟଙ୍କ ବାସଗୃହ ଦୁଆର ମୁହଁରେ ରଖାଯାଇଥିବା ଗ୍ଲାମର ଓଡି ୨୧ଜି୬୭୧୬ ନମ୍ବର ମଟରସାଇକେଲ୍‌ଟିକୁ ୧୪ତାରିଖ ଶୁକ୍ରବାର ରାତିରେ କୌଣସି ଦୁବୃର୍ତ୍ତ ମଟରସାଇକେଲ ହ୍ୟାଣ୍ଡେଲ୍ ଚାବି ଭାଙ୍ଗି ନେଇଯାଇଥିବା ରମେଶ ଚନ୍ଦ୍ର ସାମନ୍ତରାୟ ଆଜି କଣାସ ଥାନାରେ ଏତେଲା ଦେଇ ଥିବା ଜଣାପଡ଼ିଛି। ଏତେଲା ପାଇ କଣାସ ଥାନା ଅଧିକାରୀ ପ୍ରଶନ୍ନ କୁମାର ନାୟକ ତଦନ୍ତ ଚଳାଇଛନ୍ତି। ପ୍ରକାଶଥାଉକି କିଛି ଦିନ ତଳେ କୋଟକଣା ଗ୍ରାମ, ବିଜିପୁର ବଜାର, ଜଙ୍କିଆ ବଜାର ଓ କଣାସ ଗୋଲାବଜାରରୁ କେତୋଟି ମଟରସାଇକେଲ୍ ଚୋରି ହୋଇଯାଇଥିଲେ ମଧ୍ୟ ଏହାର ସଂନ୍ଧାନ ମିଳିନାହିଁ। ବିଶେଷସୂତ୍ର ଖବର ମିଳେ ଚୋରି କରୁଥିବା ମଟରସାଇକଲ୍ ଗୁଡିକୁ ଦୁବୃର୍ତ୍ତମାନେ ବାହାରେ ବିକ୍ରି ନ କରି ମଟରସାଇକେଲ୍ ଗ୍ୟାରେଜ୍ ମାନଙ୍କରେ ବିକ୍ରି କରିଦେଉଛନ୍ତି। ମଟରସାଇକେଲ୍ ଗ୍ୟାରେଜ୍ ବାଲା ମଟରସାଇକେଲ୍ ଗୁଡିକ ସଂଗେ ସଂଗେ ଖୋଲି ପାର୍ଟସ୍ ବିକ୍ରି କରିଦେଉଥିବାରୁ ମଟରସାଇକେଲ୍ ଚୋରିର ସଂନ୍ଧାନ ମିଳୁନଥିବା ଜଣାପଡ଼ିଛି।

ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଶିଶୁ ଦିବସ ପାଳିତ



ଜଗତସିଂହପୁର,୧୫।୧୧(ସଂଚାର ବ୍ୟୁର): ଶୁକ୍ରବାର ଦିନ ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ (ଡିଆଇଇଟି), ଜଗତସିଂହପୁର ର ବାଲିକୁଦା ଥାରେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ପବିତ୍ର ଜନ୍ମତିଥି ଅବସରରେ ଶିଶୁ ଦିବସ ସମାରୋହ ପାଳିତ ହୋଇଛି। ପ୍ରତିଷ୍ଠାନର ଅଧ୍ୟକ୍ଷ ଶ୍ରୀ ରମେଶ ଚନ୍ଦ୍ର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସାଧାରଣ ସଭାରେ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ସଂପନ୍ନ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ଡିଆଇଇଟି ପରିସରରେ ଥିବା ବଗିଚା ଭିତରେ କର୍ମଚାରୀବୃନ୍ଦ ଏବଂ ପ୍ରଥମ ଓ ଦ୍ୱିତୀୟ ବର୍ଷର ଗୁରୁ ଛାତ୍ରଛାତ୍ରୀଙ୍କ ଦ୍ୱାରା ବୃକ୍ଷରୋପଣ କାର୍ଯ୍ୟକ୍ରମ ସଂପନ୍ନ କରାଯାଇଥିଲା। ପରବର୍ତ୍ତୀ ସମୟରେ ପ୍ରବନ୍ଧ, କବିତା ଆବୃତ୍ତି, ଭାଷଣ, ନୃତ୍ୟ, ଗୀତ, ରଙ୍ଗୋଲୀ ଇତ୍ୟାଦି ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଡିଆଇଇଟି ର ବରିଷ୍ଠ ଶି.ପ୍ର. ସ୍ମିତାଶ୍ରୀ ବିଶ୍ୱାଳ, ତ୍ରିଲୋଚନ ସାହୁ, ସୁଶାନ୍ତ କୁମାର ନାୟକ ଓ ଶି.ପ୍ର. ପ୍ରଜ୍ଞାଦୀପ୍ତି ସାହୁ, ଚିତ୍ତରଞ୍ଜନ ଦାସ ଏବଂ ଅଣଶିକ୍ଷା କର୍ମଚାରୀ ମିନତୀ କୁମାରୀ ସାହୁ, ଦେବିଶ୍ରୀ ପ୍ରିୟଦର୍ଶିନୀ ଦାଶ, ସୁକାନ୍ତ କୁମାର ସାହୁ ଆଦି ଉପସ୍ଥିତ ରହି ସମସ୍ତ କାର୍ଯ୍ୟକୁ ସୁଚାର ରୂପେ ସଂଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ବିଜୟୀ ହୋଇଥିବା ଗୁରୁ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମସ୍ତଙ୍କ ସକ୍ରିୟ ଅଂଶଗ୍ରହଣରେ ଶିଶୁ ଦିବସ ସମାରୋହ ସଫଳତାପୂର୍ଣ୍ଣ ଭାବରେ ସମାପ୍ତ ହେଇଥିଲା।

ନବରାତ୍ର ଓ ବିରାଟ ରାମଲୀଳା ମହୋତ୍ସବର ପ୍ରସ୍ତୁତି ବୈଠକ

ଭେଡେନ,୧୫।୧୧(ସଂଚାର ବ୍ୟୁରୋ): ଭେଡେନ ସ୍ଥିତ ବାବା ସିଦ୍ଧେଶ୍ୱର ମନ୍ଦିରରେ ଭେଡେନ ଗ୍ରାମବାସୀ ଙ୍କ ନବରାତ୍ର ଓ ବିରାଟ ରାମଲୀଳା ମହୋତ୍ସବ ର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ନାରରିକ କମିଟି ର ସଭାପତି ଶ୍ରୀ ସ୍ୱାଧୀନ ରଥ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ବୈଠକ ରେ ପୂର୍ବ ର ହିସାବ କିତାବ ହେବା ସାଙ୍ଗରେ କିପରି ଆଉ ଭବ୍ୟ ରୂପରେ ଏଥର ରାମଲୀଳା ମହୋତ୍ସବ କରାଯିବ ସେ ବିଷୟରେ ଆଲୋଚନା ହୋଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ କମିଟି ର ଉପ ସଭାପତି ସୁଶୀଲ ବେହେରା, ଟଙ୍କ ମେହେର, ସମ୍ପାଦକ ସତ୍ୟ ନାରାୟଣ ରଥ, ପ୍ରସନ୍ନ ବେହେରା, ସୁଶୀଲ ଅଦାବର, ଘନ ଅଗ୍ରୱାଲ ସମତେ ଅନେକ ଗ୍ରାମବାସୀ ଉପସ୍ଥିତ ଥିଲେ।


ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା



ବୈଶିଙ୍ଗା,୧୫।୧୧(ସଂଚାର ବ୍ୟୁର): ଖୁଣ୍ଟାପୁର ସ୍ଥିତ ଶ୍ରୀ ସତ୍ୟସାଇ ଉଚ୍ଚ ବିଦ୍ୟାଳୟ ର ୫୦ ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା କ୍ରୀଡା ଶିକ୍ଷୟିତ୍ରୀ ଜୟନ୍ତୀ ମହାପାତ୍ର ଙ୍କ ନେତୃତ୍ୱ ରେ ଏବଂ କୈଳାସ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ର କ୍ରୀଡା ଶିକ୍ଷକ ବିନ୍ନି ସଞ୍ଜୀବନ ବାରିକ ଙ୍କ ସହଯୋଗ ରେ ଦୁଇଦିନ ଧରି ସଫଳତା ର ସହିତ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସମରଜିତ ମହାପାତ୍ର କ୍ରୀଡା ପତାକା ଉତ୍ତୋଳନ କରିଥିବା ବେଳେ ବିଦ୍ୟାଳୟ ପରିଚାଳନା କମିଟି ର ସଭାପତି ପୁଷ୍ପାଞ୍ଜଳି ବେହେରା, ସଭ୍ୟ ଜୟନ୍ତ କୁମାର ପାତ୍ର, ରମାକାନ୍ତ ଦାସ, ତୁଷାରକାନ୍ତ ମହାନ୍ତ, ଶୁଚିସ୍ମିତା ମହାନ୍ତି ଓ ବରିଷ୍ଠ ଶିକ୍ଷକ ମୁକୁନ୍ଦ ସେନାପତି ପ୍ରମୁଖ ଏହାର ଶୁଭ ଉଦଘାଟନ କରିଥିଲେ। ସିନିୟର, ଜୁନିୟର ଏବଂ ସବ-ଜୁନିୟର ବିଭାଗ ର ସର୍ବମୋଟ ୩୫ ଟି ଖେଳ ରେ ୩୦୦ ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଚଳିତ ନଭେମ୍ବର ମାସ ୨୩ ତାରିଖ ରେ ଅନୁଷ୍ଠିତ ହେବାକୁ ଥିବା ବିଦ୍ୟାଳୟ ର ବାର୍ଷିକ ଉତ୍ସବ ରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ଙ୍କୁ ପୁରସ୍କୃତ କରାଯିବ।

ଭିନ୍ନକ୍ଷମ ବିଦ୍ୟାଳୟରେ ସମ୍ବର୍ଦ୍ଧନା ଉତ୍ସବ

ସୁବର୍ଣ୍ଣପୁର,୧୫।୧୧(ସଂଚାର ବ୍ୟୁର): ସୋନପୁର କଳାପଥର ସ୍ଥିତ ଜିଲ୍ଲା ଭିନ୍ନକ୍ଷମ ବିଦ୍ୟାଳୟ ଠାରେ ସମ୍ବର୍ଧନା ଉତ୍ସବ ତଥା ଶିଶୁ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ର ଉପ ସଭାପତି ହରି ନାରାୟଣ ତ୍ରିପାଠୀ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲାପାଳ ଡ଼. ନୃପରାଜ ସାହୁ ଯୋଗଦେଇ ଓଡ଼ିଶା ପ୍ରଶାସନିକ ପରୀକ୍ଷାରେ ଚଳିତ ବର୍ଷ ମନୋନୀତ



ହୋଇଥିବା ଅନୁଷ୍ଠାନ ର ଦୁଇଜଣ ପୂରାତନ ଛାତ୍ରଛାତ୍ରୀ ସୁଶ୍ରୀ ସ୍ମୃତିଶିଖା ଭୋଇ ଓ ବାହାଦୂର ଦେବତା ଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସମ୍ମାନୀତ ଅତିଥି ଭାବରେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ସୋନପୁର ଶାଖା ର ମୁଖ୍ୟ ପରିଚାଳକ ଲକ୍ଷ୍ମଣ କୁମାର ମାଝୀ ଓ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ ଯୋଗଦାନ କରିଥିଲେ। ମୁଖ୍ୟ ବକ୍ତା ଭାବରେ ରାଜ୍ୟ ସାମାଜିକ ସୁରକ୍ଷା ବିଭାଗ ର ଡେପୁଟି ସେକ୍ରେଟାରୀ ସନ୍ୟାସୀ କୁମାର ବେହେରା ଯୋଗଦେଇ ଭିନ୍ନକ୍ଷମ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିବା ବେଳେ ପ୍ରତିଷ୍ଠାତା ସମ୍ପାଦକ ଉତ୍ତମ ଚରଣ ଦେହୁରୀ ସଭା କାର୍ଯ୍ୟ ପରିଚାଳନା କରିଥିଲେ।

ପିଏମ୍ ଉଷା ତରଫରୁ ରାଜ୍ୟସ୍ତରୀୟ କର୍ମଶାଳା ଉଦଯାପନୀ ଉତ୍ସବ

ଧାମନଗର,୧୫।୧୧(ସଂଚାର ବ୍ୟୁର): ଧାମନଗର ମହାବିଦ୍ୟାଳୟ ପରିସରରେ ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ ତରଫରୁ ଶୀର୍ଷକ "ଇନଷ୍ଟିଚ୍ୟୁସନାଲ ପ୍ରିପେୟାର୍ଡନେସ ଫର ନାକ ଆକ୍ରିଡ଼ିଟେସନ 'ତ୍ରିଦିବସୀୟ ଏକ ରାଜ୍ୟସ୍ତରୀୟ କର୍ମଶାଳା ଗତ ୧୩ ତାରିଖରେ ଉଦଘାଟନ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଅଜୟ କୁମାର ବେଜଙ୍କ ପୌରୋହିତ୍ୟରେ ଉଦଘାଟନ ଦିବସ ଅବସରରେ ମୁଖ୍ୟଅତିଥି ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ର. ସନ୍ତୋଷ କୁମାର ତ୍ରିପାଠୀ ଓ କଲେଜ ବିକାଶ ପରିଷଦର ନିର୍ଦ୍ଦେଶକ ଡ. ସନ୍ତୋଷ କୁମାର ଅଗ୍ରୱାଲା ମୁଖ୍ୟବକ୍ତା, ଦ୍ୱିତୀୟ ଦିବସରେ ମୁଖ୍ୟଅତିଥି ଭାବେ ଓ. ଏସ



ଏଚ

SANCHAR
ସଂଚାର
ରବିବାର ୧୬ ନଭେମ୍ବର ୨୦୨୫

ସ୍ୱାସ୍ଥ୍ୟ

ଆଖି ପାଇଁ ଭାରି ଭଲ ତ୍ରାଟକ ଯୋଗ

ଆଜିକାଲି ଦୃଷ୍ଟିଶକ୍ତି ଜନିତ ସମସ୍ୟା ଧୀରେ ଧୀରେ ବଢ଼ିବାରେ ଲାଗିଲାଣି । ଅତ୍ୟଧିକ ମୋବାଇଲ୍ ବ୍ୟବହାର, କମ୍ପ୍ୟୁଟର ସାମନାରେ କାମ କରିବା ଓ କୌଣସି କାରଣ ବସତଃ ମାନସିକ ଅଶାନ୍ତି ଦେଖାଯାଉଛି। ଏ ସବୁଥିରୁ ମୁକ୍ତି ପାଇଁ ଆମେ ତ୍ରାଟକ ଯୋଗ କରିପାରିବା। ଏହି ଅଭ୍ୟାସ ଦ୍ୱାରା ଆଖି ପରିଷ୍କାର ଓ ଉଜ୍ଜଳ ଦେଖାଯାଏ । ସ୍ନାୟୁ ତନ୍ତ୍ରରେ ଭାରସାମ୍ୟ ଆସିଯାଏ, ସ୍ନାୟବିକ ଚାପ, ଉଦ୍‌ବେଗ, ଅବସାଦ ଏବଂ ଅନିଦ୍ରା ଦୂର ହୁଏ। ସ୍ମରଣ ଶକ୍ତି, ମନର ଏକାଗ୍ରତା ଓ ଇଚ୍ଛାଶକ୍ତିର ଉନ୍ନତି ହୁଏ। ତ୍ରାଟକ ଅର୍ଥ 'ଦେଖିବା'। ଏହା ଦୈହିକ ଓ ମାନସିକ ଅଭ୍ୟାସ ମଧ୍ୟରେ ଗୋଟିଏ ସୋପାନ ପରି ଯାହା ସାହାଯ୍ୟରେ ଉଚ୍ଚ ଚେତନାର ସ୍ଥିତିରେ ପହଞ୍ଚି ହୁଏ।



- ମହମବତୀ ଜଳାଇ ଗୋଟିଏ ଛୋଟ ଟେବୁଲ୍ ଉପରେ ରଖନ୍ତୁ ଯେପରି ବସିଲେ ତା'ର ଶିଖା ଆଖି ଉଚ୍ଚରେ ରହିବ।
- ଯେକୌଣସି ଆରାମଦାୟକ ଧ୍ୟାନାସନରେ ବସନ୍ତୁ, ଯେପରି ମୁଣ୍ଡ ଓ ମେରୁଦଣ୍ଡ ସିଧା ରହିବ।
- ନିଜର ସ୍ଥିତିକୁ ସଜାଡ଼ି ନିଅନ୍ତୁ ଯେପରି ମହମବତୀ ଗୋଟିଏ ହାତ ଦୂରରେ ରହିବ।
- ଆଖି ବନ୍ଦ କରନ୍ତୁ ଏବଂ ସାରା ଦେହ ଢିଲା କରନ୍ତୁ, ବିଶେଷ କରି ଆଖି।
- କିଛି ମିନିଟ୍ ପାଇଁ ଦେହର ସ୍ଥିରତା ପ୍ରତି ଲକ୍ଷ୍ୟ କରନ୍ତୁ। ଅଭ୍ୟାସ ଶେଷ ପର୍ଯ୍ୟନ୍ତ ଦେହ ସଂପୂର୍ଣ୍ଣ ସ୍ଥିର ରହିବ। ଆଖି ଖୋଲନ୍ତୁ, ବଳିତାର ଅଗକୁ ସ୍ଥିର ଭାବରେ ଦେଖନ୍ତୁ।
- ଶିଖା ସାମାନ୍ୟ ହଲି ପାରେ କିନ୍ତୁ ବଳିତାର ଅଗ ସବୁବେଳେ ସ୍ଥିର ରହିବ।
- ଚେଷ୍ଟା କରନ୍ତୁ ଯେପରି ଆଖିପତା ନ ପଡ଼େ ବା ଡୋଳା ନ ଘୂରେ।
- ଏହାଦ୍ୱାରା ଆଖିରେ ଜୋର୍ ପଡ଼ି ଆଖି ମିଟ୍ ମିଟ୍ ହୋଇପାରେ।
- ବଳିତାରେ ସତର୍କ ଦୃଷ୍ଟି ଏତେ କେନ୍ଦ୍ରୀଭୂତ ହେବ ଯେ, ଦେହରୁ ଲକ୍ଷ୍ୟ ଚାଲିଯିବ।
- ମନ ଘୂରିବାକୁ ଲାଗିଲେ ଧୀର ଭାବେ ମନକୁ ଅଭ୍ୟାସ ଆଡ଼କୁ ଆଣିବେ।
- ମିନିଟ୍, ଦୁଇ ମିନିଟ୍ ପରେ ଆଖି ହାଲିଆ ହୋଇଗଲେ ବା ପାଣି ବାହାରିଲେ ଧୀରେ ଆଖିକୁ ବନ୍ଦ କରନ୍ତୁ।
- ବନ୍ଦ ଆଖି ସାମନାରେ ଥିବା ସ୍ଥାନରେ ଶିଖାର ସ୍ପଷ୍ଟ ପ୍ରତିବିମ୍ବକୁ ରଖନ୍ତୁ।
- ଯଦି ଏହି ପ୍ରତିବିମ୍ବ ତଳକୁ ବା ଉପରକୁ ବା କଡ଼କୁ କଡ଼ ହେଉଛି, ତେବେ ଏହା ଦେଖନ୍ତୁ ଏବଂ ଏହାକୁ ସ୍ଥିର କରିବାକୁ ସ୍ଥିର କରନ୍ତୁ।
- ପ୍ରତିବିମ୍ବଟି ଫିକା ପଡ଼ିଗଲେ ପୁଣି ତା'କୁ ଭଲ ଭାବରେ ଦେଖିବାକୁ ଚେଷ୍ଟା କରନ୍ତୁ।
- ଯେତେବେଳେ ପ୍ରତିବିମ୍ବଟିକୁ ଆଉ ବନ୍ଦ ଆଖି ମଧ୍ୟରେ ଧରି ରଖିହେବ ନାହିଁ ସେତେବେଳେ ଧୀରେ ଆଖି ଖୋଲନ୍ତୁ ଏବଂ ପୁଣି ବଳିତା ଆଗକୁ ରଖନ୍ତୁ।
- ଖୋଲା ଆଖିରେ ପ୍ରଜ୍ୱଳିତ ଶିଖାରେ ପୁଣି ଏକାଗ୍ର ଭାବରେ ଦୃଷ୍ଟି ନିବଦ୍ଧ କରନ୍ତୁ।
- ଏହି ଭ୍ୟାସକୁ ୩ରୁ ୪ ଥର ପୁରାବୃତ୍ତି କରନ୍ତୁ।

ନୂତନ ଅଭ୍ୟାସକାରୀ ୧ରୁ ୨ ମିନିଟ୍ ପାଇଁ ମାତ୍ର ତ୍ରାଟକ କରିବେ। ସାଧାରଣ ଉଦ୍ଦେଶ୍ୟ ପାଇଁ ୧୦ ମିନିଟ୍ ଅଭ୍ୟାସ ଯଥେଷ୍ଟ। ଆଧ୍ୟାତ୍ମିକ ଜାଗରଣ ପାଇଁ ବା ଆଖିଦୋଷ ଦୂର କରିବା ପାଇଁ ଚିକିତ୍ସକ ବା ଶିକ୍ଷକଙ୍କ ପରାମର୍ଶରେ ଆହୁରି ଲମ୍ବା ସମୟ ଅଭ୍ୟାସ କରିପାରେ। ଅନିଦ୍ରା ବା ମାନସିକ ଚାପରେ ଆକ୍ରାନ୍ତ ବ୍ୟକ୍ତି ଶୋଇବା ପୂର୍ବରୁ ୧୦ରୁ ୧୫ ମିନିଟ୍ ତ୍ରାଟକ ଅଭ୍ୟାସ କରିଲେ ଭଲ ନିଦ୍ରା ହୋଇଥାଏ।

ଚା'-କଫି ନ ପିଇଲେ ମୁଣ୍ଡ ବିନ୍ଧାହୁଏ କାହିଁକି ?




କିଛି ଲୋକ ରହିଥାନ୍ତି, ଯେଉଁମାନଙ୍କ ଦିନ ଚା' ବା କଫି ବିନା ଆରମ୍ଭ ହୋଇ ନଥାଏ । ଯଦି କୌଣସି ଦିନ ଏହି ଏନର୍ଜି ବୁଷ୍ଟର ମିଳି ନଥାଏ, ତେବେ ସାରା ଦିନ ମୁଣ୍ଡ ଭାରି ଭାରି ଲାଗିଥାଏ । ଲକ୍ଷ ଲକ୍ଷ ଲୋକଙ୍କର ଏଭଳି ଅନୁଭବ ରହିଥିବ ନିଶ୍ଚୟ । ଚାଲନ୍ତୁ ଜାଣିବା ଏହା ପଛର ବାସ୍ତବ ସତ୍ୟ । ଚା'ବା କଫି ନ ପିଇବା ଦ୍ୱାରା ମୁଣ୍ଡବିନ୍ଧା ହେବା ଖୁବ୍ ସାଧାରଣ କଥା । ଏହା କ୍ୟାଫିନ୍ ୱିଡ୍ରଲ୍ କାରଣରୁ ହୋଇଥାଏ । ଫଳରେ ଚିଡଚିଡାପଣ ଓ ଧ୍ୟାନକେନ୍ଦ୍ରୀତ କରିବା କଷ୍ଟ ହୋଇପଡେ । ଆପୋଲୋ ହସ୍ପିଟାଲର ସିନିୟର୍ ନ୍ୟୁରୋଲୋଜିଷ୍ଟ ଡାକ୍ତର ସୁଧୀର କୁମାରଙ୍କ ମତରେ କ୍ୟାଫିନ୍ ୱିଡ୍ରଲ୍ ଏଥିପାଇଁ ଦାୟୀ । ଚାଲନ୍ତୁ ଜାଣିବା ଏହା ବିଷୟରେ । ଚା'-କଫିରେ ଥିବା କ୍ୟାଫିନ୍ ମସ୍ତିଷ୍କରେ ପ୍ରସ୍ତୁତ ହେଉଥିବା ରାସାୟନିକ ପଦାର୍ଥ ଏଡେନୋସିନ୍‌କୁ ବନ୍ଦ କରି ଦେଇଥାଏ । ଏହି ରସାୟନ ଆମକୁ ନିଦ ଓ ଥକ୍କାପଣର ଅନୁଭବ କରାଇଥାଏ । ଯଦି ଆପଣ ନିୟମିତ କଫି ପିଉଥାନ୍ତି । ତେବେ ମସ୍ତିଷ୍କ ଏହି ପରିବର୍ତ୍ତନକୁ ଗ୍ରହଣ କରି ନେଇଥାଏ । କିନ୍ତୁ ଯେଉଁଦିନ କଫି ପିଇବା ବନ୍ଦ କରିଦିଅନ୍ତି, ସେଦିନ ଏଡେନୋସିନ୍ ଅଚାନକ୍ ଭାବେ ଅଧିକ ସକ୍ରିୟ ହୋଇପଡେ । ଫଳରେ ମସ୍ତିଷ୍କର ରକ୍ତ କୋଷଗୁଡିକ ସଂପ୍ରସାରିତ ହେବା ସହ ମୁଣ୍ଡବିନ୍ଧା ଆରମ୍ଭ ହୋଇଥାଏ । କଫି ନ ପିଇବାର ୧୨ରୁ ୨୪ ଘଣ୍ଟା ଭିତରେ କ୍ୟାଫିନ୍ ୱିଡ୍ରଲ୍ ଲକ୍ଷଣ ଦେଖିବାକୁ ମିଳିଥାଏ । ମୁଣ୍ଡବିନ୍ଧା ସହ ମୁଡ୍ ଖରାପ ହେବା ଓ କାମ ଉପରେ ଧ୍ୟାନକେନ୍ଦ୍ରୀତ ନ ହେବା ପରି ଲକ୍ଷଣମାନ ଦେଖା ଦେଇଥାଏ । କେବେ କେବେ ଚା-କଫି ପିଉଥିବା ବ୍ୟକ୍ତିଙ୍କଠାରେ ୨/୩ ଦିନ ଯାଏ ମଧ୍ୟ ରହିଥାଏ । ଏପରିକି ଅତିରିକ୍ତ କଫି ପିଉଥିବା ଲୋକଙ୍କଠାରେ ଏହା ଏକ ସପ୍ତାହ ଯାଏ ମଧ୍ୟ ରହିପାରେ ।

ଡାକ୍ତରଙ୍କ କହିବା ଅନୁସାରେ ଯଦି କଫି ଛାଡିବାକୁ ଚାହୁଁନ୍ତି, ତେବେ ଧୀରେ ଧୀରେ କମ୍ କରିବା ସହ ଛାଡନ୍ତୁ । ଯଦି ନିୟମିତ ୨ କପ୍ କଫି ପିଉଥାନ୍ତି, ତେବେ ଧୀରେ ଧୀରେ ବନ୍ଦ କରିବାକୁ ପ୍ରୟାସ କରନ୍ତୁ । ଶରୀରରେ ପାଣିର ଅଭାବ ଯୋଗୁ ମଧ୍ୟ ମୁଣ୍ଡବିନ୍ଧା ହେବା ସହ ବଢ଼ି ମଧ୍ୟ ପାରେ । ମସ୍ତିଷ୍କ କ୍ୟାଫିନ ଅଭାବରେ ନିଜକୁ ସନ୍ତୁଳିତ କରିବା ପାଇଁ ସମୟ ନେଇଥାଏ । ତେଣୁ ପର୍ଯ୍ୟାପ୍ତ ମାତ୍ରାର ଆରାମ ନେବା ଆବଶ୍ୟକ ।

ଭିଟାମିନ୍ ବି୧୨ ଅଭାବରେ ସ୍ମୃତିଶକ୍ତି ହ୍ରାସ ପାଏ କି ?

ଭୁଲିଯିବା ଏବଂ ଚିନ୍ତାଧାରା ଧୀର ହେବା ପ୍ରାୟତଃ ବୟସ, ଚାପ କିମ୍ବା କାମର ଚାପ ହେତୁ ହୋଇଥାଏ । କିନ୍ତୁ କେତେକ ସମୟରେ ପ୍ରକୃତ କାରଣ ହେଉଛି ଭିଟାମିନ୍ ବି୧୨ ଅଭାବ। ମସ୍ତିଷ୍କ ଏବଂ ସ୍ନାୟୁ ସ୍ୱାସ୍ଥ୍ୟ ପାଇଁ ଅତ୍ୟାବଶ୍ୟକ ଏହି ପୁଷ୍ଟିକର ପଦାର୍ଥ ବିଶେଷକରି ବୟସ୍କ, ନିରାମିଷଭୋଜୀ ଏବଂ କିଛି ରୋଗ ଥିବା ରୋଗୀଙ୍କଠାରେ କମ୍ ଥାଏ। ଯଦି ଶୀଘ୍ର ଚିହ୍ନଟ କରାଯାଏ, ତେବେ ସ୍ମୃତି ଶକ୍ତି ଏବଂ ଚିନ୍ତା ଶକ୍ତି ହ୍ରାସ ପରି ଗମ୍ଭୀର ସମସ୍ୟାକୁ ରୋକାଯାଇପାରିବ। ବୈଜ୍ଞାନିକ ଅଧ୍ୟୟନଗୁଡ଼ିକ ନିରନ୍ତର ଭାବରେ ଦେଖାଇଛନ୍ତି ଯେ, ବୟସ ଏବଂ ଚାପ, ପୁଷ୍ଟିକର ଅଭାବ ସହିତ, ମସ୍ତିଷ୍କର କାର୍ଯ୍ୟକୁ ପ୍ରଭାବିତ କରେ। ଭିଟାମିନ୍ ବି-୧୨ ଅଭାବ ସବୁଠାରୁ ଅଧିକ ଧ୍ୟାନ ଦିଆଯାଉଛି। ଏହା ଏକ ଜଳ-ଦ୍ରବଣୀୟ ଭିଟାମିନ୍, ଯାହା ଆମେ ମୁଖ୍ୟତଃ ମାଂସ, ମାଛ, ଅଣ୍ଡା ଏବଂ କ୍ଷୀର ଉତ୍ପାଦରୁ ପାଇଥାଉ। ଏହା ମସ୍ତିଷ୍କ କୋଷଗୁଡ଼ିକୁ ସୁରକ୍ଷା ଦେବା, ସ୍ନାୟୁ ସଙ୍କେତଗୁଡ଼ିକୁ ସଠିକ୍ ଭାବରେ ପ୍ରସାରଣ କରିବା ଏବଂ ଶରୀରରେ ହୋମୋସିଷ୍ଟାଇନ୍ ସ୍ତରକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ। ଯେତେବେଳେ ବି-୧୨ ଅଭାବ ଥାଏ, ଏହି ସମସ୍ତ ପ୍ରକ୍ରିୟା ବାଧାପ୍ରାପ୍ତ ହୁଏ, ଯାହା ସ୍ମୃତି ଶକ୍ତି ହ୍ରାସ, ଧୀର ଚିନ୍ତା ଏବଂ ଦୁର୍ବଳ ଏକାଗ୍ରତା ଭଳି ସମସ୍ୟା ସୃଷ୍ଟି କରେ। ଭିଟାମିନ୍ ବି୧୨ ମସ୍ତିଷ୍କ ଏବଂ ସ୍ନାୟୁ ପ୍ରଣାଳୀକୁ ଅନେକ ପ୍ରକାରେ ସମର୍ଥନ କରେ। ଏହାର ସକ୍ରିୟ ରୂପ, ମିଥାଇଲକୋବାଲାମିନ୍, ଶରୀରରେ ହୋମୋସିଷ୍ଟିନ୍‌କୁ ମେଥିଓନିନ୍‌ରେ ପରିଣତ କରିବାରେ ସାହାଯ୍ୟ କରେ। ଏହି ପ୍ରକ୍ରିୟା ଡିଏନଏ ନିର୍ମାଣ ଏବଂ ନ୍ୟୁରୋଟ୍ରାନ୍ସମିଟର୍ ଉତ୍ପାଦନ ପାଇଁ ଅତ୍ୟାବଶ୍ୟକ। ଯେତେବେଳେ ବି୧୨ କମ୍ ଥାଏ, ହୋମୋସିଷ୍ଟିନ୍ ବୃଦ୍ଧି ପାଏ, ମସ୍ତିଷ୍କ କୋଷଗୁଡ଼ିକୁ ଆହୁରି କ୍ଷତି ପହଞ୍ଚାଏ। ଏହା ସ୍ମୃତି ଶକ୍ତି, ଶିକ୍ଷଣ ଏବଂ ଧ୍ୟାନକୁ ପ୍ରଭାବିତ କରେ। ଅନେକ ଅଧ୍ୟୟନରୁ ଜଣାପଡିଛି ଯେ, ଉଚ୍ଚ ହୋମୋସିଷ୍ଟିନ୍ ହିପୋକ୍ୟାମ୍ପସ୍ ଏବଂ ପ୍ରିଫ୍ରଣ୍ଟାଲ୍ କର୍ଟେକ୍ସରେ ପରିବର୍ତ୍ତନ ଆଣିପାରେ, ଯାହା ସ୍ମୃତି ଏବଂ ଚିନ୍ତାଧାରା ସହିତ ଜଡିତ ମସ୍ତିଷ୍କର କ୍ଷେତ୍ର। ଭିଟାମିନ୍ ବି-୧୨ର ଅନ୍ୟ ଏକ ରୂପ, ଆଡେନୋସିଲକୋବାଲାମିନ୍, ଶକ୍ତି ଉତ୍ପାଦନ କରିବାରେ ଏବଂ ସ୍ନାୟୁକୁ ସୁରକ୍ଷା ଦେଉଥିବା ସୁରକ୍ଷା ସ୍ତର ମାଏଲିନ୍ ଆବରଣର ଶକ୍ତି ବଜାୟ ରଖିବାରେ ସାହାଯ୍ୟ କରେ। ଏହାର ଅଭାବ ସ୍ନାୟୁ ସଙ୍କେତଗୁଡ଼ିକୁ ଧୀର କରିଦିଏ, ଯାହା ଭୁଲିଯିବା, ଏକାଗ୍ରତା ହ୍ରାସ କରିବା ଏବଂ ଚିନ୍ତାଧାରାକୁ ପ୍ରଭାବିତ କରେ। କିଛି କ୍ଷେତ୍ରରେ, ଦୀର୍ଘକାଳୀନ ଅଭାବ ଡିମେନ୍ସିଆର ଆଶଙ୍କା ମଧ୍ୟ ବଢ଼ାଇପାରେ। ବୟସ୍କ ଲୋକଙ୍କର ପେଟରେ ଏସିଡ୍ ସ୍ତର ପ୍ରାୟତଃ କମିଯାଏ, ଯାହା ସେମାନଙ୍କୁ ଖାଦ୍ୟରୁ ବି-୧୨ ସଠିକ୍ ଭାବରେ ଶୋଷଣ କରିବାରେ ବାଧା ଦେଇପାରେ। ଶାକାହାରୀ ଏବଂ ଭେଗାନମାନେ ମଧ୍ୟ ବିପଦରେ ଅଛନ୍ତି କାରଣ ବି-୧୨ ପ୍ରାକୃତିକ ଭାବରେ ଉଦ୍ଭିଦରେ ଉପସ୍ଥିତ ନାହିଁ।





ନଈଁକି ଫୋନ୍ ବ୍ୟବହାର କରିବା ଦ୍ୱାରା ମାନସିକ ସ୍ୱାସ୍ଥ୍ୟ ଉପରେ ପକାଏ ପ୍ରଭାବ

ଆଜିକାଲି ଦୁନିଆରେ ସ୍ମାର୍ଟଫୋନ୍ ଜୀବନର ଅବିଚ୍ଛେଦ ଅଙ୍ଗ ହେଇପଡିଲାଣି। ସକାଳେ ଆଖି ଖୋଲିବାଠାରୁ ରାତିରେ ଶୋଇବା ଯାଏ ମୋବାଇଲ୍ରେ ବିଭିନ୍ନ ଜିନିଷ ନିରୀକ୍ଷଣ କରିବା ଖୁବ୍ ସାଧାରଣ କଥା। ଏହି ରୁଟିନ୍ ଲାଇଫ୍ କେବଳ କର୍ମଜୀବୀଙ୍କ କ୍ଷେତ୍ରରେ ହୋଇ ନଥାଏ, ବରଂ ପିଲା ଓ ବୁଢା ସମସ୍ତଙ୍କଠାରେ ଏହି ମୋବାଇଲ୍ ପ୍ରେମ ଦେଖିବାକୁ ମିଳିଥାଏ। ଏହି ଅଭ୍ୟାସକୁ ଡୁମ୍ସ୍କ୍ରୋଲିଂ କୁହାଯାଏ। ଯେଉଁଥିରେ ଲୋକମାନେ ନିୟମିତ ଭାବେ ନକାରାତ୍ମକ ଖବର, ସୋସିଆଲ୍ ମିଡିଆ ଓ ନୋଟିଫିକେସନ୍‌ରେ ବୁଡି ରହିଥାନ୍ତି। ସାରାଦିନ ମୋବାଇଲ୍ ବ୍ୟବହାର ଯୋଗୁ ଏହାର ଧରିବା ଗୁରୁତ୍ୱପୂର୍ଣ୍ଣ। କାରଣ ଏହା ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇଥାଏ। ପୋଷ୍ଟର ଓ ମୁଡ୍‌ର ସଂଯୋଗ: ଡାକ୍ତରଙ୍କ ଅନୁସାରେ, ଶରୀରର ସ୍ଥିତି ଓ ଗତିଶୀଳତା ଆମର ବିଚାରଧାରା ଓ ଭାବନା ଉପରେ ପ୍ରଭାବ ପକାଇଥାଏ। ଯେଉଁ ଲୋକମାନେ ମୋବାଇଲ୍ ବ୍ୟବହାର ବେଳେ କାନ୍ଧକୁ ନୁଆଁଇ ବସିଥାନ୍ତି, ମୁଣ୍ଡକୁ ତଳକୁ କରି ଆଖିକୁ ଫୋନ ଉପରେ ରଖିଥାନ୍ତି। ଏହି ସ୍ଥିତିରେ ମସ୍ତିଷ୍କ ଥକ୍କାପଣ, ଉଦାସୀନତା ଓ ଚିନ୍ତାକୁ ସିଗ୍ନାଲ୍ ପଠାଇଥାଏ। ଏହାର ଓଲଟା ଯେଉଁ ଲୋକ ସିଧା ବସିବା, କାନ୍ଧକୁ ମୁକ୍ତ ଛାଡିଥାନ୍ତି ଓ ଛାତିକୁ ଉପରକୁ ରଖି ମୋବାଇଲ୍ ବ୍ୟବହାର କରୁଥାନ୍ତି। ସେମାନଙ୍କଠାରେ ଅଧିକ ଆତ୍ମବିଶ୍ୱାସ, ଶକ୍ତି ଓ ଖୁସି ଦେଖିବାକୁ ମିଳିଥାଏ। ସେମିତି ଦେଖିବାକୁ ଗଲେ ଏହାର ସିଧାସଳଖ କୌଣସି ପ୍ରଭାବ ନଥାଏ। କିନ୍ତୁ ସମସ୍ୟାକୁ ବଢାଇ ଦେଇଥାଏ। କାରଣ ଏକଲାପଣ ପୋଷ୍ଟରରୁ ଆଙ୍ଗ୍‌ଜାଇଟି ବା ଅବସାଦ ଆସି ନଥାଏ। କିନ୍ତୁ ଏହା ମହଜୁଦ୍ ମାନସିକ ଶକ୍ତିକୁ ଖରାପ କରିଦେଇଥାଏ।

ନିଶ୍ୱାସପ୍ରଶ୍ୱାସ ପ୍ରଣାଳୀ ଉପରେ ପ୍ରଭାବ: ଶରୀର ନଇଁବା ଦ୍ୱାରା ଫୁସଫୁସ୍ ଠିକ୍ ଭାବେ ସଂପ୍ରସାରିତ ହୋଇପାରେନା, ତେଣୁ ଶରୀରରେ ଅମ୍ଳଜାନର ମାତ୍ରା କମିଯାଇଥାଏ। ଫଳରେ ଥକ୍କାପଣ ଓ ଷ୍ଟ୍ରେସ୍ ବଢିଥାଏ। ରକ୍ତପ୍ରବାହର ମାତ୍ରା କମିଥାଏ: ରକ୍ତ ପ୍ରବାହ କମିବା ଦ୍ୱାରା ଶରୀର ଓ ମସ୍ତିଷ୍କ ଉଭୟ ଅଳସୁଆ ଅନୁଭବ କରିଥାନ୍ତି।

ହର୍ମୋନାଲ୍ ପରିବର୍ତ୍ତନ: ଲଗାତାର ନଇଁ ରହିବା ଦ୍ୱାରା ଷ୍ଟ୍ରେସ୍ ହର୍ମୋନ୍ କର୍ଟିସୋଲ୍ ବଢିଥାଏ। ଫଳରେ ଆଙ୍ଗଜାଇଟି ଓ ଚିଡଚିଡାପଣ ବଢିଥାଏ। ଯେଉଁ ଲୋକମାନେ ମୋବାଇଲ୍ ବ୍ୟବହାର ବେଳେ କାନ୍ଧକୁ ନୁଆଁଇ ବସିଥାନ୍ତି, ମୁଣ୍ଡକୁ ତଳକୁ କରି ଆଖିକୁ ଫୋନ ଉପରେ ରଖିଥାନ୍ତି। ଏହି ସ୍ଥିତିରେ ମସ୍ତିଷ୍କ ଥକ୍କାପଣ, ଉଦାସୀନତା ଓ ଚିନ୍ତାକୁ ସିଗ୍ନାଲ୍ ପଠାଇଥାଏ।

ଆନ୍ତଃରାଜ୍ୟ ଗଞ୍ଜେଇ ବେପାରୀ ସୁଧୀର ଗିରଫ



ସୁବର୍ଣ୍ଣପୁର,୧୫।୧୧ (ସଂଚାର ବ୍ୟୁରୋ): ଆନ୍ତଃ ରାଜ୍ୟ ଗଞ୍ଜେଇ ବେପାରୀ ସୁଧୀର ଗୁରୁ(୫୨)କୁ ଗିରଫ କରିବାରେ ସଫଳ ହୋଇଛି ସୁବର୍ଣ୍ଣପୁର ପୋଲିସ। ପଡୋଶୀ ବୌଦ୍ଧ ଜିଲ୍ଲା କଣ୍ଡାମାଳ ଥାନା ବରଡିପଦର ଗ୍ରାମର ଶ୍ରୀ ଗୁରୁ ଦୀର୍ଘଦିନ ଧରି ଆନ୍ତଃ ରାଜ୍ୟ ବେଆଇନ ଭାବେ ଗଞ୍ଜେଇ ଚୋରା ଚାଲାଣ ରାକେଟ ରେ ସାମିଲ ଥିଲେ। ସୁବର୍ଣ୍ଣପୁର ଜିଲା ତରଭା ପୋଲିସ ଆଇଆଇସି ଅନିତା କିଡୋ ଙ୍କ ନେତୃତ୍ୱରେ ଏକ ପୁଲିସ୍ ଟିମ୍ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ବିଚାରପତି ଜାମିନ ନାମଞ୍ଜୁର କରି ଦେଇଥିବାରୁ ତାଙ୍କୁ ସୋନପୁର ଉପକାରାଗାର ହାଜତକୁ ପଠାଇ ଦିଆଯାଇଛି। ଗତ ୧ ଜୁଲାଇ ରେ ତାଙ୍କ ନାମରେ ତରଭା ଥାନାରେ ଏକ ଏନଡିପିଏସ କେସ ନଂ ୧୬୩/୨୫ ମାମଲା ରୁଜୁ ହେବା ପର ଠାରୁ ସେ ଫେରାର ହୋଇଯାଇଥିଲେ। ସେହିପରି ପୂର୍ବରୁ ସୋନପୁର ଥାନାରେ ଏନଡିପିଏସ କେସ ନଂ ୧୨୯/୨୪ ଓ ତରଭା ଥାନାରେ ଏନଡିପିଏସ କେସ ନଂ ୧୭୮/୨୫ ରେ ମାମଲା ଥିବାବେଳେ ସେ ପୋଲିସ କୁ ଚକମା ଦେଇ କୁଆଡେ ଫେରାର ଥିଲେ। ତାଙ୍କୁ ଗିରଫ କରିବା ପାଇଁ ତରଭା ତଥା ସୁବର୍ଣ୍ଣପୁର ଜିଲ୍ଲା ପୋଲିସ ପକ୍ଷରୁ ବ୍ୟାପକ ତନାଘନା ଚଳାଇଥିବା ବେଳେ ସେ ଗିରଫ ଭୟରେ ଘର ଛାଡ଼ି ଉପାନ୍ତ ତଥା ଜଙ୍ଗଲରେ ରହୁଥିବା ଏସପି ନାରାୟଣ ନାୟକ ସୂଚନା ଦେଇଛନ୍ତି। ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିବା ପରେ ଏସପି ଶ୍ରୀ ନାୟକଙ୍କ ନିର୍ଦ୍ଦେଶ କ୍ରମେ ତାଙ୍କୁ ବଲାଙ୍ଗୀର ଜିଲା ଲୋଇସିଂହା ଅଞ୍ଚଳରେ ଚଢାଉ କରାଯାଇ ଗତକାଲି ଧରାଯାଇଛି। ଇନ୍ସପେକ୍ଟର ଟଙ୍କଧର ଛତ୍ରିଆ ଏହି ମାମଲାର ତଦନ୍ତ କରୁଥିବା ବେଳେ ସୁଧୀର ଗୁରୁ ନାମରେ ବୌଦ୍ଧ ଜିଲାର ବିଭିନ୍ନ ଥାନାରେ ମଧ୍ୟ ମାମଲା ଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି।

ଜିଲ୍ଲାସ୍ତରୀୟ ଜନଜାତି ଗୌରବ ଦିବସ ପାଳିତ

ନୀଳଗିରି,୧୫।୧୧ (ସଂଚାର ବ୍ୟୁରୋ): ଶନିବାର ଦିବା ୧ଘଟିକା ସମୟରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ ଠାରେ ଧରତୀ ଆବା ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଅବସରରେ ଜିଲ୍ଲା ସ୍ତରୀୟ ଜନଜାତି ଗୌରବ ଦିବସ -୨୦୨୫ ପାଳିତ ହୋଇଯାଇଛି। ଏହି ଜନଜାତି ଗୌରବ ଦିବସ କୁ ଭାରତ ସରକାରଙ୍କ ଜନଜାତି କଲ୍ୟାଣ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଗୁଜୁରାଟର ଦେଡିଆପଦା ଠାରେ ଆୟୋଜିତ ସମାବେଶରେ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀ ଯୋଗ ଦେଇ ସମବେତ ଜନଜାତି ଭାଇ ଭଉଣୀ ମାନଙ୍କୁ ଉତ୍ସାହିତ କରିବା ସହିତ ଉଦବୋଧନ ଦେଇଥିଲେ।



ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲ୍ଲା ସ୍ତରରେ ନୀଳଗିରିସ୍ଥିତ ଇଣ୍ଡୋର ଷ୍ଟାଡିୟମ୍ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗ ଦେଇ ଥିବା ବେଳେ ସମ୍ମାନୀୟ ଅତିଥି ଭାବେ ମାନ୍ୟବର ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ଅନ୍ୟାନ୍ୟ ବରେଣ୍ୟ ଅତିଥି ମାନଙ୍କ ମଧ୍ୟରେ ନୀଳଗିରି ପୌର ପରିଷଦ ଅଧ୍ୟକ୍ଷ ମହେନ୍ଦ୍ର ନାଥ ବେହେରା, ସମ୍ମାନନୀୟ ବାଲେଶ୍ୱର ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ସାଧାରଣ ସୁଧାକର ନାୟକ, ଜିଲ୍ଲା ମଙ୍ଗଳ ଅଧିକାରୀ ଦେବାଶିଷ ସ୍ୱାଇଁ, ତହସିଲଦାର ସୋନମ ଦାସ ପ୍ରମୁଖ ମଞ୍ଚାସିନ ଥିଲେ। ଏହି କାର୍ଯ୍ୟକ୍ରମରେ ମଙ୍ଗଳ ସଞ୍ଚାରଣ ଅଧିକାରୀ ଶୈକେନ୍ଦ୍ର ଶତପଥୀ ଅତିଥି ପରିଚୟ, ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ପରେ ମୁଖ୍ୟ ଅତିଥି ସମେତ ସମସ୍ତ ଅତିଥି ବୃନ୍ଦ ଜଗନ୍ନାଥଙ୍କ ଫଟୋ ନିକଟରେ ଧୂପ ଦୀପ ଜଳାଇ ସହ ଧରତୀ ଆବା ଭଗବାନ ବିର୍ସା ମୁଣ୍ଡାଙ୍କ ଫଟୋ ଚିତ୍ର ନିକଟରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ମାନ୍ୟବର ବାଲେଶ୍ୱର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ସମେତ ଅନ୍ୟାନ୍ୟ ବରେଣ୍ୟ ଅତିଥି ଗଣ ଭଗବାନ ବିର୍ସା ମୁଣ୍ଡାଙ୍କ ସଂଘର୍ଷ ଏବଂ ସଂଗ୍ରାମ ର ଇତିଗାଥା ସ୍ତୁତି ଚାରଣ କରିଥିଲେ। ଶୈଶବରେ ଶିକ୍ଷାରୁ ବଞ୍ଚିତ ହେବା ପରେ ଅନ୍ୟାୟ, ତ୍ୟାଚାର, ଶୋଷଣ, ଲୁଣ୍ଠନକାରି ଜମିଦାର, ସାହୁକାରଙ୍କ ବିରୋଧରେ ସ୍ୱର ଉତ୍ତୋଳନ ନିମନ୍ତେ ନିଜ ସମ୍ପ୍ରଦାୟର ଲୋକଙ୍କ ମଧ୍ୟରେ ଏକତାର ବୀଜ ବୁଣିଥିଲେ। ବ୍ରିଟିଶ ଶାସନ ବିରୋଧ ରେ ଦେଶ ମାତୃକାର ରକ୍ଷା, ନିଜର ଜଳ, ଜମି, ଜଙ୍ଗଲ ଅଧିକାର ପାଇଁ ଲଢେଇ କରି ୨୫ ବର୍ଷ ବୟସରେ ବ୍ରିଟିଶ୍ ଶାସନର ଅକଥନୀୟ ଅତ୍ୟାଚାର ଏବଂ ନିର୍ଯ୍ୟାତନାର ଶିକାର ହୋଇ ମୃତ୍ୟୁ ବରଣ କରିଥିଲେ। ସେହି ଅମର ସହିଦଙ୍କୁ ସମ୍ମାନ ନିମନ୍ତେ ଆଜିର ଏହି ଦିବସ ପାଳନ କରାଯାଉଥିବା ସମ୍ପର୍କରେ ଆଲୋକପାତ କରିଥିଲେ।



ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଅନୁଷ୍ଠିତ

ବାଲିକୁଦା,୧୫।୧୧(ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକରେ ଜିଲ୍ଲା ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ତରଫରୁ ଏକ ବ୍ଲକ ସ୍ତରୀୟ ମେଳା ଅନୁଷ୍ଠିତ ହୋଇଅଛି। ଏହି ମେଳାରେ ମୁଖ୍ୟ ଅତିଥି ଭାବେ ବାଲିକୁଦା ଏରସମା ନିର୍ବାଚନ ମଣ୍ଡଳୀର ବିଧାୟକ ସାରଦା ପ୍ରସନ୍ନ ଜେନା ଯୋଗ ଦେଇଥିବାବେଳେ ସମ୍ମାନୀୟ ଅତିଥି ଭାବେ ବାଲିକୁଦା ବ୍ଲକ ଅଧକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ବ୍ଲକ ଉପାଦ୍ଧକ୍ଷ୍ୟା ଶ୍ରୀମତୀ ପ୍ରିୟମ୍ବଦା ପଲାଉରୀ, ସାଂସଦଙ୍କ ପ୍ରତିନିଧି ପ୍ରଶାନ୍ତ କୁମାର ସ୍ୱାଇଁ, ବାଲିକୁଦା ମଞ୍ଚଳ ଉନୟନ ଅଧିକାରୀ ସାଗର କୁମାର ନନ୍ଦ ଉପସ୍ଥିତ ରହି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟକ୍ରମ ବିଷୟରେ ଉପସ୍ଥିତ ଚାଷୀ ମାନଙ୍କୁ ଅବଗତ କରାଇଥିଲେ। ଜିଲ୍ଲା ମୁଖ୍ୟ ପ୍ରାଣୀ ସମ୍ପଦ ବିଭାଗ ତରଫରୁ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡକ୍ଟର ଅଜୟ କୁମର ସାହୁ, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡକ୍ଟର ଶସାଙ୍କ ଶେଖର ନାୟକ, ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡକ୍ଟର ସ୍ୱାଗତ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ବିଭିନ୍ନ ପଞ୍ଚାୟତରୁ ଆସିଥିବା ଚାଷୀ କିଭଳି ସରକାରୀ ଯୋଜନାରୁ ଉପକୃତ ହୋଇ ସ୍ୱାବଲମ୍ବୀ ହେବେ ସେନେଇ ଚାଷୀ ମାନଙ୍କୁ ସଚେତନତା କରାଇଥିଲେ। ଏହି ମେଳାରେ ବାଲିକୁଦା ବ୍ଲକର ବିଭିନ୍ନ ଗ୍ରାମ ପଞ୍ଚାୟତର ଶତାଧିକ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଚାଷୀ ମାନେ ଯୋଗ ଦେଇଥିଲେ।

ଅଗ୍ରଦୂତ ନର୍ସିଂ ମହାବିଦ୍ୟାଳୟରେ ଶିଶୁ ଦିବସ ଓ ମଧୁମେହ ଦିବସ



ନୟାଗଡ଼,୧୫।୧୧ (ସଂଚାର ବ୍ୟୁରୋ): ନୟାଗଡ଼ ଜିଲ୍ଲା ବାଲୁଗାଁ ପଞ୍ଚାୟତ ଅନ୍ତର୍ଗତ ପାଣିପୋଇଲା ନିକଟରେ ଥିବା ଅଗ୍ରଦୂତ ନର୍ସିଂ ମହାବିଦ୍ୟାଳୟରେ ଶିଶୁ ଦିବସ ଓ ମଧୁମେହ ଦିବସ ପାଳିତ ହୋଇଯାଇଛି। ଆୟୋଜିତ ସଭାରେ ଅଧ୍ୟାପକ ଅଧ୍ୟାପିକା ମାନେ ନର୍ସିଂ ଛାତ୍ର ଛାତ୍ରୀଙ୍କ ମଧୁମେହ ରୋଗ ସଂପର୍କରେ ବିଶେଷ ଭାବରେ ଆଲୋଚନା କରିଥିଲେ। ତତ୍ ସହିତ ଶିଶୁ ଦିବସ ଓ ମଧୁମେହ ଦିବସକୁ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ବକ୍ତୃତା, ସଙ୍ଗୀତ, କୁଇଜ୍ ଓ ନୃତ୍ୟ ପ୍ରତିଯୋଗିତା କରାଯାଇଥିଲା। ଉକ୍ତ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ନର୍ସିଂ ମହାବିଦ୍ୟାଳୟରେ ଅଧ୍ୟାପକ ଅଧ୍ୟାପିକା ମାନେ ପୁରସ୍କାର ବିତରଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବହୁ ଛାତ୍ର ଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ଓ ଅଗ୍ରଦୂତ ନର୍ସିଂ ମହାବିଦ୍ୟାଳୟର କର୍ମଚାରୀ ମାନେ ଉପସ୍ଥିତ ଥିଲେ।

ଜିଲ୍ଲାସ୍ତରୀୟ ଜନଜାତି ଗୌରବ ଦିବସ ପାଳିତ

ନବନିର୍ମିତ ଏକଲବ୍ୟ ଆବାସିକ ବିଦ୍ୟାଳୟର ଶୁଭ ଉଦ୍‌ଘାଟନ

ନବରଙ୍ଗପୁର,୧୫।୧୧ (ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲା ସ୍ତରୀୟ ଜନଜାତି ଗୌରବ ଦିବସ ଆଜି ନବରଙ୍ଗପୁର ଜିଲ୍ଲର ଡାବୁଗାଁ ଠାରେ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମ ରେ ଲୋକସଭା ସାଂସଦ ବଳଭଦ୍ର ମାଝୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ବେଳେ ରାଜ୍ୟସଭା ସାଂସଦ ମଜିବୁଲ୍ଲା ଖାନ, ବିଧାୟକ ଗୌରୀ ଶଙ୍କର ମାଝୀ, ମନୋହର ରନ୍ଧାରୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଏହି ଅବସରରେ ଭଗବାନ ବିର୍ସା ମୁଣ୍ଡା ଙ୍କ ଗୌରବ ମୟ ଗାଥା ର ସ୍ତୁତି ଚାରଣ ସହ ଜନଜାତି ଙ୍କ ଉଦ୍ଦିଷ୍ଟ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କ ରେ ବକ୍ତା ମାନେ ମତ ପୋଷଣ କରିଥିଲେ। ଜନଜାତି ଗୌରବ ଦିବସ ଉପଲକ୍ଷେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା ଏଥି ସହ ଜିଲ୍ଲର ବିଭିନ୍ନ ବିଭାଗ ର ସମନ୍ୱୟ ରେ ଏକ ବିକାଶ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଜନଜାତି ଗୌରବ ଦିବସ ଉପଲକ୍ଷେ ଉମରକୋଟ, ଝରିଗାଁ ଓ ନବରଙ୍ଗପୁର ର ୩ ଟି ରାସ୍ତା କୁ ଭଗବାନ ବିର୍ସା ମୁଣ୍ଡା ଓ ଜନଜାତି ସ୍ୱାଧୀନତା ସଂଗ୍ରାମୀ ରବି ସିଂ ମାଝୀ ଓ ଶହୀଦ ଲକ୍ଷ୍ମଣ ନାୟକ ଙ୍କ ନାମ ରେ ନାମିତ କରାଯାଇଛି। ଏହା ବ୍ୟତୀତ ଭଗବାନ ବିର୍ସା ମୁଣ୍ଡା ଙ୍କ ୧୫୦ ତମ ଜନ୍ମ ବାର୍ଷିକୀ ପାଳନ ଅବସରରେ ନବ ନିର୍ମିତ ଏକଲବ୍ୟ ଆବାସିକ ବିଦ୍ୟାଳୟ ର ଶୁଭ ଉଦଘାଟନ ଆଜି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଜୀ ଙ୍କ ଦ୍ୱାରା ଆଭାସୀ ଜରିଆରେ ଅନୁଷ୍ଠିତ ହୋଇଛି।



ଜେଇ ବିରୁଦ୍ଧରେ ପଞ୍ଚାୟତ ପ୍ରତିନିଧି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

ବୋରିଗୁମ୍ଭା,୧୫।୧୧(ସଂଚାର ବ୍ୟୁର): ବୈପାରିଗୁଡ଼ା ବ୍ଲକ୍ ବୋଦାପୁଟ ପଞ୍ଚାୟତ ଦାୟିତ୍ୱରେ ଥିବା ଜଣେ କନିଷ୍ଠ ଯନ୍ତ୍ରୀ ଏକ ଏଷ୍ଟିମେଟ କରିବା ପାଇଁ ୨୦/୩୦ ହଜାର ଓ ପ୍ରତି ବିଲରେ ୩୦ ପ୍ରତିଶତ ଲାଞ୍ଚ ଦାବି କରୁଥିବା ଅଭିଯୋଗ କରି ପଞ୍ଚାୟତ ପ୍ରତିନିଧି ମାନେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପ୍ରତିନିଧି ମାନଙ୍କ ଅଭିଯୋଗ ଅନୁଯାୟୀ ସେ ଗତ ୮-୯ ମାସ ହେଲା ବୋଦାପୁଟ ପଞ୍ଚାୟତ ଦାୟିତ୍ୱରେ ଅଛନ୍ତି। ସେ ଦାୟିତ୍ୱ ଗ୍ରହଣ କରିବା ଠାରୁ ପଞ୍ଚାୟତରେ ବିକାଶ ମୂଳକ କାର୍ଯ୍ୟ ଏକ ପ୍ରକାର ଠପ୍ ହୋଇଯାଇଛି। ମନରେଗା ଯୋଜନାରେ ଏଷ୍ଟିମେଟ୍ କରିବା ପାଇଁ ଗୋଟେ ପ୍ରକଳ୍ପ ବାବଦରେ ୩୦ ହଜାର ଟଙ୍କା ଦାବି କରୁଥିବା ବେଳେ ଅନ୍ୟାନ୍ୟ କାମରେ ବିଲର ୩୦ ପ୍ରତିଶତ ଲାଞ୍ଚ ଦାବି କରୁଥିବା ଅଭିଯୋଗ ଉଠାଇଛନ୍ତି। କନିଷ୍ଠ ଯନ୍ତ୍ରୀଙ୍କ ମାନସିକତାକୁ ନେଇ ପଞ୍ଚାୟତ ପ୍ରତିନିଧି ଏବଂ ସାଧାରଣ ଲୋକ ଅତିଷ୍ଠ ହୋଇ ପଡ଼ିଛନ୍ତି। ତେଣୁ ତାଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଛି। ବୋଦାପୁଟ ନାଏବ ସରପଞ୍ଚ ନରସିଂହ ହନ୍ତାଳ, ସମିତି ସଭ୍ୟା କମଳା ହରିଜନ ପ୍ରମୁଖଙ୍କ ନେତୃତ୍ୱରେ ପ୍ରତିନିଧି ମାନେ ଜିଲ୍ଲାପାଳଙ୍କୁ ଭେଟି ତୁରନ୍ତ ଲାଞ୍ଚୁଆ ଯନ୍ତ୍ରୀଙ୍କୁ ବଦଳି କରିବା ନିମନ୍ତେ ଦାବି କରିଛନ୍ତି।



ବରିଷ୍ଠ ସାମ୍ବାଦିକ ଗୌରଚନ୍ଦ୍ର ପରିଛାଙ୍କ ବିୟୋଗରେ ଶୋକସଭା



ସୁବର୍ଣ୍ଣପୁର,୧୫।୧୧ (ସଂଚାର ବ୍ୟୁରୋ): ଓଡିଶା ସାମ୍ବାଦିକ ସଂଘ ସୁବର୍ଣ୍ଣପୁର ଜିଲ୍ଲା ଶାଖା ପକ୍ଷରୁ ଜିଲ୍ଲା ର ଉଲୁଣ୍ଡା ବ୍ଲକ ର ବରିଷ୍ଠ ସାମ୍ବାଦିକ ତଥା ସଂଘ ର ଉପଦେଷ୍ଟା ସ୍ୱର୍ଗତ ଗୌର ଚନ୍ଦ୍ର ପରିଛା ଙ୍କ ସ୍ମୃତି ଉଦ୍ଦେଶ୍ୟରେ ସ୍ଥାନୀୟ ବ୍ଲକ ସଭା ଗୃହ ଠାରେ ଏକ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ଭାବରେ ସୁବର୍ଣ୍ଣପୁର ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ଅଞ୍ଜଳୀନା ପଧାନ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଅର୍ଜୁନ ମାଝୀ, ସମ୍ମାନୀତ ଅତିଥି ଭାବେ ଡ଼. ଆର୍ତ୍ତ ତ୍ରାଣ ବାବୁ, ବରିଷ୍ଠ ସାମ୍ବାଦିକ ଶ୍ରୀ ପର୍ଶୁରାମ ମିଶ୍ର, ସମାଜ ସେବୀ ଶ୍ରୀବତ୍ସ ମଲ୍ଲିକ, ଆଇନ୍ ଜିବୀ ପ୍ରଦୀପ ପୁରୋହିତ, ବରିଷ୍ଠ ନାଗରିକ ଜ୍ୟୋତି ରଞ୍ଜନ ପଟ୍ଟନାୟକ ଯୋଗ ଦେଇ ସ୍ୱର୍ଗତ ପରିଛା ଙ୍କ ଫଟୋ ଚିତ୍ର ରେ ଧୂପ ଦୀପ ପୁଷ୍ପ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ପରେ ପରେ ସ୍ୱର୍ଗୀୟ ଅମର ଆତ୍ମା ର ଶାନ୍ତି ସଦ ଗତି ପାଇଁ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରା ଯାଇଥିଲା। ସଂଘର ଜିଲ୍ଲା ଶାଖା ସଭାପତି ଶ୍ରୀ ମନୋରଞ୍ଜନ ତ୍ରୀପାଠୀ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଛି ସଭା ରେ ଓଡ଼ିଶା ସାମ୍ବାଦିକ ସଂଘ ର ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ଦିଲ୍ଲୀପ ପାତ୍ର ଅତିଥି ପରିଚୟ ପ୍ରଦାନ କରି ସଭା ସଂଯୋଜନା କରିଥିଲେ।

● ପୁଷ୍ପଲତା ଏଚ ପି ଗ୍ୟାସ୍ ଏଜେନ୍ସି ର ୩୦ ବର୍ଷ ପୂର୍ତ୍ତି ପାଳନ

ଚକ୍ଷୁ ଚିକିତ୍ସା ଶିବିରକୁ ଉଦ୍‌ଘାଟନ କଲେ ଜିଲ୍ଲାପାଳ



ସୁବର୍ଣ୍ଣପୁର,୧୫।୧୧ (ସଂଚାର ବ୍ୟୁରୋ): ସୋନପୁର ପୁରୁଣା ମେଡିକାଲ୍ ପାର୍ଶ୍ୱ ରେ ଥିବା ପୁଷ୍ପଲତା ଏଚ ପି ଗ୍ୟାସ ଏଜେନ୍ସି ର ଆଜି ମହା ସମାରୋହ ରେ ୩୦ ବର୍ଷ ପୂର୍ତ୍ତି ପାଳନ ହୋଇ ଯାଇଛି। ଏହି ଉତ୍ସବ ରେ ମୁଖ୍ୟ ଅତିଥି ଭାବରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼. ନୃପ ରାଜ ସାହୁ ଯୋଗ ଦେଇ ଏହି ଏଜେନ୍ସୀ ର ୩୦ ବର୍ଷ ପୂର୍ତ୍ତି ଅବସର ରେ ଜନ୍ମ ଦିନ ର କେକ୍ କାଟି ଅନୁଷ୍ଠାନ ର ସମୃଦ୍ଧି ପାଇଁ ଶୁଭ କାମନା କରି ଥିଲେ। ଦୀର୍ଘ ୩୦ ବର୍ଷ ଧରି ସୋନପୁର ଓ ମନମୁଣ୍ଡା, କଣ୍ଡାମାଳ ଅଞ୍ଚଳ ରେ ୧୬ ହଜାର ରୁ ଉର୍ଦ୍ଧ୍ୱ ଏଚ ପି ଗ୍ୟାସ ଗ୍ରାହକ ଙ୍କୁ ଉତ୍ତମ ସେବା ପ୍ରଦାନ କରି ଆସୁଥିବା ବିଷୟ ଅବଗତ ହେବା ପରେ ଜିଲ୍ଲାପାଳ ଡ଼. ସାହୁ ଏଜେନ୍ସି ର ପ୍ରୋପାଇଟର ବାସନ୍ତୀ ନାଏକ ଙ୍କୁ ପ୍ରଶଂସା କରି ଥିଲେ। ଏହି ଅବସର ରେ ସମ୍ମାନୀତ ଅତିଥି ଭାବରେ ଜିଲ୍ଲା ଯୋଗାଣ ଅଧିକାରୀ ବିଧୁ ଭୂଷଣ ଦାଶ, ପ୍ରତିଷ୍ଠାତା ପୁଷ୍ପଲତା ନାଏକ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଅର୍ଜୁନ ମାଝୀ, ବରିଷ୍ଠ ନାଗରିକ ଦୁଃଖୀରାମ ନାଏକ, ପୁରୁଷୋତ୍ତମ ପାଣିଗ୍ରାହୀ ଯୋଗ ଦେଇଥିଲେ। ପରେ ପରେ ଏହି ଅବସର ରେ ଜିଲ୍ଲାପାଳ ଙ୍କ ଦ୍ୱାରା ଏକ ଚକ୍ଷୁ ଚିକିତ୍ସା ଶିବିର ଉଦ୍ଘାଟନ କରାଯାଇଥିବା ବେଳେ ଏଥିରେ ୬୦ ରୁ ଉର୍ଦ୍ଧ୍ୱ ଜଣ ଶିଶୁ ପୁରୁଷ ଓ ମହିଳା ଙ୍କ ଚକ୍ଷୁ, ବ୍ଲଡ ପ୍ରେସର୍, ବ୍ଲଡ ସୁଗର ର ପରୀକ୍ଷା କରା ଯାଇଥିଲା।

୬ ପ୍ରୋବେଶନର ଆଇଏଏସ୍‌ଙ୍କ ପୌରାଞ୍ଚଳ ଗସ୍ତ



ବୋରିଗୁମ୍ଭା/ଜୟପୁର,୧୫।୧୧(ସଂଚାର ବ୍ୟୁର): ନୂତନ ଭାବେ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ) ନିଯୁକ୍ତ ହୋଇଥିବା ୬ଜଣ ପ୍ରୋବେଶନର କୋରାପୁଟ ଜିଲ୍ଲା ଗସ୍ତ ଅବସରରେ ଆଜି ଜୟପୁର ପୌର କାର୍ଯ୍ୟାଳୟ ଏବଂ ସ୍ଥାନୀୟ ଅଞ୍ଚଳ ଗସ୍ତ କରିଥିଲେ। ଏହି ୬ଜଣ ପ୍ରଥମେ ଜୟପୁର ଓକଇଖଇ ପେ ?ରସଂସ୍ଥାକୁ ଯାଇ ଯାଇ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଉପଜିଲ୍ଲାପାଳ ଏ. ଶଶ୍ୟାରେଡ୍ଡୀଙ୍କ ସହିତ ପୌରାଞ୍ଚଳର ଚାଲିଥିବା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନା ସମ୍ପର୍କ ଉପରେ ଅବଗତ ହୋଇଥିବା ବେଳେ ଡାଲିମ ଗ୍ରହଣ କରିଥିଲେ। ଏହାପରେ ସେମାନେ କୁମ୍ଭାର ସାହି ସ୍ଥିତ ସହରାଞ୍ଚଳ ଚିକିତ୍ସାଳୟ ଠାରେ ପହଞ୍ଚି ଚିକତ୍ସା ବ୍ୟବସ୍ଥା ଏବଂ ମାଗଣା ଔଷଧ ପ୍ରଦାନ ସମ୍ପର୍କରେ ଅବଗତ ହୋଇଥିଲେ। ଏହାପରେ ପାଇଲ ସାହିସ୍ଥ ଥିବା ପୌର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ସରକାର ଶିକ୍ଷା ବ୍ୟବସ୍ଥା ଏବଂ ସ୍ମାର୍ଟ ଶ୍ରେଣୀ କକ୍ଷ ପରିଦର୍ଶନ ସହିତ ଶିକ୍ଷୟତ୍ରୀଙ୍କ ଶିକ୍ଷାଦାନ ପଦ୍ଧତି ସମ୍ପର୍କରେ ଅବଗତ ହୋଇଥିଲେ। ସେଠାରୁ ନାଗାର୍ଜି ସାହି ବସ୍ତି ଅଞ୍ଚଳରେ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀତା ନେଇ ପଚାରି ବୁଝିବା ସହ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସହିତ ଆଲୋଚନା କରିଥିଲେ। ଶେଷରେ ସହରର ଗୃହ, ଦୋକାନ ଓ ରାସ୍ତାରୁ ଉଦ୍ଧାର ହେଉଥିବା ଆବର୍ଜନା ଗୁଡିକକୁ ସ୍ଥାନୀୟ ମକାପୁଟ ସ୍ଥ